Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୧ ସଂଖ୍ୟା-୩୯ ୦୯ - ୧୫ ଅକ୍ଟୋବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-39 9th -15th October, 2017 BHUBANESWAR ₹ 5/- (8 Pages)

### ଓଡ଼ିଶା ରାଜନୀତିରେ ନୂଆ ସମୀକରଣ

## ଲୁଲୁଙ୍କ ପରିବାର ହାତରେ ପଦ୍ମ



### ଅଲେଖ, ଗଣେଶ୍ୱର ଯୋଗ ଦେଇପାରନ୍ତି

**ଭୁବନେଶ୍ୱର :** କଂଗ୍ରେସ ଦଳ ସହ ଦୀର୍ଘ ଦିନର ସମ୍ପର୍କକୁ ତ୍ୟାଗ କରି ପଦ୍ମ ଦଳର ହାତ ଧରିବାକୁ ଯାଉଛନ୍ତି ଦିବଂଗତ ନେତା ଲୁଲୁ ମହାପାତ୍ରଙ୍କ ପରିବାର। ଆସନ୍ତା ୧୪ ତାରିଖରେ ଲୁଲୁ ମହାପାତ୍ରଙ୍କ ଝିଅ ଉପାସନା ମହାପାତ୍ର ଓ ସାନଭାଇ ଲଳିତେନ୍ଦୁ ମହାପାତ୍ର ବିଜେପିରେ ଯୋଗ ଦେବେ ବୋଲି ଜଣାପଡିଛି। ଏଥିସହିତ ଲୁଲୁଙ୍କ ଅନୁଗତ ଥିବା କିଛି ପୂର୍ବତନ ବିଧାୟକ ମଧ୍ୟ ବିଜେପିରେ ଯୋଗଦେବାର ସମ୍ଭାବନା ରହିଛି। ସାରା ରାଜ୍ୟରେ ଲୁଲୁଙ୍କ ସମର୍ଥକ ରହିଥିବାରୁ ବିଜେପିରେ ଲୁଲୁଙ୍କ ପରିବାର ମିଶ୍ରଣ ଫଳରେ ଓଡ଼ିଶା ରାଜନୀତିରେ ନୂତନ ସମୀକରଣ ସୃଷ୍ଟି ହେବ ବୋଲି ଆଶା ପ୍ରକାଶ ପାଇଛି। ଗତ କିଛି ମାସ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ରାଜଭବନରେ ଲୁଲୁଙ୍କ ଝିଅ ଉପାସନାଙ୍କୁ ପାଇକ ଦାୟାଦ ଭାବରେ ସମ୍ବର୍ଦ୍ଧିତ କରିଥିଲେ। ଉପାସନାଙ୍କ ମୁଣ୍ଡରେ ହାତ ରଖି ମୋଦି ତାଙ୍କୁ ଆଶୀର୍ବାଦ ମଧ୍ୟ ଦେଇଥିଲେ। ଲୁଲୁଙ୍କ ତିରୋଧାନ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ଜିଲ୍ଲା ବ୍ରହ୍ମଗିରିର ଗଡ଼ରୋଡ଼ଙ୍ଗ ଯାଇ ତାଙ୍କ ପରିବାରକୁ ସାକ୍ଷାତ କରିଥିଲେ। ➤ ପୃ-୭

### ବିଜେପୁର ଉପନିର୍ବାଚନ, କଂଗ୍ରେସ ନିରବ

# ବିଜେଡି-ବିଜେପି କଡା ଟକ୍କର

**ଭୁବନେଶ୍ୱର :** ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ସରିବା ପରଦିନ ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିବ। ଅକ୍ଟୋବର ୨ରୁ ବିଜେଡିର ଏହି ଯାତ୍ରାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ ଯେ, ବିଜେଡି ବିରୋଧରେ ଅପପ୍ରଚାର ଚାଲିଛି। କିଛି ଦଳ ଶୂନ୍ୟରେ ମହଲ ତୋଳି ବିଜେଡିକୁ ବଦନାମ କରୁଛନ୍ତି। ହେଲେ ଓଡ଼ିଶାର ବିକାଶ ପାଇଁ ନିରନ୍ତର ଭାବେ କାର୍ଯ୍ୟ କରୁଛି ବିଜେଡି। ଫଳରେ ରାଜ୍ୟରୁ ୨୫% ଦାରିଦ୍ର୍ୟ ହ୍ରାସ ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଜେଡି ସର୍ବଦା କାମରେ ବିଶ୍ୱାସ କରେ ଏବଂ ମା', ମାଟି ଓ ମଣିଷ ପାଇଁ କାମ କରିଚାଲିଛି। ଗରିବ ଲୋକଙ୍କ ପାଇଁ ବିଜେଡି ସରକାର ଅନେକ କଲ୍ୟାଣକାରୀ ଯୋଜନା କରିଛି। ଓଡ଼ିଶାର ସ୍ୱାର୍ଥ ଓ ସୁରକ୍ଷା ପାଇଁ ଦଳ ସଂଗ୍ରାମ କରିଚାଲିଛି। ରାଜ୍ୟର ପ୍ରତି ଘରକୁ, ପ୍ରତି ପରିବାରକୁ ବିକାଶରେ ସାମିଲ କରିବା ପାଇଁ ଜନସମ୍ପର୍କ ଯାତ୍ରା



ମାଧ୍ୟମରେ ପ୍ରୟାସ ଜାରି ରହିଛି। ହେଲେ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁଁ ଓଡ଼ିଶା ଆଜି ପଛରେ ପଡିଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶାବାସୀଙ୍କୁ ଏହାର କଡା ମୁକାବିଲା ପାଇଁ ଆହ୍ୱାନ ଦେଇଛନ୍ତି। ଏଥିସହ ନବୀନ କହିଥିଲେ ଶିଶୁ ଓ ମାତୃ ମୃତ୍ୟୁହାର ସହ ଅନ୍ୟାନ୍ୟ ସାମାଜିକ ସୂଚକାଙ୍କରେ ଓଡ଼ିଶା ଜାତୀୟ ହାରଠାରୁ ଭଲ ସ୍ଥିତିରେ ରହିଛି ଏବଂ ଆହୁରି ମଧ୍ୟ କହିଥିଲେ ଯେ, ମିଶନ ଶକ୍ତି କାର୍ଯ୍ୟକ୍ରମ ମା' ମାନଙ୍କ ଆର୍ଥିକ ସ୍ଥିତିକୁ ସଶକ୍ତ କରିବା ସହ ବିକାଶ ସହ ଯୋଡିବାରେ ସଫଳ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ସୁଶାସନ ଓ ଉତ୍ତମ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ପୁରସ୍କୃତ ହୋଇଛି। ନୀତି ଆୟୋଗ ଓ ବିଶ୍ୱବ୍ୟାଙ୍କ ମଧ୍ୟ ଓଡ଼ିଶାକୁ ପ୍ରଶଂସା କରିଥିବା କଥା ମୁଖ୍ୟମନ୍ତ୍ରୀ ମନେ ପକାଇ ଦେଇଥିଲେ।

ଅନ୍ୟପକ୍ଷରେ ବିଜେଡିର ଲାଞ୍ଚ, ମିଛ ଓ ପ୍ରତାରଣାରୁ ରାଜ୍ୟବାସୀଙ୍କୁ ରକ୍ଷା କରିବା ଲାଗି ବିଜେପି ନବଦିନ ବ୍ୟାପୀ ଆନ୍ଦୋଳନର ସୂଚନା ଦେଇ ରାଜ୍ୟ ରାଜନୀତିକୁ ସରଗରମ କରିଦେଇଛି। ବିଜେଡି କେନ୍ଦ୍ରୀୟ ଅବହେଳା କଥା ସାଧାରଣ ଲୋକଙ୍କୁ ଜଣାଇବା ପାଇଁ ଅଭିଯାନ କରୁଥିଲା ବେଳେ ବିଜେପି ରାଜ୍ୟ ସରକାରଙ୍କ ଅପାରଗତା ଓ ଭ୍ରଷ୍ଟାଚାର ବିରୋଧରେ ଲୋକଙ୍କୁ କହିବାକୁ ପ୍ରସ୍ତୁତି ଚଳାଇଛି। ➤ ପୃ-୭

## ନିଯୁକ୍ତି ପାଇବେ ୨,୧୭୩ ନୂଆ ଡାକ୍ତର

**ଭୁବନେଶ୍ୱର :** ଡାକ୍ତର ଅଭାବ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଡାକ୍ତର ନିଯୁକତି ପ୍ରକ୍ରିୟା ଜାରି କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ୫୮୧ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବା ବେଳେ ପୁନର୍ବାର ୨୧୭୩ ଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଖୁବ୍‌ଶୀଘ୍ର ସହକାରୀ ସର୍ଜନ ପାହ୍ୟାର ଏହି ଡାକ୍ତରମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୧୭୩ ଡାକ୍ତର ନିଯୁକ୍ତି ନେଇ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଲେଖାଯାଇଛି। ଲୋକସେବା ଆୟୋଗ ପକ୍ଷରୁ ଆବଶ୍ୟକ ପରୀକ୍ଷା କରାଯାଇ ନିୟମିତ ପଦବୀରେ ଏହି ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯିବ। ଏଥିରେ ଅନୁସୂଚିତ ଜାତି ବର୍ଗର ୪୪୫ ଜଣ ଓ ଅନୁସୂଚିତ ଜନଜାତି ବର୍ଗର ୬୬୬ ଜଣ ଡାକ୍ତର ନିଯୁକ୍ତି ପାଇବେ। ୧୦୬୨ ପଦବୀ ଅସଂରକ୍ଷିତ ରଖାଯାଇଛି। ମହିଳାମାନଙ୍କ ପାଇଁ ୬୫୨ ପଦବୀ ସଂରକ୍ଷିତ ଅଛି।

# ଅସନ୍ତୁଷ୍ଟଙ୍କୁ ମନାଇଲେ ଧର୍ମେନ୍ଦ୍ର, ନବୀନ


### ମାନିଗଲେ ନାରାୟଣ, ପ୍ରଭାତ

**ଭୁବନେଶ୍ୱର :** ବିଜେପିରେ ଅଶୋକ ପାଣିଗ୍ରାହୀଙ୍କ ମିଶ୍ରଣକୁ ବିରୋଧ କରୁଥିବା ନାରାୟଣ ସାହୁଙ୍କୁ ବୁଝାଇବାରେ ଦଳର ନେତାମାନେ ସକ୍ଷମ ହୋଇଛନ୍ତି। ବିଜେପିର ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ବରଗଡ଼ ଜିଲ୍ଲା ବିଜେପିର ସଭାପତି ନାରାୟଣ ସାହୁ ସେ ଦଳରେ ଥିଲେ, ଅଛନ୍ତି ଓ ରହିବେ ବୋଲି କହିଛନ୍ତି। ବିଧାୟକ ଦଳର ନେତା କନକ ବର୍ଦ୍ଧନ ସିଂହଦେଓଙ୍କ ବାସଭବନରେ ବୈଠକ ପରେ ଶ୍ରୀ ସାହୁ କହିଛନ୍ତି, ସେ ବିଜେପିର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା। ସେ ଦଳର ନିଷ୍ପତ୍ତି ସହିତ ରହିବେ, ଦଳ ପାଇଁ କାମ କରିବେ ଓ ବିଜେପୁର ଉପ ନିର୍ବାଚନରେ ବିଜୟ ତାଙ୍କର ପ୍ରାଥମିକତା ହେବ। ଅଶୋକ ପାଣିଗ୍ରାହୀଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ସେ



କହିଛନ୍ତି, ଦଳର ସଂସଦୀୟ ବୋର୍ଡ ଯାହା ନିର୍ଣ୍ଣୟ କରିବ, ସେହି ଆଧାରରେ ସେ କାର୍ଯ୍ୟ କରିବେ। ତାଙ୍କ ପାଇଁ ବ୍ୟକ୍ତି ବଡ଼ ନୁହେଁ, ଦଳ ବଡ଼ ବୋଲି ସେ କହିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ ଜିଲ୍ଲା ସଭାପତି ପଦରୁ ଦାୟିତ୍ୱମୁକ୍ତ ହେବା ପାଇଁ ସେ ଇଚ୍ଛା ବ୍ୟକ୍ତ କରିଥିଲେ ମଧ୍ୟ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ରାଜ୍ୟ ନେତୃତ୍ୱ ତାଙ୍କ ଉପରେ ଭରସା ରଖି ଏହାକୁ ଅଗ୍ରାହ୍ୟ କରିଦେଇଥିବାରୁ ସେ ରାଜ୍ୟ ନେତୃତ୍ୱ ନିକଟରେ କୃତଜ୍ଞ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଶ୍ରୀ ସାହୁଙ୍କର ବ୍ୟକ୍ତିଗତ ମତ ରଖିବାର ପୂର୍ଣ୍ଣ ସ୍ୱାଧୀନତା ବିଜେପି ଭଳି ଗଣତାନ୍ତ୍ରିକ ଦଳରେ ଅଛି। ଠିକ ସମୟରେ ସମସ୍ୟାର ସମାଧାନ ହୋଇଛି। ଶ୍ରୀ ସାହୁ ଦାୟିତ୍ୱସମ୍ପନ୍ନ ଓ ଦଳ ତଥା ବିଚାରଧାରା ପ୍ରତି ସମର୍ପିତ କାର୍ଯ୍ୟକର୍ତ୍ତା। ସମସ୍ତେ ଦଳର ବିଜେପୁର ଉପନିର୍ବାଚନରେ ବିଜୟ ପାଇଁ ମନପ୍ରାଣ ଦେଇ କାମ କରିବେ ବୋଲି ସେ କହିଛନ୍ତି। ତେବେ ବିଜେପୁର ନିର୍ବାଚନ ମଣ୍ଡଳୀର ୭ଟି ଜିଲ୍ଲା ପରିଷଦ ଆସନରୁ ୬ଟି ଅକ୍ତିଆର କରିଥିବା ବିଜେପିର କର୍ମୀମାନେ ➤ ପୃ-୭

## କେମିଷ୍ଟ୍ରିରେ ୩ ଜଣଙ୍କୁ ନୋବେଲ୍



**ଷ୍ଟକହୋମ୍ :** ଚଳିତ ବର୍ଷ ରସାୟନ ବିଜ୍ଞାନରେ ୩ ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ଦିଆଯିବାକୁ ମନୋନୀତ କରାଯାଇଛି। ଜୈବ ରସାୟନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସ୍ୱିଜରଲ୍ୟାଣ୍ଡର ବୈଜ୍ଞାନିକ ଜ୍ୟାକ୍ ଡୁବୋଚେଟ୍, ଜର୍ମାନୀର ଜୋଆକିମ୍ ଫ୍ରାଙ୍କ୍ ଓ ସ୍କଟଲ୍ୟାଣ୍ଡର ରିଚାର୍ଡ ହେଣ୍ଡରସନ୍‌ଙ୍କୁ ନୋବେଲ ପୁରସ୍କାର ମିଳିବ ବୋଲି ରୟାଲ ସୁଇଡିସ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି। ଏହି ୩ ଜଣ ବୈଜ୍ଞାନିକ ଜୈବ ଅଣୁର ଇମେଜିଂକୁ ସରଳ କରିବାରେ ସହାୟକ ହେଉଥିବା କ୍ରାୟୋ-ଇଲେକ୍‌ଟ୍ରୋନ୍ ମାଇକ୍ରୋସ୍କୋପିର ବିକାଶ କରିଥିବାରୁ ଏମାନଙ୍କୁ ପୁରସ୍କାର ମିଳିବ। ଜ୍ୟାକ୍ ସ୍ୱିଇଜରଲ୍ୟାଣ୍ଡର ଲୁସାନେ ୟୁନିଭରସିଟିରେ କାର୍ଯ୍ୟ କରୁଥିଲା ବେଳେ ଫ୍ରାଙ୍କ୍ ନ୍ୟୁୟର୍କର କଲମ୍ବିଆ ➤ ପୃ-୭

## ମରୁଡ଼ି ପ୍ରଭାବିତ ଆଶଙ୍କାରେ ୧୧୪ ବ୍ଲକ୍

### ସମୀକ୍ଷା ପରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ଚଳିତ ବର୍ଷ ଜୁନ୍ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ୧୧ଟି ଜିଲ୍ଲାରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଏହି ସବୁ ଜିଲ୍ଲାର ୧୧୪ଟି ବ୍ଲକ୍ ମରୁଡ଼ି ପ୍ରଭାବିତ ହୋଇଥିବା ରାଜ୍ୟ ସରକାର ଆଶଙ୍କା ପ୍ରକାଶ କରିଛନ୍ତି। ଗତ ମଙ୍ଗଳବାର ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ବୃଷ୍ଟିପାତ ଓ ଫସଲ ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ପୁଣି ଥରେ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୧୫ ସୁଦ୍ଧା ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବା ପାଇଁ କୁହାଯାଇଥିବା ବେଳେ ଏହି ରିପୋର୍ଟକୁ ଆଧାର କରି ତଥା ମରୁଡ଼ି ପରିଚାଳନା ପାଇଁ ଥିବା ବିଭିନ୍ନ ମାପଦଣ୍ଡ ବିଚାରକୁ ନେଇ ଆସନ୍ତା ୩୦ ତାରିଖ ସୁଦ୍ଧା ପ୍ରକୃତ ସ୍ଥିତିର ଆକଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସଚିବାଳୟରେ ଏ ସମ୍ପର୍କିତ ବୈଠକ ପରେ ଜଣାପଡ଼ିଛି ଯେ ରାଜ୍ୟରେ ସ୍ୱାଭାବିକ ବର୍ଷାର ପରିମାଣ ୧୧୪୪.୩ ମିଲିମିଟର ହୋଇଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୦୨୮.୩ ମିମି ବର୍ଷା ହୋଇଛି। କେବଳ ଗଜପତି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ବାକି ୨୦ଟି ଜିଲ୍ଲାରେ ସ୍ୱାଭାବିକ



ବର୍ଷା ହୋଇଛି। ବାକି ୯ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ହାରାହାରି ୧୦.୧ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଛି। ସେହିପରି ଚଳିତ ଖରିଫ୍ ଋତୁରେ ଓଡ଼ିଶାରେ ୬୧.୫୨୫ ଲକ୍ଷ ହେକ୍ଟର୍ ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା ବେଳେ ୫୯.୮୦୯ ଲକ୍ଷ ହେକ୍ଟର୍ ଜମିରେ ଚାଷ କାର୍ଯ୍ୟ ହୋଇଛି। ତନ୍ମଧ୍ୟରୁ ୩୬.୨୬୧ ଲକ୍ଷ ହେକ୍ଟର୍ ଜମିରେ ଧାନ ଚାଷ କରାଯାଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୧୪ଟି ବ୍ଲକ୍ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ପ୍ରଭାବିତ ହୋଇଥିବା କୁହାଯାଇଛି। ସେହିପରି ଚାଷ ପାଇଁ ପ୍ରାୟ ୧୨ ଲକ୍ଷ ଚାଷୀ ସମବାୟ ବ୍ୟାଙ୍କରୁ ଋଣ ନେଇଛନ୍ତି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସହାୟତା ଦେବା ପାଇଁ ଅର୍ଥ ବିଭାଗ ➤ ପୃ-୭

## ପହଞ୍ଚିପାରୁନି ଆମ୍ବୁଲାନ୍ସ

### ଜଙ୍ଗଲ ରାସ୍ତାରେ ଗର୍ଭବତୀ

**ଉଲୁଣ୍ଡା :** ଗର୍ଭବତୀ ମହିଳାଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା ଥିଲେ ବି ଏହାର କାର୍ଯ୍ୟକାରିତା ପ୍ରତି କାହାରି ଦୃଷ୍ଟି ପଡୁନି। ଫଳରେ କେଉଁଠି ଖଟିଆରେ ତ ଆଉ କେଉଁଠି ଭାରରେ ବୁହାହୋଇ ଗର୍ଭବତୀ ମହିଳା ହସ୍ପିଟାଲକୁ ଆସୁଛନ୍ତି। ଦୁର୍ଗମ ଅଞ୍ଚଳରେ ଏଭଳି ସମସ୍ୟା ଦିନକୁ ଦିନ ଗୁରୁତର ହେଉଛି। ➤ ପୃ-୭



## ଟଙ୍କିକିଆ ଚାଉଳ ରାଜନୀତି; ଚାଲିଛି ଭାଗବଣ୍ଟା

**ଭୁବନେଶ୍ୱର :** ରାଜ୍ୟରେ ଗରିବଙ୍କୁ ଦିଆଯାଉଥିବା ଟଙ୍କିକିଆ ଚାଉଳକୁ ନେଇ ବିଭିନ୍ନ ସମୟରେ ରାଜନୈତିକ କନ୍ଦଳ ଉଠିଛି। କେନ୍ଦ୍ରରେ ଉପା ସରକାର ଅମଳରେ ଅତୀତରେ କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଓ ଜୟଦେବ ଜେନା ଏହି ପ୍ରସଙ୍ଗ ଉଠାଇଥିଲେ। ସେତେବେଳେ ଏହା ପୁଣି ଦବି ଯାଇଥିଲା। ଏବେ ପୁଣି ଏହି ବିବାଦ ଛିଡ଼ାକରାଇଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର। କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭଡ଼େକର୍ କହିଛନ୍ତି, ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ



ମିଳୁଥିବା ଚାଉଳ 'ନବୀନ ଚାଉଳ' ନୁହେଁ 'ମୋଦି ଚାଉଳ' ବୋଲି ଓଡ଼ିଆ ଲୋକେ ବୁଝିଲେଣି। ➤ ପୃ-୭

### ଘୁମେଇ ପଡିଛି ଆର୍‌ଡବ୍ଲ୍ୟୁଏସ୍‌ଏସ୍

# ଦୂଷିତ ପାଣି ନେଉଛି ଜୀବନ

**ରାୟଗଡ଼ା :** ଦୀର୍ଘ ବର୍ଷ ହେଲା ରାୟଗଡା ଜିଲ୍ଲା ପଦ୍ମପୁରରେ ପାନୀୟ ଜଳ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ପାଇପ୍ ଯୋଗେ ପଦ୍ମପୁର ସଦର ମହକୁମାର ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାଣି ଯୋଗାଇ ଦେବା ନିମନ୍ତେ ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ତେବେ ଲୋକଙ୍କୁ ଯଥେଷ୍ଟ ପରିମାଣର ପାନୀୟ ଜଳ ମିଳୁପାରୁନି । ଏପରିକି ପାଇପ୍ ଯୋଗେ ଲୋକେ ଦୂଷିତ ପାଣି ପାଉଛନ୍ତି। ଏହି ଦୂଷିତ ପାଣି ପିଇ ବହୁ ଲୋକ ସଂକ୍ରାମକ ରୋଗରେ ଆକ୍ରାନ୍ତ ଥିବା ବେଳେ ସ୍ଥାନୀୟ ଇନ୍ଦିରା ରଗରର ରାମ ସାହୁଙ୍କ ପରିବାରର ୨ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଦୀର୍ଘ ବର୍ଷ ହେଲା ଏହି ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ରାଜନେତା ଦୃଷ୍ଟି ଦେଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ପଦ୍ମପୁରବାସୀଙ୍କୁ ପାଇପ୍ ଯୋଗେ ପାଣି ଯୋଗାଇ ଦେବା ନିମନ୍ତେ ଗତ ୧୯୬୦ ମସିହାରେ ଦୀର୍ଘ ୮ କିଲୋମିଟର ଦୂର ବଂଶଧାରା ନଦୀର ଗୁମୁଡା ଠାରେ ପାନୀୟ ଜଳ ପ୍ରକଳ୍ପ



ନିର୍ମାଣ କରାଯାଇଥିଲା । ପରେ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଜଗମଣ୍ଡା ପାହାଡରେ ଏକ ପାଣି ଟାଙ୍କି ନିର୍ମାଣ କରାଗଲା । ତେବେ ଏହାପରେ ବି ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ମିଳୁନି । ମହିଳା ମାନେ ଷ୍ଟାଣ୍ଡ୍ ପୋଷ୍ଟ ନିକଟରେ ଘଣ୍ଟା ଘଣ୍ଟା ଧରି ପାଣି ନେବାକୁ ଅପେକ୍ଷା କରି ରହୁଛନ୍ତି । ଏପରିକି ପାଣି ପାଇଁ ବିଭିନ୍ନ ସମୟରେ ଗଣ୍ଡଗୋଳ ମଧ୍ୟ ହେଉଛି । କିଛି ଅଞ୍ଚଳକୁ ପର୍ଯ୍ୟାପ୍ତ ପରିମାଣର ପାଣି ପହଞ୍ଚୁଥିବା ବେଳେ ଅନ୍ୟ କିଛି ଅଞ୍ଚଳକୁ ପାଣି ସ୍ୱଳ୍ପ ମାତ୍ରାରେ ପହଞ୍ଚୁଛି । ➤ ପୃ-୭

## କେମିତି କଟିବ ଏ ସପ୍ତାହ

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି। ବ୍ୟବସାୟରେ ଉନ୍ନତି ଦେଖାଦେବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବ।


ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ପୁଣି ମୁଣ୍ଡ ଟେକିଲା ଡୋକଲାମ୍ ବିବାଦ

# ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କଲା ଚୀନ୍

**ନୂଆଦିଲ୍ଲୀ :** ସିକ୍କିମ୍ ସେକ୍ଟରର ଡୋକ୍‌ଲାମ୍ ଅଞ୍ଚଳରେ ଚୀନ୍‌ର ରାସ୍ତା ନିର୍ମାଣକୁ କେନ୍ଦ୍ର କରି ଦୀର୍ଘ ଦିନର ବିବାଦ ଦୂର ହେବାର ମାସକ ପରେ ପୁଣି ସେହି ବିବାଦ ମୁଣ୍ଡ ଟେକିଛି। ଗତ ମାସରେ ଡୋକ୍‌ଲାମ୍‌ର ଯେଉଁ ସ୍ଥାନରେ ବିବାଦର ସୂତ୍ରପାତ ହୋଇଥିଲା, ତାଠାରୁ ମାତ୍ର ୧୦ କି.ମି. ଦୂରରେ ଚୀନ୍ ୫୦୦ ସୈନ୍ୟଙ୍କ ଉପସ୍ଥିତିରେ ପୁଣି ରାସ୍ତା ନିର୍ମାଣ କରୁଛି। ଗତ ଜୁନ୍ ମଧ୍ୟଭାଗରେ ସିକ୍କିମ୍ ସୀମାର ଚିକେନ୍ସ ନେକ୍ ନିକଟରେ ଚୀନ୍ ପକ୍ଷରୁ ରାସ୍ତା ନିର୍ମାଣ ବେଳେ ଭାରତୀୟ ସେନା ସେଥିରେ ବାଧା ଦେଇଥିଲେ। ଫଳରେ ୭୦ ଦିନ ଧରି ଦୁଇ ଦେଶର ସେନା ମୁହାଁମୁହିଁ ଅବସ୍ଥାରେ ରହିଥିଲେ। ଭାରତୀୟ ସେନା ତୁରନ୍ତ ହଟିଯାଆନ୍ତୁ ବୋଲି ଚୀନ୍ ଯେତେ ତୁମ୍ବିତୋଫାନ କଲେ ମଧ୍ୟ ଭାରତ ସେଥିପ୍ରତି ଭ୍ରୂକ୍ଷେପ ନ କରି କୂଟନୈତିକ ସ୍ତରରେ ବିବାଦର ସମାଧାନ କରିବାକୁ ଉଦ୍ୟମ କରିଥିଲା। ଫଳରେ ଦୁଇ ଦେଶର ସେନା ପଛକୁ ହଟିଯିବାରୁ ବିବାଦର ସମାଧାନ ହୋଇଥିଲା। ମାତ୍ର ଚୀନ୍ ପୁଣି ଏବେ ସେହି ବିବାଦୀୟ ସ୍ଥଳର ୧୦ କି.ମି. ଦୂରରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିଥିବାରୁ ବିବାଦ ପୁନର୍ବାର ମୁଣ୍ଡ ଟେକିଛି। ଉଲ୍ଲେଖଯୋଗ୍ୟ ଯେ, ଡୋକ୍‌ଲାମ୍ ଅଞ୍ଚଳକୁ ବେଜିଂ ଓ ଭୁଟାନ ନିଜର ଅଞ୍ଚଳ ବୋଲି ଦାବି କରୁଛନ୍ତି। ତେବେ ଭାରତ ଭୁଟାନର ଦାବିକୁ ସମର୍ଥନ କରୁଛି। ଗତ ଥର ଚୀନ୍ ଯେଉଁ ସ୍ଥାନରେ ରାସ୍ତା ନିର୍ମାଣ କରୁଥିଲା, ସେହି ସ୍ଥାନରେ ଏବେ ନିର୍ମାଣ ସାମଗ୍ରୀ ଜମାହୋଇ ରହିଛି। ରାସ୍ତା ନିର୍ମାଣରେ ନିୟୋଜିତ ଶ୍ରମିକଙ୍କ ସହ ୫୦୦ ସୈନ୍ୟ ସେହି ପାଖାପାଖି ଅଞ୍ଚଳରେ ପହଞ୍ଚିଛନ୍ତି। ଚୀନ୍‌ର ୟାତୁଙ୍ଗ୍ ସହର ନିକଟବର୍ତ୍ତୀ ଏହି ଅଞ୍ଚଳରେ ଚୀନ୍ ସେନା ସ୍ଥାୟୀ ଘାଟି ନିର୍ମାଣ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି। ଏହି ଅଞ୍ଚଳରେ ଶୀତଦିନେ ପ୍ରବଳ ଥଣ୍ଡା ପଡୁଥିବାରୁ ସେଠାରେ ସ୍ଥାୟୀ ଘାଟି ହେବାର ସେଭଳି ସମ୍ଭାବନା ଜଣାପଡୁନଥିଲେ ମଧ୍ୟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଚୀନ୍ ସେନା ଆଗଭର ହେଉଥିବା ଜଣାପଡ଼ିଛି। ଏହି ନୂଆ ରାସ୍ତା ନିର୍ମାଣରୁ ବେଜିଂ ତା'ର ସୀମା ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ଥିବା ସୂଚିତ ହେଉଛି ବୋଲି ସେନାର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ମାସକ ତଳେ ସେନାଧ୍ୟକ୍ଷ ଜେନେରାଲ ବିପିନ୍ ରାୱତ ଚୀନ୍ ସେନାକୁ ପରୋକ୍ଷ ଧମକ ଦେଇ ଭାରତର ଧୈର୍ଯ୍ୟ ପରୀକ୍ଷା କରାନଯାଉ ବୋଲି କହିଥିଲେ। ଭାରତୀୟ ସେନା ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ସେ କହିଥିଲେ।



## 'ପାକିସ୍ତାନ, ଚୀନ୍ ସହ ଏକସଙ୍ଗେ ଯୁଦ୍ଧ କରିବା ପାଇଁ ବାୟୁସେନା ପ୍ରସ୍ତୁତ'

**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନା ଏକସଙ୍ଗେ ଚୀନ୍ ଓ ପାକିସ୍ତାନର ସଫଳ ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ। ଏୟାର ଚିଫ୍ ମାର୍ଶାଲ ବିଏସ୍ ଧାନୋଆ ଏହି ଦୃଢ଼ୋକ୍ତି କରିଛନ୍ତି। ଡୋକ୍‌ଲାମ୍‌ରେ ଭାରତ ଓ ଚୀନ୍ ସେନା ପୁଣି ମୁହାମୁହିଁ ଆଡ଼କୁ ଯାଉଥିଲା ବେଳେ ବାୟୁସେନା ମୁଖ୍ୟ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଏବେ ଡୋକ୍‌ଲାମ୍ ମାଳଭୂମିର ଚୁମ୍ବି ଉପତ୍ୟକାରେ ଚୀନ୍ ସୈନ୍ୟ ମହଯୁଦ ଅଛନ୍ତି। ଏହି ବିବାଦ ଦୂର ହୋଇପାରିଲେ ଉଭୟ ଦେଶ ପାଇଁ ମଙ୍ଗଳ ହେବ। ଭାରତୀୟ ବାୟୁସେନା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଧାନୋଆ ଗଣମାଧ୍ୟମକୁ କହିଛନ୍ତି, 'ପ୍ରକୃତରେ ଦୁଇ ପକ୍ଷ ସାମ୍ନାସାମ୍ନି ହେବାକୁ ଚାହୁଁନାହାନ୍ତି। କିନ୍ତୁ ସେମାନଙ୍କର ସୈନ୍ୟ ଏବେ ବି ଚୁମ୍ବି ଉପତ୍ୟକାରେ ମହଯୁଦ ଅଛନ୍ତି। ସେମାନଙ୍କର ସମରାଭ୍ୟାସ ସରିଗଲା ପରେ ସେନା ହଟିଯିବେ ବୋଲି ଆଶା କରାଯାଉଛି।' ପାକିସ୍ତାନର ଆଣବିକ ଅସ୍ତ୍ର ସମ୍ପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରାଯିବାରୁ ଧାନୋଆ କହିଛନ୍ତି, ସୀମା ଅତିକ୍ରମ କରି ଆକ୍ରମଣ କରିବାକୁ ବାୟୁସେନା ସମ୍ପୂର୍ଣ୍ଣ ସକ୍ଷମ। ଉଭୟ ଚୀନ୍ ଓ ପାକିସ୍ତାନର ମୁକାବିଲା କରିବାକୁ ଭାରତୀୟ ବାୟୁସେନା ସକ୍ଷମ ବୋଲି ଦୃଢ଼ୋକ୍ତି କରି ସେ କହିଛନ୍ତି, ଏଭଳି ପରିସ୍ଥିତି ସୃଷ୍ଟିହେବା ସମ୍ଭାବନା କମ୍। ଯଦି ରାତାରାତି ଉଦ୍ଦେଶ୍ୟ ବଦଳିଯାଏ, ତାହାହେଲେ ଶତ୍ରୁପକ୍ଷର କ୍ଷମତାକୁ ଆକଳନ କରି ଭାରତ ତା'ର ଜବାବ ଦେବାକୁ ପ୍ରସ୍ତୁତ ଅଛି। ଉଭୟ ପାର୍ଶ୍ୱରେ ଆକ୍ରମଣର ମୁକାବିଲା କରିବା ପାଇଁ ଆମର ୪୨ ସ୍କ୍ୱାର୍ଡନ ଯବାନ ଆବଶ୍ୟକ। ଏହାର ଅର୍ଥ ନୁହେଁ ଯେ, ଆମେ ଦୁଇ ପଟୁ ଯୁଦ୍ଧର ସାମ୍ନା କରିପାରିବୁ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଏବେ ଭାରତୀୟ ବାୟୁସେନାର ୩୩ ଲଢୁଆ ସ୍କ୍ୱାର୍ଡନ୍ ରହିଛି। ୨୦୩୨ ସୁଦ୍ଧା ୪୨ ଲଢୁଆ ସ୍କ୍ୱାର୍ଡନ୍ ପାଇଁ ବାୟୁସେନାକୁ ଅନୁମୋଦନ ମିଳିଛି ବୋଲି ଏୟାର ଚିଫ୍ ମାର୍ଶାଲ ଧାନୋଆ କହିଛନ୍ତି।



### ମୋର୍ଗାନ୍ ଷ୍ଟେନ୍‌ଲେ ରିପୋର୍ଟ

## ୨୦୨୭ ସୁଦ୍ଧା ଭାରତର ଜିଡିପି ୬ ଲକ୍ଷ କୋଟି ଡଲାର ଛୁଇଁବ

**ନୂଆଦିଲ୍ଲୀ :** ଆଗାମୀ ୧୦ବର୍ଷରେ ଭାରତ ହେବ ବିଶ୍ୱର ଦ୍ରୁତ ଅଭିବୃଦ୍ଧିକାରୀ ଅର୍ଥନୀତି। ୨୦୨୭ ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬ ଲକ୍ଷ କୋଟି ଡଲାର ଛୁଇଁବ ବୋଲି ବିଶ୍ୱର ଅଗ୍ରଣୀ ଆର୍ଥିକ ସେବା ପ୍ରଦାନକାରୀ ମୋର୍ଗାନ୍ ଷ୍ଟେନ୍‌ଲେ ପକ୍ଷରୁ ଏକ ରିପୋର୍ଟରେ ଆକଳନ କରାଯାଇଛି। ୧୯୯୦ରେ ଭାରତର ଜିଡିପି ଅଭିବୃଦ୍ଧି ୫.୮% ରହିଥିବାବେଳେ ୨୦୦୦ରେ ଏହା ୬.୯%କୁ ବୃଦ୍ଧି ଘଟିଛି। ଆଗାମୀ ଦଶନ୍ଧିରେ ମଧ ଏହି ଧାରା ଜାରି ରହିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ସରକାରଙ୍କ ପକ୍ଷରୁ ଡିଜିଟାଲ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପର ପ୍ରଭାବ ସ୍ୱରୂପ ଜିଡିପିରେ ଏଭଳି ବୃଦ୍ଧି ଦେଖିବାକୁ ମିଳିବ। ଡିଜିଟାଲୀକରଣ ଯୋଗୁଁ ଦେଶର ଜିଡିପି ଅଭିବୃଦ୍ଧିରେ ୭୫ ବେସିସ୍ ପଏଣ୍ଟ ଅଭିବୃଦ୍ଧି ଦେଖିବାକୁ ମିଳିବ ବୋଲି କୁହାଯାଇଛି। ଏହାଛଡା ଅଭିବୃଦ୍ଧି ୬ ଲକ୍ଷ କୋଟି ଡଲାରରେ ପହଞ୍ଚି ୨୦୨୬-୨୭ ସୁଦ୍ଧା ଏହା ଉଚ୍ଚ ମଧ୍ୟବିତ୍ତ ଆୟକାରୀଙ୍କ ମାନ୍ୟତା ହାସଲ କରିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ମାନୁଫାକ୍‌ଚରିଂ କ୍ଷେତ୍ରରେ ହ୍ରାସ ସହ ବିମୁଦ୍ରାୟନ ପଦକ୍ଷେପ ଯୋଗୁ କ୍ରମାଗତ ଭାବେ ଚଳିତ ଆର୍ଥିକବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ହାର ୫.୭%କୁ ହ୍ରାସ ଘଟିଛି। ୨୦୨୬-୨୭ ସୁଦ୍ଧା ଦେଶକୁ ମୋଟ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ଆଗମନ ୧୨୦ ବିଲିୟନ୍ ଡଲାରରେ ପହଞ୍ଚିବ। ସମ୍ପ୍ରତି ଏହା ୬୪ ବିଲିୟନ୍ ଡଲାର ରହିଛି।

## ଜିଏସ୍‌ଟି : ୨୭ ସାମଗ୍ରୀ ଶସ୍ତା

**ନୂଆଦିଲ୍ଲୀ :** ସୂତା, ପିନ୍, କ୍ଲିପ୍, କାକରା, ଗ୍ୟାସ୍ ଷ୍ଟୋଭ୍, ବସ୍ତ୍ର, ହସ୍ତଶିଳ୍ପ ସାମଗ୍ରୀ, ଅନ୍‌ବ୍ରାଣ୍ଡେଡ୍ ନମ୍‌କିନ୍, ଜରିକାମ, ଅନ୍‌ବ୍ରାଣ୍ଡେଡ୍ ଆୟୁର୍ବେଦିକ୍ ମେଡିସିନ୍, ଡିଜେଲ୍ ଇଞ୍ଜିନ୍ ପାର୍ଟସ୍ ଆଦି ମୋଟ ୨୭ଟି ସାମଗ୍ରୀ ଓ ଜବ୍ କଣ୍ଟ୍ରାକ୍ଟ ଭଳି ୧୨ଟି ସେବା ଉପରୁ ଜିଏସ୍‌ଟି ହାର କମାଇ ଦିଆଯାଇଥିବାରୁ ଏବେ ଏସବୁ ସାମଗ୍ରୀ ଓ ସେବା ଶସ୍ତା ହେବ। ରତ୍ନପଥର ଓ ଗହଣା ବେପାରକୁ ମନି ଲଣ୍ଡରିଂ ଆକ୍ଟରୁ ବାଦ୍ ଦିଆଯାଇଛି। ଏ ସଂକ୍ରାନ୍ତରେ ପରେ ନିଷ୍ପତ୍ତି ନିଆଯିବ। ୫୦ହଜାର କିମ୍ବା ତା'ଠାରୁ ଅଧିକ ମୂଲ୍ୟର ଗହଣା କିଣିଲେ 'ପ୍ୟାନ୍' ନମ୍ବର ଦେବା ନିୟମ ଥିଲା। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ବିଜ୍ଞାନ ଭବନରେ ଜିଏସ୍‌ଟି ପରିଷଦର ୨୨ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ଷକୁ ୧କୋଟି ୫୦ଲକ୍ଷ ଟଙ୍କା ଯାଏ କାରବାର କରୁଥିବା କ୍ଷୁଦ୍ର ଓ ମଧ୍ୟମ ବର୍ଗର ଉଦ୍ୟୋଗଗୁଡ଼ିକ ଏଣିକି ଅର୍ଥାତ୍ ଅକ୍ଟୋବର ୧ରୁ ପ୍ରତିମାସରେ ନୁହେଁ, ପ୍ରତି ୩ ମାସରେ ଟ୍ୟାକ୍ସ ରିଟର୍ଣ୍ଣ ଫାଇଲ୍ କରିବେ। ୧କୋଟି ୫୦ଲକ୍ଷ ଟଙ୍କାରୁ ଅଧିକ କାରବାର କରୁଥିବା ଉଦ୍ୟୋଗ ପ୍ରତିମାସରେ ଟ୍ୟାକ୍ସ ରିଟର୍ଣ୍ଣ ଫାଇଲ୍ କରିବେ। ବର୍ଷକୁ ୭୫ ଲକ୍ଷ ଟଙ୍କାରୁ କମ୍ ବ୍ୟବସାୟ କରୁଥିବା ସଂସ୍ଥା, ଦୋକାନ ଜିଏସ୍‌ଟି ରିଟର୍ଣ୍ଣ ଫାଇଲ୍ ନକରି କମ୍ପୋଜିସନ୍ ସ୍କିମ୍‌ରେ ୧ରୁ ୫% ଟ୍ୟାକ୍ସ ଦେବା ବ୍ୟବସ୍ଥା ଥିଲା। ସେହି ସୀମାକୁ ୧କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି। ଏହି ସ୍କିମରେ ଆସୁଥିବା ସଂସ୍ଥା ବା ଦୋକାନରୁ ଟର୍ଣ୍ଣଓଭର୍ ଉପରେ୧% , ମାନୁଫାକଚରିଂ ଫାର୍ମରୁ ୨% ଓ ରେଷ୍ଟୁରାଣ୍ଟରୁ ୫% ଟ୍ୟାକ୍ସ ସଂଗ୍ରହ କରାଯିବ। ରପ୍ତାନିକାରୀମାନେ ୬ ମାସ ପାଇଁ ଆଇଜିଏସ୍‌ଟି ରିଲିଫ୍ ପାଇବେ। ୬ମାସ ପରେ ଅର୍ଥାତ୍, ଆସନ୍ତା ବର୍ଷ ଏପ୍ରିଲ୍ ସୁଦ୍ଧା ଇ-ୱାଲେଟ୍ ଗେଟ୍‌ୱେ ବିକଶିତ କରାଯାଇ ପ୍ରତ୍ୟେକ ରପ୍ତାନିକାରୀଙ୍କୁ ଦିଆଯିବ। ଏସି ରେଷ୍ଟୁରାଣ୍ଟ ବିଲ୍‌ରେ ୧୮% ଜିଏସ୍‌ଟି ଲାଗୁ ପାଇଁ ଯାହା ବ୍ୟବସ୍ଥା ଥିଲା ତାହାକୁ ୧୨%କୁ କମାଇବା ପାଇଁ ପରିଷଦ ବୈଠକରେ ନୀତିଗତ ନିଷ୍ପତ୍ତି ନିଆଯାଇଛି। ବସ୍ତ୍ର ଉପରେ ଟ୍ୟାକ୍ସ ୧୮%ରୁ କମାଇ ୧୨% ରଖାଯାଇଛି। ସୂତା, କ୍ଲିପ୍ ଓ ପିନ୍ ଉପରେ ଲାଗୁଥିବା ୧୨% ଜିଏସ୍‌ଟିକୁ କମାଇ ୫% କରାଯାଇଛି। ହ୍ୟାଣ୍ଡିକ୍ରାଫ୍ଟସ୍ ସାମଗ୍ରୀଗୁଡ଼ିକ ଉପରେ ଲାଗୁ ଥିବା ୧୨% ଜିଏସଟି ୫%କୁ କମାଇ ଦିଆଯାଇଛି। ସରକାରୀ ୱାର୍କ କଣ୍ଟ୍ରାକ୍ଟ ଉପରେ ଜିଏସ୍‌ଟି ହାର ୧୨%ରୁ ୫%କୁ କମାଯାଇଛି। ଖାକରା, ଅନ୍‌ବ୍ରାଣ୍ଡେଡ୍ ନମକିନ୍, ଜରିକାମ, ଅନ୍‌ବ୍ରାଣ୍ଡେଡ୍ ଆୟୁର୍ବେଦିକ୍ ମେଡିସିନ୍ ଉପରେ ଜିଏସଟିକୁ ୧୨%ରୁ ୫%କୁ କମାଯାଇଛି। ଡିଜେଲ୍ ଇଞ୍ଜିନ୍ ପାର୍ଟସ୍ ଉପରେ ଜିଏସ୍‌ଟି ହାର ୨୮%ରୁ ୧୮%କୁ କମାଯାଇଛି। ପେଟ୍ରୋଲିୟମ୍ ଉତ୍ପାଦକୁ ଜିଏସଟି ପରିସରକୁ ଅଣାଯାଇନି। ବର୍ଷକୁ ୨୦ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ସେବା ଯୋଗାଣକାରୀ ବ୍ୟବସାୟ ସଂସ୍ଥା ଜିଏସଟି ପରିସରକୁ ଆସିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

## ୱେବ୍‌ସାଇଟ୍‌ରୁ ମିଳିବ ସୁପ୍ରିମ୍‌କୋର୍ଟ କଲେଜିୟମ୍ ନିଷ୍ପତ୍ତି

**ନୂଆଦିଲ୍ଲୀ :** ବିଚାରପତିମାନଙ୍କ ପଦୋନ୍ନତି ଓ ବଦଳି ପ୍ରଭୃତି ସମ୍ପର୍କରେ ସୁପ୍ରିମକୋର୍ଟ କଲେଜିୟମ୍ ନେଇଥିବା ନିଷ୍ପତ୍ତି ୱେବ୍‌ସାଇଟ୍‌ରୁ ଜାଣିହେବ। ନିଷ୍ପତ୍ତିରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ କଲେଜିୟମ୍ ଏଭଳି ପଦକ୍ଷେପ ନେଇଛି। ଗତ ୩ ତାରିଖରେ କଲେଜିୟମ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି। ୱେବ୍‌ସାଇଟ୍‌ରେ ପ୍ରଥମ କରି ଅପ୍‌ଲୋଡ୍ କରାଯାଇଥିବା ବିବରଣୀରେ ୩ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କ ନିଯୁକ୍ତି ସ୍ଥାନ ପାଇଛି। ଏହାଛଡ଼ା ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ୍‌ର ବିଚାର ବିଭାଗୀୟ ସଦସ୍ୟଙ୍କୁ ମାଡ୍ରାସ ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ୱେବ୍‌ସାଇଟ୍‌ରେ ପ୍ରଥମ କରି ସ୍ଥାନ ପାଇଥିବା କଲେଜିୟମ୍‌ର ନିଷ୍ପତ୍ତିରୁ ଏହା ଜଣାପଡ଼ିଛି।

## ଇଶିଗୁରୋଙ୍କୁ ସାହିତ୍ୟରେ ନୋବେଲ୍

**ଷ୍ଟକ୍‌ହୋମ୍ :** ଜାପାନ ଜନ୍ମିତ ବ୍ରିଟିଶ୍ ଔପନ୍ୟାସିକ କାଜୋ ଇଶିଗୁରୋଙ୍କୁ ଚଳିତ ବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର ମିଳିବ। ସ୍ୱିଡିସ୍ ଏକାଡେମୀ ପକ୍ଷରୁ ଏହା ଘୋଷଣା କରାଯାଇଛି। ସେ ତାଙ୍କର ବହୁଚର୍ଚ୍ଚିତ ଉପନ୍ୟାସ 'ଦି ରିମେନ୍ସ ଅଫ୍ ଦି ଡେ' ପାଇଁ ଏହି ପୁରସ୍କାର ପାଇବେ। 'ଭାବପ୍ରବଣତାର ଶକ୍ତି ଓ ବିଶ୍ୱ ସହ ଯୋଡ଼ିହେବାର ପରିକଳ୍ପନା' ତାଙ୍କ ଉପନ୍ୟାସର ବିଶେଷତ୍ୱ ବୋଲି ଏକାଡେମୀ ପକ୍ଷରୁ ଏହି ଘୋଷଣାରେ କୁହାଯାଇଛି। ଏହି ଉପନ୍ୟାସ ପାଇଁ ସେ ୧୯୮୯ରେ 'ମ୍ୟାନ୍ ବୁକର୍ ପ୍ରାଇଜ୍' ପାଇଥିଲେ। ଲଣ୍ଡନରେ ରହୁଥିବା ୬୨ ବର୍ଷ ବୟସ୍କ ଇଶିଗୁରୋ ଜାପାନର ନାଗାସାକିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୫ ବର୍ଷ ବୟସ ହୋଇଥିଲା ବେଳେ ତାଙ୍କ ପରିବାର ବ୍ରିଟେନ୍‌କୁ ଚାଲି ଆସିଥିଲେ। ତେବେ ସେ ପ୍ରାପ୍ତବୟସ୍କ ହେବା ପରେ କିଛି କାଳ ପାଇଁ ଜାପାନ ଯାଇଥିଲେ। ୧୯୮୨ରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ 'ଏ ପେଲ୍ ଭ୍ୟୁ ଅଫ୍ ହିଲ୍ସ' ଏବଂ ୧୯୮୬ରେ ପ୍ରକାଶିତ 'ଆନ୍ ଆର୍ଟିଷ୍ଟ ଅଫ୍ ଦି ଫ୍ଲୋଟିଙ୍ଗ୍ ୱାର୍ଲଡ୍' ପରମାଣୁ ବୋମା ବିଧ୍ୱସ୍ତ ନାଗାସାକିର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ। ସେ ୮ଟି ଉପନ୍ୟାସ ରଚନା କରିଛନ୍ତି ଏବଂ ବହୁ ଚଳଚ୍ଚିତ୍ର ଓ ଟେଲିଭିଜନ୍ ସୋ' ପାଇଁ ସ୍କ୍ରିପ୍ଟ ମଧ୍ୟ ଲେଖିଛନ୍ତି। ୨୦୧୫ରେ ତାଙ୍କର ପ୍ରକାଶ ପାଇଛି 'ନେଭର୍ ଲେଟ୍ ମି ଗୋ'। ସେ ଫିଓଡର୍ ଦସ୍ତୋୟେଭସ୍କି ଓ ମାର୍ସେଲ୍ ପ୍ରାଉଷ୍ଟଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ଯାହାକି ତାଙ୍କ ଉପନ୍ୟାସ ଚରିତ୍ରଗୁଡ଼ିକରେ ପରିଲକ୍ଷିତ ହୋଇଥାଏ। ତାଙ୍କୁ ଚଳିତ ବର୍ଷର ନୋବେଲ ପୁରସ୍କାର ମିଳିଥିବା ଖବରକୁ ସେ ପ୍ରଥମେ ବିଶ୍ୱାସ କରିପାରିନଥିଲେ। ସେ ପ୍ରତିକ୍ରିୟାରେ କୁହନ୍ତି, ଏହା ଗୁଜବ ବୋଲି ପ୍ରଥମେ ଭାବିଥିଲି। କାରଣ ନୋବେଲ କମିଟି ତାଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିଥିଲେ।



### ଜାତିସଂଘରେ ଭାରତର ଦୃଢ଼ ଜବାବ

# ପାକିସ୍ତାନ ପୁଣି ଖେଳିଲା କାଶ୍ମୀର କାର୍ଡ

**ଜାତିସଂଘ :** କଶ୍ମୀର ପ୍ରସଙ୍ଗ ଉଠାଇ ଜାତିସଂଘରେ ବାରମ୍ବାର ଅପଦସ୍ଥ ହୋଇଥିବା ପଡ଼ୋଶୀ ପାକିସ୍ତାନ ଏବେ ପୁଣିଥରେ ଏହି ପ୍ରସଙ୍ଗ ଉଠାଇ ଭାରତକୁ ବଦନାମ କରିବାକୁ ଚେଷ୍ଟା କରିଛି। ଏଥିସହ ପାକିସ୍ତାନରେ ଭାରତ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍‌କୁ ଇସ୍‌ଲାମାବାଦ ପକ୍ଷରୁ ପୁଣିଥରେ ମିଛ ବୋଲି କୁହାଯାଇଛି। ଜାତିସଂଘରରେ ଅବସ୍ଥାପିତ ପାକ୍ ପ୍ରତିନିଧି ମାଲେହା ଲୋଧି କଶ୍ମୀରରେ ଭାରତ କେମିତି ଆତଙ୍କବାଦ କାର୍ଯ୍ୟକଳାପ ଜାରି ରଖିଛି ତାହା ବିଶ୍ୱକୁ ଜଣାଇବାକୁ ଚେଷ୍ଟା କରିଛନ୍ତି। ଭାରତ ମଧ ଏହାର କଡ଼ା ଜବାବ୍ ଦେଇଛି। କଶ୍ମୀରରେ ଭାରତ କ'ଣ କରୁଛି, ତାହା ବିଶ୍ୱବାସୀ ଭଲ ଭାବେ ଜାଣିଛନ୍ତି। ପାକିସ୍ତାନ କେବଳ ଏକାମାତ୍ର ଦେଶ ଯିଏ, କଶ୍ମୀରରେ ଭାରତ ଆତଙ୍କବାଦ କାର୍ଯ୍ୟକଳାପ ଜାରି ରଖିଛି ବୋଲି କହୁଛି। ଏହା କେବଳ ଜାତିସଂଘକୁ ଭୁଆଁ ବୁଲାଇବା ସହ ସମାନ ବୋଲି ଭାରତ ପକ୍ଷରୁ ଜବାବ୍ ଦିଆଯାଇଛି। ଜାତିସଂଘର ଜେନେରାଲ୍ ଆସେମ୍ବ୍ଲିର ବିତର୍କରେ ଭାଗ ନେଇ ପାକିସ୍ତାନ ରାଷ୍ଟ୍ରଦୂତ ତଥା ସ୍ଥାୟୀ ସଦସ୍ୟ ମାଲେହା ଲୋଧି କହିଛନ୍ତି ଯେ, ଭାରତ ସବୁ କଥାରେ କେବଳ ମିଛ କହିବା ଜାଣିଛି। ପାକିସ୍ତାନକୁ ଉସକାଇବା ପାଇଁ ତଥା ଇସଲାମାବାଦରେ ହିଂସା ସୃଷ୍ଟି କରିବା ପାଇଁ ଭାରତ ଅପଚେଷ୍ଟା କରୁଛି। ଭାରତ ନିକଟରେ କହିଥିଲା ଯେ ନୂଆଦିଲ୍ଲୀ ପକ୍ଷରୁ ଏଲଓସି ଡେଇଁ ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଛି। କିନ୍ତୁ ଏହା ସଂପୂର୍ଣ୍ଣ ମିଛ। ପାକିସ୍ତାନରେ ଆଜି ଯାଏ କୌଣସି ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇ ନାହିଁ। ଭାରତ ଯଦି ଅଧିକ ପ୍ରତିକ୍ରିୟାଶୀଳ ହେବ, ତା'ହେଲେ ତା'ରି ଭାଷାରେ ତାକୁ ଜବାବ୍ ଦେବାକୁ ପାକିସ୍ତାନ କେବେ ପଛାଇବ ନାହିଁ। ସର୍ଜିକାଲ ଷ୍ଟ୍ରାଇକ୍ କରିଛି ଓ ଆଗାମୀ ଦିନରେ ଦରକାର ପଡ଼ିଲେ ପୁଣି ସର୍ଜିକାଲ ଷ୍ଟ୍ରାଇକ୍ ହେବ ବୋଲି ଭାରତ ଯେଉଁ ଧମକ ଦେଉଛି, ତାହା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ। ଭାରତ କେବେ ହେଲେ ପାକିସ୍ତାନର ଶକ୍ତିକୁ ଅଣଦେଖା କରିବା ଉଚିତ ନୁହେଁ। କଶ୍ମୀର ପ୍ରସଙ୍ଗରେ ଭାରତକୁ ବଦନାମ କରିବାକୁ ଚେଷ୍ଟା କରି ଲୋଧି କହିଛନ୍ତି କଶ୍ମୀରବାସୀଙ୍କ ଉପରେ ଭାରତ ପ୍ରତିଦିନ ଅତ୍ୟାଚାର କରି ଚାଲିଛି। ଏଥିରୁ ବିଶ୍ୱର ଧ୍ୟାନଚ୍ୟୁତ କରିବା ପାଇଁ ଭାରତ ପ୍ରାୟ ପ୍ରତିଦିନ ଅନ୍ତର୍ଜାତୀୟ ନିୟନ୍ତ୍ରଣ ରେଖାରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ପାକିସ୍ତାନ ସୀମାକୁ ଗୁଳିମାଡ଼ କରୁଛି। ଜାତିସଂଘରେ ପାକିସ୍ତାନର ଏପରି ମିଛ ପ୍ରଚାରର ଦୃଢ଼ ଜବାବ୍ ଦେଇଛି ଭାରତ। ଜାତିସଂଘରେ ଅବସ୍ଥାପିତ ଭାରତର ପ୍ରଥମ ସ୍ଥାୟୀ ସଚିବ ଇନମା ଗମ୍ଭୀର ରାଇଟ ଟୁ ରିପ୍ଲାଏରେ କହିଛନ୍ତି କଶ୍ମୀର ପ୍ରସଙ୍ଗରେ ଭାରତ କ'ଣ କରୁଛି, କେବଳ ପାକିସ୍ତାନ ହିଁ ଜାଣି ପାରୁଛି। ପାକିସ୍ତାନ ବିଶ୍ୱରେ ଏକାମାତ୍ର ସ୍ୱର ଭାବେ କଶ୍ମୀର ପ୍ରସଙ୍ଗ କଥା ଉଠାଉଛି। ପାକିସ୍ତାନ ବାରମ୍ବାର କଶ୍ମୀର ପ୍ରସଙ୍ଗ ଉଠାଇ କ'ଣ ପ୍ରମାଣିତ କରିବାକୁ ଚାହୁଁଛି ବୁଝାପଡୁନି ? ଏପରି ନିରର୍ଥକ ପ୍ରସଙ୍ଗ ଉଠାଇ ପାକିସ୍ତାନ ଅଗଷ୍ଟମାସରେ ଜାତିସଂଘର ମୂଲ୍ୟବାନ ସମୟ ନଷ୍ଟ କରିଥିଲା। ଏବେ ପୁଣି ସମାନ କଥା ଉଠାଉଛି। ତେଣୁ ପାକିସ୍ତାନ ନିଜର ଆତଙ୍କବାଦ କାର୍ଯ୍ୟକଳାପକୁ ବନ୍ଦ କରିବାକୁ ଚାହୁଁ ନାହିଁ।







# ଅକ୍ଟୋବର ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ

**କଟକ :** କଳାଧନ ପ୍ରସଙ୍ଗରେ ତଦନ୍ତ କରୁଥିବା ଏସ୍‌ଆଇଟି ତଦନ୍ତ କମିଟି ଚଳିତ ମାସ ଶେଷ ସୁଦ୍ଧା କେନ୍ଦ୍ର ସରକାରଙ୍କୁ ଏହାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବ। ତଦନ୍ତ କମିଶନ ସେପ୍ଟେମ୍ବର ମାସରେ ଏହାର ରିପୋର୍ଟ ପ୍ରଦାନ କରିବାକୁ ଥିବାବେଳେ ଅକ୍ଟୋବର ଶେଷ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ପୂର୍ବରୁ ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମାନୁଷ୍ଠାନରୁ ଠାବ ହୋଇଥିବା ୨୬ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ନେଇ ତଥ୍ୟ ରଖାଯାଇଥିଲା। ଏସ୍‌ଆଇଟିର ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଛନ୍ତି। ନଗଦ ଅର୍ଥ କାରବାର ବଦଳରେ ନଗଦବିହୀନ କାରବାର ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ମଧ୍ୟ କେନ୍ଦ୍ର ସରକାର ଆର୍ଥିକ ନୀତିନିୟମ ମଧ୍ୟ ପ୍ରଣୟନ କରିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ତରଫରୁ ଟିକସ ବ୍ୟବସ୍ଥାରେ ସୁଧାର ଅଣାଯାଇ ଜିଏସ୍‌ଟି ବ୍ୟବସ୍ଥା ଲାଗୁ କରାଯିବା ଏହାର ଉଦାହରଣ ବୋଲି କଳାଧନ ପ୍ରସଙ୍ଗରେ ଜଷ୍ଟିସ୍ ଅରିଜିତ ପଶାୟତ ଗୁରୁତ୍ୱାରୋପ କରିଥିଲେ। ଏଥିରେ କୁହାଯାଇଥିଲା ଯେ, ଟିକସ କ୍ଷେତ୍ରରେ ଜିଏସ୍‌ଟି ପ୍ରଚଳନ ପରବର୍ତ୍ତୀ ଅବସ୍ଥାକୁ ଦୃଷ୍ଟିରେ ରଖାଯାଇ ବିଭିନ୍ନ କମ୍ପାନୀଗୁଡ଼ିକର ଗତିବିଧି ଉପରେ ଏସ୍‌ଆଇଟି ନଜର ରଖିଛି। କେତେକ କମ୍ପାନୀ ବେନାମୀ ଆର୍ଥିକ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହେବା ପରେ ଏହା ଉପରେ ମଧ୍ୟ ନଜର ରଖାଯାଇଛି ଏବଂ କେନ୍ଦ୍ର ସରକାରଙ୍କ ୨୫ଟି ତଦନ୍ତକାରୀ ସଂସ୍ଥା ଏସବୁ କମ୍ପାନୀର ବେନାମୀ କାରବାର ସମ୍ପର୍କରେ ତଦନ୍ତ ଜାରି ରଖିଛି। ଆବଶ୍ୟକ ପଡ଼ିଲେ ଏସବୁ କମ୍ପାନୀର ବେନାମୀ ସମ୍ପତ୍ତି ବାଜ୍ୟାପ୍ତ କରାଯିବ। ସେହିପରି ଏନ୍‌ଆରଆଇ ନେଣଦେଣ ୧୪ଶହରୁ ୧୫ଶହ କୋଟି ହୋଇଥିବା ଏସ୍‌ଆଇଟି ଜାଣିବାକୁ ପାଇଥିବାରୁ ଜଷ୍ଟିସ୍ ପଶାୟତ ବିଭିନ୍ନ ତଦନ୍ତକାରୀ ସଂସ୍ଥାଙ୍କ ତଦନ୍ତ ଉପରେ ସନ୍ତୋଷ ପ୍ରକଟ କରିଛନ୍ତି। ସୂଚନା ଥାଉକି, ରାଜ୍ୟରେ ବିଭିନ୍ନ ଧର୍ମାନୁଷ୍ଠାନରୁ ୨୬କୋଟି ଟଙ୍କା କଳାଧନ ଠାବ ହୋଇଛି। ଏଥିରୁ ସୁରବାବାଙ୍କ ୧୪କୋଟି ଓ ସାରଥୀବାବାଙ୍କ ୧୨ କୋଟି ଟଙ୍କା ରହିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏସବୁ ଧର୍ମାନୁଷ୍ଠାନର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରିଛି। ଏହି ବୈଠକରେ ପ୍ରଥମ କରି ଏସ୍‌ଏଫ୍‌ଆଇ (ସିରିଅସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେସନ୍ ଅଫିସ୍)ର ନିର୍ଦ୍ଦେଶକ ଏନ୍. ବରୁଆ ଓ ୮ଟି ସଂସ୍ଥାର ୧୭ ଜଣ ବରିଷ୍ଠ ଅଧିକାରୀ ଯୋଗଦେଇ ତଥ୍ୟ ରଖିଥିଲେ। ସୂଚନା ଥାଉକି, ପୂର୍ବରୁ ଏସ୍‌ଆଇଟି ଦ୍ୱାରା ୭୦ହଜାର କୋଟି ଟଙ୍କାର କଳାଧନ ଠାବ କରାଯାଇଥିଲା। ଧଳ ବ୍ରଦର୍ସଙ୍କ କଳା ଅର୍ଥନୈତିକ କାରବାର, ସମ୍ ହସ୍‌ପିଟାଲ, ଚିଟ୍‌ଫଣ୍ଡ ସଂସ୍ଥା ତଦନ୍ତ ପ୍ରସଙ୍ଗରେ ଏସ୍‌ଆଇଟି ପକ୍ଷରୁ ସମୀକ୍ଷା କରାଯାଇଥିଲା। ଅଦ୍ୟାବଧି ୧୩୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କଳାଧନ ଠାବ ହୋଇଥିବାବେଳେ ପାନାମା ପେପର୍ସ ତାଲିକାରେ ସ୍ଥାନିତ ୫୦୦ କଳାଧନ ଜମାକାରୀଙ୍କ ମଧ୍ୟରୁ ୨୫୦ଜଣ ଚିହ୍ନଟ ହୋଇ ସାରିଛନ୍ତି। ପାନାମା ପେପର୍ସ ତାଲିକାରେ ସ୍ଥାନ ପାଇଥିବା ପ୍ରାୟ ୫ଶହ କଳାଧନ ଜମାକାରୀଙ୍କ ମଧ୍ୟରୁ ୨୫୦ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ମାମଲାରେ ଜଷ୍ଟିସ୍ ପଶାୟତ ବିଦେଶକୁ ଯାଉଥିବା କଳାଧନକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।

**କଳାଧନ ପ୍ରସଙ୍ଗ**

## ମିଳିଲା ବସ୍ତିବାସିନ୍ଦାଙ୍କୁ ପକ୍କାଘର



**ଭୁବନେଶ୍ୱର :** ରାଜୀବ ଆବାସ ଯୋଜନାର ପ୍ରଥମ ପର୍ଯ୍ୟାୟରେ ରାଜଧାନୀର ମହିଷାଖାଲ ବସ୍ତିର ୮୦ ଜଣ ହିତାଧିକାରୀଙ୍କୁ ଆଜି ପକ୍କାଘର ବଣ୍ଟନ କରାଯାଇଛି। ବିଜେଡି ରାଜ୍ୟସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏମ୍‌ସିର ୫୬ ନମ୍ବର ୱାର୍ଡ ଅନ୍ତର୍ଗତ ମହିଷାଖାଲ ବସ୍ତିବାସିନ୍ଦାଙ୍କୁ ଘର ମାଲିକାନା ସତ୍ୱ ପ୍ରଦାନ କରିଥିଲେ। ହିତାଧିକାରୀମାନେ ଘରର ବାଲକୋନିରୁ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ପୁଷ୍ପବୃଷ୍ଟି କରିଥିଲେ। ଏହି ଅବସରରେ ମେୟର୍ ଅନନ୍ତ ଜେନା କହିଥିଲେ, ତାରିଣୀ ବସ୍ତି ଓ ଅରବିନ୍ଦ ବସ୍ତିରେ ରାଜୀବ ଆବାସ ଯୋଜନା ବାସଗୃହ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ଅନ୍ୟ ସମସ୍ତ ହିତାଧିକାରୀମାନଙ୍କୁ ଘର ବଣ୍ଟନ କରାଯିବ। କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ହିତାଧିକାରୀ ଚୟନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ମେୟର୍ ଶ୍ରୀ ଜେନା କହିଥିଲେ। ଅନ୍ୟତମ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜୟ ମହାନ୍ତି, ମେୟର ଅନନ୍ତ ଜେନା, ଡେପୁଟି ମେୟର କେ ଶାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପଥରବନ୍ଧ ଓ ମଣ୍ଡପ ବସ୍ତିରେ ମଧ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ଘର ପ୍ରଦାନ କରାଯିବ। ଆସନ୍ତା ବର୍ଷକ ମଧ୍ୟରେ ବସ୍ତି ବାସିନ୍ଦାଙ୍କ ପାଇଁ ରାଜୀବ ଆବାସ ଯୋଜନାରେ ୧୦ହଜାର ଘର ନିର୍ମାଣ ହେବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ରାଜୀବ ଆବାସ ଯୋଜନାରେ ଗୋଟିଏ ଘର ନିର୍ମାଣ ପାଇଁ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ହିତାଧିକାରୀ ଏହାର ୨୦ ପ୍ରତିଶତ ଅର୍ଥାତ୍ ଲକ୍ଷେ ୨୦ହଜାର ଟଙ୍କା ପ୍ରଦାନ କରୁଛନ୍ତି। ଚାରିଟି କିସ୍ତିରେ ହିତାଧିକାରୀ ଏହାକୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ରାଜୀବ ଆବାସ ନିର୍ମାଣ ପାଇଁ କେନ୍ଦ୍ର ସରକାର ୫୦ ପ୍ରତିଶତ ଅନୁଦାନ ଦେଉଥିଲା ବେଳେ ରାଜ୍ୟ ସରକାର ୩୦ ପ୍ରତିଶତ ଆର୍ଥିକ ଅନୁଦାନ ପ୍ରଦାନ କରୁଛନ୍ତି। ରାଜୀବ ଆବାସରେ ଗୋଟିଏ ଶୋଇବା ଘର, ରୋଷେଇ ଘର, ଡାଇନିଂ କମ୍ ଡ୍ରଇଂରୁମ୍, ଗାଧୁଆ ଘର, ଶୌଚାଳୟ ରହିଛି। ଏଥିସହିତ ରାଜୀବ ଆବାସ ଆପାର୍ଟମେଣ୍ଟର ସମସ୍ତ ଅନ୍ତେବାସୀଙ୍କୁ ମାଗଣା ପାଇପ ଜଳ, ବଗିଚା, ଖେଳପଡ଼ିଆ, କମ୍ୟୁନିଟ୍ ହଲ୍, ରାସ୍ତା, ଡ୍ରେନେଜ୍ ଓ ସ୍ୱେରେଜ୍ ସୁବିଧା ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି।

## ରାଜ୍ୟରେ ପ୍ରତିଷେଧକ ଟିକାଦାନ ହାର ୮୪%

**ଶତପ୍ରତିଶତ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର :** ଗର୍ଭବତୀ ଓ ଶିଶୁମାନଙ୍କୁ ପ୍ରତିଷେଧକ ଟିକା ପ୍ରଦାନ କ୍ଷେତ୍ରରେ ଜାତୀୟ ସ୍ତରରେ ଓଡ଼ିଶା ଆଗରେ ରହିଛି। ରାଜ୍ୟର ୨୯ଟି ଜିଲ୍ଲାରେ ଟିକାକରଣ ହାର ୮୪% ଅତିକ୍ରମ କରିଛି। ଶିଶୁ ଓ ମାତୃ ମୃତ୍ୟୁ ହାର ଅଧିକ ଥିବା ଜିଲାଗୁଡ଼ିକରେ ପ୍ରତିଷେଧକ ଟିକାକରଣ ହାର ୧୦୦%ରେ ପହଞ୍ଚାଇବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ସଚିବାଳୟରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଏକ ସମୀକ୍ଷାରୁ ସୂଚନା ମିଳିଛି ଯେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁସାରେ ଜାତୀୟସ୍ତରରେ ପ୍ରତିଷେଧକ ଟିକାକରଣ ହାର ୬୨% ଥିବାବେଳେ ଓଡ଼ିଶାରେ ଏହା ୭୯%ରେ ପହଞ୍ଚିଛି। ତେବେ ସମନ୍ୱିତ ଶିଶୁ ସ୍ୱାସ୍ଥ୍ୟ ଓ ପ୍ରତିଷେଧକ ସର୍ବେକ୍ଷଣ ୨୦୧୬ ତଥ୍ୟ ଅନୁସାରେ ରାଜ୍ୟରେ ଟିକାକରଣ ସଫଳତା ହାର ୮୪% ବୋଲି ଜଣାପଡ଼ିଛି। ରାଜ୍ୟର ୩୦ଟି ଜିଲା ମଧ୍ୟରୁ ଗଞ୍ଜାମ ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ତୁଳନାତ୍ମକ ଭାବେ ଟିକାକରଣ ହାର କମ୍ ଥିବାରୁ ତ୍ୱରିତ ମିଶନ ଇନ୍ଦ୍ରଧନୁଷ(ଆଇଏମଆଇ) କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଗଞ୍ଜାମର ସବୁ ବ୍ଲକ୍ ଓ ଭୁବନେଶ୍ୱରରେ ପୂର୍ଣ୍ଣ ଟିକାକରଣ ସୁବିଧାରୁ ବଞ୍ଚିତ ମହିଳା ଓ ଶିଶୁଙ୍କୁ ଚିହ୍ନଟ କରି ପ୍ରତିଷେଧକ ଟିକା ପ୍ରଦାନ ଦିଗରେ ପଦକ୍ଷେପ ନେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁସବୁ ଅଞ୍ଚଳରେ ଜନ୍ମରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀ ମହିଳାଙ୍କ ଟିକାକରଣ ୭୦ପ୍ରତିଶତରୁ କମ୍ ରହିଛି ସେସବୁ ଅଞ୍ଚଳରେ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ ପୁନର୍ବାର କାର୍ଯ୍ୟକାରୀ କରାଯାଇଛି। ୨୦୨୦ ସୁଦ୍ଧା ପୂର୍ଣ୍ଣ ଟିକାକରଣ ଅଭିଯାନରେ ଟିକାଦାନ ହାର ୯୦ପ୍ରତିଶତରେ ପହଞ୍ଚାଇବାକୁ ଆଇଏମଆଇକୁ ସ୍ୱତନ୍ତ୍ର ଜାତୀୟ କୌଶଳ ଭାବେ ପ୍ରସ୍ତୁତ କରାଯାଇଛି। ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ୧୯୯୫ରେ ପ୍ରଚଳିତ ପଲ୍ସ ପୋଲିଓ ପ୍ରତିଷେଧକ, ୨୦୧୧ରେ ପ୍ରଚଳିତ ହେପାଟାଇଟିସ୍-ବି କାର୍ଯ୍ୟକ୍ରମ, ୨୦୧୫ରେ ପେଣ୍ଟାଭାଲେଣ୍ଟ ଟିକାକରଣ ଓ ମାତୃ ଏବଂ ନବଜାତ ଟିଟାନସ ଦୂରୀକରଣ କାର୍ଯ୍ୟକ୍ରମ ଏବଂ ୨୦୧୬ରେ ପ୍ରଚଳିତ ପୋଲିଓ ଟିକାକରଣ ଅଭିଯାନ ଓଡ଼ିଶାରେ ସଫଳ ହୋଇଥିଲା। ୨୦୧୮ ଜାନୁଆରୀରେ ଓଡ଼ିଶାରେ ମିଶାଇଲ ରୁବେଲା(ମିଳିମିଳା) ଅଭିଯାନ ଆରମ୍ଭ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ସଚିବ ଡ.ପ୍ରମୋଦ କୁମାର ମେହେର୍ଦା, ପଞ୍ଚାୟତିରାଜ ସଚିବ ଦେଓରଂଜନ କୁମାର ସିଂହ, ମହିଳା ଓ ଶିଶୁ ବିକାଶ ସଚିବ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**ବିଜେପିରେ ମିଶିଲେ ଅଶୋକ ପାଣିଗ୍ରାହୀ**

## ‘ଅନୁକମ୍ପା ନୁହେଁ, ନୀତି ଆଦର୍ଶର ଲଢ଼େଇ’

**ବରଗଡ଼ :** ବିଜେପୁର ଉପ ନର୍ବାଚନ ପାଇଁ ବିଜେଡି ଦିବଙ୍ଗତ ବିଧାୟକ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ପ୍ରାର୍ଥୀ ଘୋଷଣା ପରେ ବିଜେଡିର ବିଦ୍ରୋହୀ ନେତା ତଥା ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ଏହି ମିଶ୍ରଣ ପର୍ବରେ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ ସଚିବ ତଥା ଓଡିଶା ପ୍ରଭାରୀ ଅରୁଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମଙ୍କ ଉପସ୍ଥିତିରେ ଅଶୋକ ପାଣିଗ୍ରାହୀ ତାଙ୍କ ବହୁ ସମର୍ଥକଙ୍କ ସହ ବିଜେପିରେ ଆନୁଷ୍ଠାନିକ ଭାବରେ ଯୋଗଦାନ କରିଥିଲେ। ବିଜେପୁର ଉପ ନିର୍ବାଚନ ଅନୁକମ୍ପାର ନିର୍ବାଚନ ନୁହେଁ, ଏହା ନୀତି , ସିଦ୍ଧାନ୍ତ ତଥା ଗରିବ ଓଡିଆ ଲୋକର ହକ୍‌ର ନିର୍ବାଚନ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଜିଲ୍ଲା ବରପାଲିଠାରେ ଅନୁଷ୍ଠିତ ବିଜେପିର ମିଶ୍ରଣ ପର୍ବରେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବରପାଲି ଜଗନ୍ନାଥ ନଗର ପଡିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମ ଓଡିଶାର ଚାଷ, ଚାଷୀ, କୁଲ୍‌ତା ଭାଇର ନିର୍ବାଚନ ଭାବରେ ବିଜେପୁର ଉପନିର୍ବାଚନକୁ ପ୍ରତିପାଦିତ କରିବା ସହ ଏହି ନିର୍ବାଚନରେ ସଦାନନ୍ଦ, ଅମରଦାସ ମହାନନ୍ଦ ପରି ଗରିବ ଲୋକ ତାର ହକ୍ ପାଇଁ ନିର୍ବାଚନ ଲଢ଼ିବ ବୋଲି କହିଛନ୍ତି। ଚାଷୀ, ଚଷାର ଏହି ପ୍ରଦେଶକୁ ସଂପୂର୍ଣ୍ଣ ଶ୍ରୀହୀନ କରିସାରିଥିବା ନବୀନ ସରକାର ବିରୁଦ୍ଧରେ ବିଜେପୁରରୁ ବିଜେପିକୁ ବିଜୟୀ କରାଇ ଅଞ୍ଚଳବାସୀ ଅପାରଗ ନବୀନ ପଟ୍ଟନାୟକଙ୍କ ପତନର ଅୟମାରମ୍ଭ କରିବେ। ଏହି ଅବସରରେ କୃଷି ଓ କୃଷକର ଉନ୍ନତିର ଦ୍ୱାହି ଦେଉଥିବା ବିଜେଡି ସରକାର ଦେଶର ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ପରି ରାଜ୍ୟରେ ସେଠାକାର ମୁଖ୍ୟମନ୍ତ୍ରୀମାନେ ଚାଷୀ ଋଣ ଛାଡ କରୁଥିବା ବେଳେ ଆମ ମୁଖ୍ୟମନ୍ତ୍ରୀ ଚୁପ କାହିଁକି ବୋଲି ସେ ପ୍ରଶ୍ନ ପଚାରିଥିଲେ । ଅଶୋକ ପାଣିଗ୍ରାହୀ ଭଳିଆ ଟାଣୁଆ ନେତା ବିଜେଡି ଛାଡିବାର ଅର୍ଥ ବିଜେଡିର ପତନ ଜଳ ଜଳ ହୋଇ ଦିଶୁଛି ବୋଲି ରାଷ୍ଟ୍ରୀୟ ସଚିବ ସୁରେଶ ପୂଜାରୀ ନିଜ ବକ୍ତବ୍ୟରେ କହିଥିଲେ।

**ବମିଖାଲ ଫ୍ଲାଏଓଭର୍ ଭୁଶୁଡିବା ଘଟଣାର ତଦନ୍ତ ରିପୋର୍ଟ**

## କଳା ତାଲିକାଭୁକ୍ତ ହେବ ପଣ୍ଡା ଇନ୍‌ଫ୍ରା

**ଭୁବନେଶ୍ୱର :** ବମିଖାଲ ଫ୍ଲାଏଓଭର୍ ଭୁଶୁଡ଼ିବା ଘଟଣାର ତଦନ୍ତ ରିପୋର୍ଟ ଦିଆଯାଇଛି। ଗତ ମାସ ୧୦ ତାରିଖରେ ଘଟିଥିବା ଏହି ବହୁଚର୍ଚ୍ଚିତ ଘଟଣା ପାଇଁ ୩ ଜଣ ଯନ୍ତ୍ରୀଙ୍କୁ ଦାୟୀ କରାଯାଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଫ୍ଲାଏଓଭର ନିର୍ମାଣ ଦାୟିତ୍ୱ ନେଇଥିବା ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟ ଲିମିଟେଡ୍‌କୁ କଳା ତାଲିକାଭୁକ୍ତ କରିବାକୁ ସୁପାରିସ୍ କରାଯାଇଛି। ବିଶେଷ କରି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଫ୍ଲାଏଓଭର୍ ଭୁଶୁଡ଼ିଲା ବୋଲି ଏହି ରିପୋର୍ଟରେ କୁହାଯାଇଛି। ମୁଖ୍ୟଯନ୍ତ୍ରୀ (ଡିପିଆଇ ଆଣ୍ଡ ରୋଡସ୍) ଓମ ପ୍ରକାଶ ପଟେଲ୍ ଓ ମୁଖ୍ୟଯନ୍ତ୍ରୀ (ଡିଜାଇନ୍) ଦେବ ନାରାୟଣ ପାଲ୍‌ଙ୍କ ନେତୃତ୍ୱରେ ତଦନ୍ତ କମିଟି ଗଠନ କରାଯାଇଥିଲା। କମିଟି ପକ୍ଷରୁ ୧୩୨ ପୃଷ୍ଠାର ରିପୋର୍ଟ ବିଭାଗୀୟ ସଚିବଙ୍କୁ ଦିଆଯିବା ପରେ ଏହାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଡିଭିଜନ୍ ୪ର ନିର୍ବାହୀ ଯନ୍ତ୍ରୀ ଦୁଃଖବନ୍ଧୁ ବେହେରା, ଉପ ନିର୍ବାହୀ ଯନ୍ତ୍ରୀ ବଂଶୀଧର ପ୍ରହରାଜ ଓ ସହକାରୀ ଯନ୍ତ୍ରୀ କିଶୋର ରାଉତ ସେମାନଙ୍କ ଦାୟିତ୍ୱ ସଠିକ୍ ନିର୍ବାହ କରିନଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ପୁଲିସ୍ ଏହି ଘଟଣାରେ ଶ୍ରୀ ପ୍ରହରାଜ ଓ ଶ୍ରୀ ରାଉତଙ୍କୁ ଗିରଫ କରିସାରିଥିବା ବେଳେ ଏବେ ୩ଜଣଙ୍କ ନାମରେ ଚାର୍ଜଶିଟ୍ ଦିଆଯାଇଛି।

## ‘ଆଗୁଆ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ’

**ଭୁବନେଶ୍ୱର :** ଆସନ୍ତାବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ଲୋକସଭା ଓ ବିଧାନସଭା ନିର୍ବାଚନ ଏକାଠି କରିବା ପାଇଁ ନିର୍ବାଚନ କମିଶନ ପ୍ରସ୍ତୁତ ବୋଲି ମତ ଦେବାପରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ବିଜେଡି ଓ ବିଜେପି ଆଗୁଆ ନିର୍ବାଚନ ସପକ୍ଷରେ ମତ ଦେଇଥିବାବେଳେ କଂଗ୍ରେସ ଏଥିପାଇଁ ସମ୍ବିଧାନରେ ଆବଶ୍ୟକ ସଂଶୋଧନ ଜରୁରୀ ବୋଲି କହିଛି। ସାମ୍ବାଦିକଙ୍କୁ ପ୍ରତିକ୍ରିୟା ଦେଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ସର୍ବଦା ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ତାଙ୍କ ଦଳ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ବିନା ରଣନୀତିରେ କେହି ନିର୍ବାଚନ ଲଢ଼େ ନାହିଁ। ତେବେ ନିର୍ବାଚନ ପୂର୍ବରୁ ପରିସଂଖ୍ୟାନ କରିବା ମୁର୍ଖାମୀର ପରିଚୟ। ନିର୍ବାଚନ ପାଇଁ ପ୍ରସ୍ତୁତ ଅଛୁ ବୋଲି ଆମେ ଯେତେବେଳେ କହୁଛୁ ତା’ର ଅର୍ଥ ହେଉଛୁ ଡିଷ୍ଟିଙ୍ଗସନ୍ ସହ ଫାଷ୍ଟ କ୍ଲାସ୍ ନିମନ୍ତେ ଆଶାବାଦୀ। ଜଣେ ପରୀକ୍ଷାର୍ଥୀ ସବୁବେଳେ ଡିଷ୍ଟିଙ୍ଗ୍‌ସନ୍ ସହ ଫାଷ୍ଟ କ୍ଲାସ୍ ଆଶା ରଖେ। ସେହିପରି ବିଜେପି ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏକାଠି ଲୋକସଭା ଓ ବିଧାନସଭା ନିର୍ବାଚନ ସପକ୍ଷରେ ମତ ଦେଇ କହିଛନ୍ତି ଯେ ୨୦୧୯ ମସିହା ନିର୍ବାଚନ ପାଇଁ ଦଳ ଯେଭଳି ପ୍ରସ୍ତୁତ ଥିଲା ଆଗୁଆ ନିର୍ବାଚନ ପାଇଁ ମଧ୍ୟ ସେଭଳି ପ୍ରସ୍ତୁତ ଅଛି। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଲୋକସଭା ଓ ବିଧାନସଭା ନିର୍ବାଚନ ଏକାଠି କରିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା ନାହିଁ। ଯଦି ନିର୍ବାଚନ ହୁଏ, ତା’ହେଲେ ସମ୍ବିଧାନରେ ସଂଶୋଧନ କରାଯିବା ଆବଶ୍ୟକ। ପ୍ରଥମକଥା ହେଲା କୌଣସି ନିର୍ଦ୍ଦିଷ୍ଟ ଦଳର ଇଚ୍ଛା ଆଧାରରେ ନିର୍ବାଚନ ହୁଏ ନାହିଁ। ଦ୍ୱିତୀୟତଃ ଯଦି ଏକାଠି ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ପାଇଁ ସମ୍ବିଧାନରେ ସଂଶୋଧନ କରାଯାଏ, ତାହା ଭିନ୍ନ କଥା। ଏପର୍ଯ୍ୟନ୍ତ ସେଭଳି ସଂଶୋଧନ ହୋଇନାହିଁ। ଯଦି ସମସ୍ତ ରାଜ୍ୟ ନିଜର ବିଧାନସଭାକୁ ଭାଙ୍ଗି ଲୋକସଭା ସହ ନିର୍ବାଚନ କରିବା ପାଇଁ ରାଜି ହୁଅନ୍ତି ତା’ହେଲେ ନିର୍ବାଚନ ହେବ। କେହି ଚାହିଁଲେ ବି ଅଟକାଇ ପାରିବେ ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ ଜାତୀୟ ନିର୍ବାଚନ କମିଶନର ଓ.ପି.ରାୱତ୍ ଲୋକସଭା ଓ ବିଧାନସଭା ନିର୍ବାଚନ ଏକାଠି କରିବା ପାଇଁ ୨୦୧୮ ସେପ୍ଟେମ୍ବର ବେଳକୁ ପ୍ରସ୍ତୁତ ବୋଲି ମତ ଦେଇଥିଲେ।

**ସମ୍ପତ୍ତି ତାଲିକା**

# ଅର୍ଥମନ୍ତ୍ରୀଙ୍କ ନିଜସ୍ୱ ଘରନାହିଁ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ୨୦୧୬-୧୭ ଆର୍ଥିକ ବର୍ଷର ସମ୍ପତ୍ତି ତାଲିକାକୁ ରାଜ୍ୟ ସରକାର ସାର୍ବଜନୀନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୮ କୋଟି ୯୮ଲକ୍ଷ ୪୫ହଜାର ୮୬୫ଟଙ୍କାର ସମ୍ପତ୍ତି ସହ ମନ୍ତ୍ରିମଣ୍ଡଳରେ ଧନୀ ତାଲିକାର ଶୀର୍ଷରେ ରହିଛନ୍ତି। ମାତ୍ର ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ୩୦ଲକ୍ଷ ୫୦ହଜାର ଟଙ୍କାର ଋଣବୋଝରେ ରହିଥିବା ଜଣାପଡିଛି। ସେହିପରି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ମୋଟ୍ ସମ୍ପତ୍ତିର ପରିମାଣ ୧କୋଟି ୧୭ ଲକ୍ଷ ୨୯ହଜାର ଟଙ୍କା ହୋଇଥିଲେ ସୁଦ୍ଧା ତାଙ୍କର ନିଜସ୍ୱ ଘର ନାହିଁ। ଅନ୍ୟପଟେ ଶିକ୍ଷମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପାଖରେ ସର୍ବାଧିକ ସୁନା(ଦେଢ଼ କେଜିରୁ ଉର୍ଦ୍ଧ୍ୱ) ରହିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ୨୦୧୬-୧୭ ଆର୍ଥିକ ବର୍ଷର ସମ୍ପତ୍ତି ତାଲିକା ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟାଙ୍କ ବାଲାନ୍ସ ୧ଲକ୍ଷ ୫ହଜାର ୮୭୦ଟଙ୍କା ବୃଦ୍ଧି ପାଇଛି। ତେବେ ସେ ୧୫ଲକ୍ଷ ଟଙ୍କା ଋଣବୋଝରେ ରହିଛନ୍ତି। ୨୦୧୪-୧୫ ଆର୍ଥିକ ବର୍ଷରେ ତାଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କଠାରୁ ଋଣ ସୂତ୍ରରେ ଆଣିଥିବା ଏହି ଟଙ୍କାକୁ ସେ ଏପର୍ଯ୍ୟନ୍ତ ପରିଶୋଧ କରିବାରେ ସକ୍ଷମ ହୋଇନାହାନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଜୁଏଲାରୀର ପରିମାଣ ମାତ୍ର ୧୧୯୦ଟଙ୍କା ବୃଦ୍ଧି ପାଇଥିବା ବେଳେ ତାଙ୍କ ପାଖରେ ଥିବା ୧୯୮୦ ମସିହା ମଡେଲ୍‌ର ଆମ୍ବାସାଡର୍ କାରର ଦାମକୁ ସେ ୧୦,୪୭୭ଟଙ୍କା ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ ୨୦୧୪ ମାର୍ଚ୍ଚ ମାସରେ ହୋଇଥିବା ମୂଲ୍ୟାୟନ ଆଧାରରେ ତାଙ୍କର ସ୍ଥାବର ସମ୍ପତ୍ତିର ମୂଲ୍ୟ ୪୮ କୋଟି ୯୫ଲକ୍ଷ ୩୪ହଜାର ଟଙ୍କା ବୋଲି ଉଲ୍ଲେଖ କରିଛନ୍ତି। ଏଥିରେ ନୂଆଦିଲ୍ଲୀସ୍ଥିତ ବାସଭବନରେ ତାଙ୍କର ୫୦ପ୍ରତିଶତ ଶେୟାର୍, ନବୀନ ନିବାସରେ ଦୁଇ ତୃତୀୟାଂଶ ଶେୟାର୍ ଓ ଫରିଦାବାଦରେ ୨୨.୭ଏକରର ଫାର୍ମ ହାଉସ୍ ରହିଛି। ସେହିପରି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ମୋଟ ଅସ୍ଥାବର ସମ୍ପତ୍ତି ୮୭ଲକ୍ଷ ୨୯ହଜାର ଟଙ୍କା ହୋଇଥିବାବେଳେ ସ୍ଥାବର ସମ୍ପତ୍ତିର ପରିମାଣ ୩୦ଲକ୍ଷ ଟଙ୍କା। ଏଥିରେ ତାଙ୍କ ପତ୍ନୀ ସୁପ୍ରଭା କୁମାରୀ ମହାନ୍ତିଙ୍କ ନାଁରେ ମୋଟ ୫୬ଲକ୍ଷ ୧୬ହଜାର ୭୬୨ଟଙ୍କାର ସମ୍ପତ୍ତି ଥିବାବେଳେ ଝିଅ ସୁଶ୍ରୀ ଭାରତୀଙ୍କ ନାଁରେ ୨ଲକ୍ଷ ୯୫ହଜାର ୩୮୫ଟଙ୍କା ରହିଛି। ତେବେ ଅର୍ଥମନ୍ତ୍ରୀଙ୍କର କୌଣସି ନିଜସ୍ୱ ବାସଗୃହ ନାହିଁ ଓ କେବଳ ନଖରା ପାଖରେ ୨୧୦୦ ବର୍ଗଫୁଟ୍‌ର ଏକ ଆବାସିକ ପ୍ଲଟ୍ ଅଛି, ଯାହାର ମୂଲ୍ୟ ୧୦ଲକ୍ଷ ଟଙ୍କା । ସେ ୪ଲକ୍ଷ ୩୧ହଜାର ଟଙ୍କାର ଋଣବୋଝରେ ଅଛନ୍ତି ବୋଲି ଦର୍ଶାଇଛନ୍ତି। ସେହିପରି ଶିକ୍ଷମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ତାଙ୍କ ପତ୍ନୀ ବୀଣାପାଣି ପୂଜାରୀଙ୍କ ପାଖରେ ମୋଟ ୨କୋଟି ୫୫ଲକ୍ଷ ୭୦ହଜାର ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ୨୦୧୬-୧୭ ଆର୍ଥିକ ବର୍ଷରେ ନିଜର ମୋଟ୍ ସମ୍ପତ୍ତି ଉପରେ ୪ଲକ୍ଷ ୩ହଜାର ଟଙ୍କା ଓ ତାଙ୍କ ପତ୍ନୀ ୯୩ହଜାର ୧୭୦ଟଙ୍କାର ଆୟକର ରିଟର୍ଣ୍ଣ ଦାଖଲ କରିଛନ୍ତି ବୋଲି ନିଜ ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି। ସୂର୍ଯ୍ୟଙ୍କ ହାତରେ ନଗଦ ୨.୬୦ଲକ୍ଷ ଟଙ୍କା ଓ ପତ୍ନୀଙ୍କ ପାଖରେ ୧.୨୮ଲକ୍ଷ ଟଙ୍କା ନଗଦ ରହିଛି। ସୂର୍ଯ୍ୟଙ୍କ ପାଖରେ ନୂଆଦିଲ୍ଲୀସ୍ଥିତ ଦ୍ୱାରିକାରେ ଏକ ଆପାର୍ଟମେଣ୍ଟ ରହିଛି ଯାହାର ଆନୁମାନିକ ମୂଲ୍ୟ ୧୩.୮୦ଲକ୍ଷ ଟଙ୍କା, ନୟାପଲ୍ଲୀରେ ୮୧୧୭ ବର୍ଗଫୁଟ୍‌ର ଦୁଇ ମହଲା କୋଠା, ବ୍ରହ୍ମପୁର ଓ ଦିଗପହଣ୍ଡିରେ ମଧ୍ୟ କୋଠା ରହିଛି। ନୟାପଲ୍ଲୀ ଘରର ମୂଲ୍ୟକୁ ସେ ମାତ୍ର ୧.୬୫ ଲକ୍ଷ ଟଙ୍କା ବୋଲି ଦର୍ଶାଇଛନ୍ତି। ଅନ୍ୟପଟେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ସମ୍ପତ୍ତି ପ୍ରାୟ ୭ଲକ୍ଷ ଟଙ୍କା ହ୍ରାସ ପାଇଛି। ତାଙ୍କର ୨୦୧୫-୧୬ ଆର୍ଥିକ ବର୍ଷରେ ମୋଟ୍ ସମ୍ପତ୍ତି ୪ କୋଟି ୧୭ଲକ୍ଷ ୪୪ହଜାର ଟଙ୍କା ଥିବାବେଳେ ୨୦୧୬-୧୭ରେ ଏହା ୪ କୋଟି ୧୦ଲକ୍ଷ ୫୮ହଜାର ଟଙ୍କାକୁ ହ୍ରାସ ପାଇଛି। ମନ୍ତ୍ରୀ ଉଷା ଦେବୀଙ୍କ ନିଜସ୍ୱ ଘର ନଥିବାବେଳେ ତାଙ୍କ ପତିଙ୍କ ନାଁରେ ଚିକିଟିରେ ୧.୧୦କୋଟି ଟଙ୍କାର କୋଠା ରହିଛି। ଉଷାଙ୍କ ପାଖରେ ବ୍ୟାଙ୍କ ବାଲାନ୍ସ ୧୯.୩୦ଲକ୍ଷ ଟଙ୍କା, ୯ଲକ୍ଷ ଟଙ୍କାର ସୁନା ଓ ଦେଢ଼ ଲକ୍ଷ ଟଙ୍କା ନଗଦ ରହିଛି। ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପାଖରେ ୨୯.୪୩ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୫ଟି ଆବାସିକ ଓ ବ୍ୟବସାୟିକ କୋଠା ଓ ନଗଦ ଦେଢ଼ ଲକ୍ଷ ଟଙ୍କା ରହିଛି। ସେ ଓଆରଏଚ୍‌ଡିସିରୁ ନେଇଥିବା ୩ଲକ୍ଷ ଟଙ୍କା ଋଣକୁ ଏପର୍ଯ୍ୟନ୍ତ ପରିଶୋଧ କରିନାହାନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପାଖରେ ୧କୋଟି ୫୩ଲକ୍ଷ ଟଙ୍କାର ସ୍ଥାବର ଓ ୨କୋଟି ୯୨ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବାବେଳେ ତାଙ୍କ ପତ୍ନୀ ଡାକ୍ତର ଜ୍ୟୋତି ରାଉତରାୟଙ୍କ ନାଁରେ ୮୮ଲକ୍ଷ ୮୫ହଜାର ଟଙ୍କା ସ୍ଥାବର ଓ ୧.୩୦କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। କୃଷିମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ନାଁରେ ୨୬ଲକ୍ଷ ଟଙ୍କା ଓ ପତ୍ନୀ ସ୍ନେହ ମହାପାତ୍ରଙ୍କ ନାଁରେ ୨୧ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ ରହିଛି। ଏହାଛଡ଼ା ଏରସମା, ତିର୍ତ୍ତୋଲ, ସହିଦନଗରରେ ମଧ୍ୟ ତାଙ୍କର କୋଠା ରହିଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ତାଙ୍କ ପତ୍ନୀଙ୍କ ପାଖରେ ୪ଲକ୍ଷ ଟଙ୍କାର ଜମି, ୩୦ଲକ୍ଷ ଟଙ୍କାର ପୈତୃକ ଘର, ୨.୪୦ଲକ୍ଷ ଟଙ୍କାର ସୁନା ଓ ୧ଲକ୍ଷ ଟଙ୍କାର ଲ୍ୟାପଟପ୍ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁରେ ମୋଟ ୩ କୋଟି ୮୨ଲକ୍ଷ ୬୦ହଜାର ଟଙ୍କା, ପତ୍ନୀ ଡେଜି ଜେନାଙ୍କ ନାଁରେ ୧ କୋଟି ୫ଲକ୍ଷ ଟଙ୍କା, ପୁଅ ଓ ଝିଅ ନାଁରେ ପ୍ରାୟ ୨୩ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ସେହିପରି ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କର ରାଜଧାନୀ ଉପକଣ୍ଠର ମଦନପୁରରେ ମୋଟ ୮୭ଡିସିମିଲ୍ ଜମି ରହିଛି ଯାହାର ମୂଲ୍ୟ ସେ ୪ଲକ୍ଷ ୬୮ହଜାର ଦର୍ଶାଇଛନ୍ତି।

ଯେ ପର୍ଯ୍ୟନ୍ତ ନିରକ୍ଷରତା ଦୂର ନ ହୋଇଛି ସେ ପର୍ଯ୍ୟନ୍ତ ଚୋରି, ଜୁଆ, ମଦ, ବ୍ୟଭିଚାର ବନ୍ଦ ହେବନାହିଁ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ

## ପରିସ୍ଥିତି ବଦଳିଯିବ

ଆଜିକାଲି ପ୍ରତ୍ୟେକ କଥାରେ ଲୋକେ ସମୟ ବଦଳିଗଲା ଓ ସମାଜରୁ ସଚ୍ଚୋଟ ଲୋକଙ୍କ ସଂଖ୍ୟା କମିକମି ଯାଉଥିବା କହିଥାନ୍ତି। ଏକଥା ଶୁଣିବା ଲୋକର ମନେହୁଏ, ସତରେ କ'ଣ ସମାଜରୁ ସଚ୍ଚୋଟ, ସାଧୁ ଓ ପରୋପକାରୀ ବ୍ୟକ୍ତିମାନେ ହଜିଗଲେଣି ! ଏଭଳି କିଛି ବିସ୍ମୟ ମନ ଭିତରେ ପ୍ରକାଶ ପାଇବା ସ୍ୱାଭାବିକ ହୋଇଥିଲେ ବି ବାସ୍ତବରେ ଏହା ଶତପ୍ରତିଶତ ଠିକ୍ ବୋଲି ଆପଣ ଅନୁଭବ କରୁଛନ୍ତି କି ? ବରଂ ଆଧୁନିକ ମଣିଷ ଭିତରେ ଅତିଶୟ ସ୍ୱାର୍ଥପରତା, ଅସୂୟା ଭାବ ଓ ଈର୍ଷାପରାୟଣତାର ଉଦ୍ଭବ ହେବା ଫଳରେ ଏଭଳି ଶବ୍ଦ ପ୍ରୟୋଗ କରିବା ବା କିଛି ଲୋକଙ୍କୁ ଏହା କହିବାର ସୁଯୋଗ ମିଳୁଛି। ସର୍ବସମ୍ମୁଖରେ ନିଜକୁ ଅତ୍ୟନ୍ତ ଭଦ୍ର, ମାର୍ଜିତ ଓ ଦାନବୀର ଭାବେ ଦେଖାଇ ହେଉଥିବା କିଛି ବ୍ୟକ୍ତି ହିଁ ଏପରି କହୁଥିବାର ଦେଖାଯାଏ। ବାସ୍ତବିକ ସେମାନେ ନିଜେ କେତେ ସଚ୍ଚୋଟ ନିଜକୁ ନିଜେ ପ୍ରଶ୍ନ ପଚାରି କେବେ ଉତ୍ତର ଖୋଜିଛନ୍ତି କି ? ସେମାନଙ୍କ ଛାତି ଭିତରେ କୁହୁକୁହୁ ଘୃଣା, ପରଶ୍ରୀକାତରତା ଏବଂ ଅବିବେକୀପଣ ହିଁ ଏଥିପାଇଁ ଦାୟୀ। ଯିଏ ଯାହାନୁହେଁ, ସିଏ ତା'ଠାରୁ ଅଧିକ ଦେଖାଇ ହେବାର ଅପଚେଷ୍ଟା, ଅନ୍ୟକୁ ହେୟ ମନେ କରିବାର ମାନସିକତା ହେଉଛି ଏଭଳି ଆଲୋଚନାର ଅସଲ କାରଣ। ଯେଉଁଥି ପାଇଁ ସଚ୍ଚୋଟପଣିଆ ହଜିଯାଉଥିବା କଥା ସାମ୍ନାକୁ ଆସୁଛି। କାରଣ ଜଣେ ଭଲ ମଣିଷ ହୁଏତ ସାମୟିକ ଠକାମୀର ଶିକାର ହୋଇଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ସେ ତା'ର ଉପଯୁକ୍ତ ମୂଲ, ମାନମର୍ଯ୍ୟାଦା ଓ ସମ୍ମାନ ଫେରି ପାଇବାକୁ ସକ୍ଷମ ହୋଇଥାଏ। ହେଲେ କପଟଚିତ୍ତ ମଣିଷଟିଏ ସ୍ୱାର୍ଥ ଖୋଜୁ ଖୋଜୁ ନିଜ ଅଜାଣତରେ କେତେବେଳେ ଯେ ଅବାଟରେ ପାଦ ପକାଇ ଦେଇସାରିଥାଏ ତାହା ସେ ଜାଣିପାରେନାହିଁ। ଯେଉଁଥିରୁ ମୁକୁଳି ନପାରି ସେ ଅନ୍ୟ ଉପରେ ଦୋଷ ଲଦି ସମାଜରେ ନିଜ ପତିଆରା ଜାହିର କରିବାକୁ ବ୍ୟଗ୍ର ହୋଇପଡେ। ସେଇଥିବାରୁ ଜାତ ହୁଏ ସନ୍ଦେହ। ସନ୍ଦେହ ଭଳି ଏକ ହୀନମନ୍ୟତା ଯୋଗୁଁ ଅପରର କ୍ଷତି କରୁଥିବା ମଣିଷ ସମୟକ୍ରମେ ଉପହାସିତ ହୁଏ। ଚକ୍ରାନ୍ତର ସଂରଚନା ବେଳେ ଏକଥା କେହି ଜାଣିପାରନ୍ତିନାହିଁ।। ଅତ୍ୟଧିକ ଚତୁରତାର ସ୍ୱାଦ ଚାଖିଲା ବେଳେ ଏହା ହୁଏତ କିଛିକ୍ଷଣ ଆନନ୍ଦ ଦିଏ, ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ଏହି ମାନସିକତା କେବଳ ଦୁଃଖ ଓ ଅବସାଦ ଦିଏ। ହେଲେ ଏହାକୁ ବୁଝିନପାରି ଭ୍ରମରେ ଭ୍ରମୁଥିବା ମଣିଷମାନେ ବସ୍ତୁବାଦର ପରାକ୍ରମକୁ ନେଇ ନିଜ ଚିନ୍ତାରେ ମସଗୁଲ ଥାଆନ୍ତି ଓ କୁହନ୍ତି ସଚ୍ଚୋଟପଣିଆ ହଜିଯାଉଛି। ହେଲେ ସେମାନେ ଭୁଲିଯିବା ଉଚିତ୍ ନୁହେଁ ଯେ, ଅଭିସନ୍ଧିମୂଳକ ବା ଷଡଯନ୍ତ୍ରକାରୀ ଚିନ୍ତାଧାରାରେ ସଫଳତା ଅପେକ୍ଷା ବିଫଳତା ଅଧିକ। ତେଣୁ ଯୋଜନାର ସ୍ୱଚ୍ଛତା ସହିତ କାର୍ଯ୍ୟକାରୀତାରେ ସ୍ୱଚ୍ଛ ଭାବନା ପ୍ରକାଶ ନପାଇଲେ ସମସ୍ୟା ଦ୍ୱିଗୁଣିତ ହୋଇଥାଏ।

ସଂଶୟ ପ୍ରକାଶ ମଣିଷକୁ ଜୀଜ୍ଞାସୁ କରୁଥିଲା ବେଳେ ଆଉକିଛି ସଂଶୟ ଭବିଷ୍ୟତ କାର୍ଯ୍ୟପନ୍ଥାରେ ପ୍ରତିବନ୍ଧକ ସାଜିଥାଏ। ତେବେ ରୁଗ୍‌ଣ ମାନସିକତାକୁ ନେଇ ସମାଜ ସଂସ୍କାରର ଚିନ୍ତା କରିବା ନିରର୍ଥକ। ମନ ଓ ହୃଦୟର ସ୍ୱଚ୍ଛତା ହିଁ ନିଃସ୍ୱତାରୁ ନିଃସ୍କୃତି ଦେବା ସହ ବର୍ତ୍ତମାନକୁ ଭବିଷ୍ୟତ ସହ ଯୋଡି ଏକ ସୁନ୍ଦର ପରିକଳ୍ପନାକୁ ବାସ୍ତବ ରୂପ ଦିଏ। ଯେଉଁଥିରେ ସମାଜ ଓ ବ୍ୟକ୍ତିର ହିତ ସାଧନ ସହିତ ଆଗାମୀ ପିଢ଼ି ପାଇଁ ପରସ୍ତ ପରସ୍ତ ସୌନ୍ଦର୍ଯ୍ୟବୋଧର ରଙ୍ଗ ଉପଲବ୍ଧ ହୁଏ। ଷଡରତୁର ସାଧନା ଭିତରେ ଉପଯୁକ୍ତ ସମୟ ଓ ଆବଶ୍ୟକ ତୂଳୀ ମାଧ୍ୟମରେ ପ୍ରକୃତିର ଏକ ସୌଭାଗ୍ୟଭରା ତଥା କମନୀୟ ଚିତ୍ର ଆଙ୍କି ପାରିବା ସହଜ। ହେଲେ ଏହି ସହଜ କାର୍ଯ୍ୟକୁ ଜଟିଳ କରାଉଥିବା ବ୍ୟକ୍ତିମାନେ ଅତି କଠିନ ପଥ ଦେଇ ଆଗକୁ ବଢ଼ିବାର କଣ୍ଟକିତ ପଥ ତିଆରି କରିବା ଫଳରେ ସୁନ୍ଦର ରୂପ ନେବାକୁ ଥିବା ଚିତ୍ରପଟ୍ଟ ବିକୃତ ଓ ବିକଳାଙ୍ଗ ହୋଇପଡେ। ଯେଉଁଥିରେ ଦୁଃଖ, କ୍ଳେଶ ଓ ଯନ୍ତ୍ରଣାର ଅସୁମାରୀ କଣ୍ଟା ସମାଜ ରାସ୍ତାରେ ବିଛାଡି ହୋଇ ଅନ୍ୟମାନଙ୍କୁ ଦୁଃଖ ଦେଉଥାଏ। ଯାହା କାହା ପାଇଁ ଶୁଭଙ୍କର ନୁହେଁ କିମ୍ବା ଏହାଦ୍ୱାରା କାହାର କିଛି ଲାଭ ହୁଏନାହିଁ। ହେଲେ ସଂପ୍ରତି ଜଣେ ଆରଜଣଙ୍କୁ ଦୋଷଦେଇ ନିଜକୁ ସଚ୍ଚୋଟ କୁହେ ଓ ଅନ୍ୟକୁ ଚୋର ସାବ୍ୟସ୍ତ କରିବାର ଅପଚେଷ୍ଟା କରେ। ଆଜି ବି ସମାଜରେ ଭଲ ମଣିଷ ଅଛନ୍ତି ଏହା ସ୍ୱୀକାର କରିବାକୁ ପଡିବ। ଯେଉଁମାନେ ଏହାକୁ ସ୍ୱୀକାର ନକରିବେ ସେମାନେ ଏମିତି ପରିଣାମର ବିଷ ଜ୍ୱାଳାରେ ଘାଣ୍ଟି ଚକଟି ହେବା ସାର ହେବ। ସହିବାର ସାମର୍ଥ୍ୟ ନଥିଲେ ମିଛ କଥା କହି ଅନ୍ୟକୁ ସବୁଦିନ କ୍ଷତି ପହଞ୍ଚାଇବା ସମ୍ଭବ ନୁହେଁ। କାରଣ ଦିନେ ନା ଦିନେ ପାଉଁଶ ତଳର ନିଆଁ ପରି ସତ୍ୟ ସାମ୍ନାକୁ ଆସିବ ଓ ସଚ୍ଚୋଟ ପଣିଆର ସବୁ ପ୍ରଶ୍ନ ନିଜ ଜୀବନକୁ ଅସ୍ତବ୍ୟସ୍ତ କରିପକାଇବ। ତେଣୁ ଅନ୍ୟକୁ ପ୍ରଶ୍ନ ନଫିଙ୍ଗି ସମସ୍ତ ପ୍ରଶ୍ନ ନିଜକୁ ନିଜେ ପଚାରି ବଞ୍ଚିବାର ରାହା ଖୋଜିବା ହେଉଛି ସଚ୍ଚୋଟତା। ତେଣୁ ଆଜିର ମଣିଷ ପ୍ରଶ୍ନ ବଦଳରେ ଉତ୍ତର ଖୋଜିବାରେ ସମୟ ଦେଲେ ପରିସ୍ଥିତି ନିଶ୍ଚୟ ବଦଳିଯିବ।

# ଗଡ୍‌ସେ ଭକ୍ତଙ୍କ ଗାନ୍ଧି ବନ୍ଦନା



କେଦାର ମିଶ୍ର

୯ ଅଗଷ୍ଟ ଭାରତର ରାଜନୀତି ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୮ଅଗଷ୍ଟ ୧୯୪୨ରେ ବମ୍ବେସ୍ଥିତ ଗ୍ୱାଲିୟର୍ ମଇଦାନଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ବ୍ରିଟିଶ୍ ସରକାରକୁ ଭାରତଛାଡ଼ ଡାକରା ଦେଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏହା ଥିଲା ନିର୍ଣ୍ଣାୟକ ଏବଂ ଚୂଡ଼ାନ୍ତ ଆହ୍ୱାନ। ମହାତ୍ମା ଗାନ୍ଧି ସାରା ଦେଶକୁ କର ବା ମର ଆହ୍ୱାନ ଦେଇଥିଲେ। ଯାହାର ପରିଣତି ହେଉଛି ଦେଶର ସ୍ୱାଧୀନତା। ୧୯୪୭ ଅଗଷ୍ଟ ୧୫ରେ ଆମେ ସ୍ୱାଧୀନତା ପାଇବାରେ ଏହା ଥିଲା ପୂର୍ବରାଗ। ତେବେ ଏହି ଚୂଡ଼ାନ୍ତ ସଂଗ୍ରାମକୁ ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ଏକ ନିର୍ଣ୍ଣାୟକ ମୋଡ଼କୁ ନେବାକୁ ପ୍ରସ୍ତୁତ ହେଉଥିଲା, ସେତେବେଳେ ଏହାକୁ ବିରୋଧ କରୁଥିବା ଅନେକ ଗୋଷ୍ଠୀ ଓ ସଂଗଠନ ଭାରତରେ ରହିଥିଲେ। ଅତି ସ୍ପଷ୍ଟ ଭାବରେ କହିଲେ, ଏହି ସମୟରେ ଭାରତ ଛାଡ଼ ଆନ୍ଦୋଳନକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ହିନ୍ଦୁ ମହାସଭା, ମୁସଲିମ୍ ଲିଗ୍ ଓ କେତେକାଂଶରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବିରୋଧ କରୁଥିଲେ। ଏହି ଆନ୍ଦୋଳନକୁ ଯେକୌଣସି ପ୍ରକାରେ ଦମନ କରିବା ପାଇଁ ସେତେବେଳେ ବଙ୍ଗଳା ସରକାରର ଅର୍ଥମନ୍ତ୍ରୀ ଥିବା ଜନସଂଘ ନେତା ଶ୍ୟାମାପ୍ରସାଦ ମୁଖାର୍ଜୀ ବ୍ରିଟିଶ୍ ସରକାରକୁ ଚିଠି ଲେଖିଥିଲେ। ସବୁଠୁ ମଜା କଥା ହେଉଛି, ହିନ୍ଦୁ ଓ ମୁସଲମାନଙ୍କ ଭିତରେ ବିଭେଦ ସୃଷ୍ଟି କରୁଥିବା ଭାରତୀୟ ଜନସଂଘ ୧୯୪୨ ମସିହା ବେଳକୁ ବଙ୍ଗଳାରେ ମୁସଲିମ୍ ଲିଗ୍ ସହ ମିଶି ସରକାର ଗଠନ କରିଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତତ୍କାଳୀନ ମୁଖିଆ ସଦାଶିବ ମାଧବ ଗୋଲ୍‌ୱାଲ୍‌କର୍ ଭାରତ ଛାଡ଼ ଆନ୍ଦୋଳନକୁ ବିରୋଧ କରିବା ସହିତ ସଂଘ ଏ କ୍ଷେତ୍ରରେ ପୂରାପୂରି ଉଦାସୀନ ରହିବ ବୋଲି ଘୋଷଣା କରିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବହୁ ସଦସ୍ୟ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ୍ ହୋଇଥିଲେ ମଧ୍ୟ ଦଳୀୟ ଦୃଷ୍ଟିରୁ ସେମାନେ ଆନ୍ଦୋଳନଠାରୁ ଦୂରରେ ରହିଥିଲେ। ତେବେ ପଞ୍ଚସ୍ତରୀ ବର୍ଷ ପରେ ଆଜି ଯେତେବେଳେ ଭାରତ ଛାଡ଼ ଆନ୍ଦୋଳନର ସ୍ମୃତିକୁ ଆମେ ରୋମନ୍ଥନ କରୁଛୁ, ସେଥିରୁ ଅନେକ କିଛି ଐତିହାସିକ ତଥ୍ୟ ଜାଣିଶୁଣି ଆମେ ପୋଛି ଦେବାକୁ ଚେଷ୍ଟା କରୁଛୁ। ଗତ ଆଠ ତାରିଖ ଦିନ ଭାରତୀୟ ସଂସଦରେ ଭାରତ ଛାଡ଼ ଆନ୍ଦୋଳନର ୭୫ ବର୍ଷ ପୂର୍ତ୍ତି ଅବସରରେ ଯେଉଁ ସ୍ୱତନ୍ତ୍ର ଅଧିବେଶନ ହୋଇଥିଲା, ସେଥିରେ ଇତିହାସକୁ ବିକଳାଙ୍ଗ କରିବା ଓ ତଥ୍ୟକୁ ଭାଙ୍ଗିରୁଜି ଦେବାର ଏକ ଅଦ୍ଭୁତ ପ୍ରୟାସ ଦେଖିବାକୁ ମିଳିଥିଲା।

ଏହି ଆନ୍ଦୋଳନର ସ୍ମୃତିଚାରଣ ପ୍ରସ୍ତାବ ରଖି ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ ମହାତ୍ମା ଗାନ୍ଧି, ରାମ ମନୋହର ଲୋହିଆ, ଜୟପ୍ରକାଶ ନାରାୟଣଙ୍କ ଭଳି ନେତାଙ୍କ ସହିତ ବିନାୟକ ଦାମୋଦର ସଭର୍‌କର୍, ଦୀନଦୟାଲ୍ ଉପାଧ୍ୟାୟ ଓ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମ ମଧ୍ୟ ନେଇଥିଲେ। ଏହାବୋଧେ ଇତିହାସର ସବୁଠୁ ବଡ଼ ବିଡ଼ମ୍ବନା। ସଭର୍‌କର୍ କେବଳ ଭାରତଛାଡ଼ ଆନ୍ଦୋଳନକୁ ବିରୋଧ କରୁନଥିଲେ, ସେ ଗାନ୍ଧି ହତ୍ୟାକାଣ୍ଡର ଅନ୍ୟତମ ଷଡଯନ୍ତ୍ରକାରୀ ବୋଲି ଅଭିଯୁକ୍ତ ମଧ୍ୟ ହୋଇଥିଲେ। ଦୀନଦୟାଲ୍ ଉପାଧ୍ୟାୟ ସେତେବେଳେ କିଛି ଭୂମିକା ନେଇଥିଲେ ବୋଲି କୌଣସି ଐତିହାସିକ ପ୍ରମାଣ ନାହିଁ। ଶ୍ୟାମାପ୍ରସାଦ ଖୋଲାଖୋଲି ଭାବରେ ଭାରତ ଛାଡ଼ ଆନ୍ଦୋଳନର ବିରୋଧୀ ଥିଲେ। ଅଥଚ ଏମାନଙ୍କୁ ଆଜି ସ୍ୱାଧୀନତା ସଂଗ୍ରାମୀ ବୋଲି ଶାସକ ଦଳ ଜୋର୍ କରି ଲଦି ଦେବାର ଉଦ୍ୟମ କରୁଛି। ସ୍ୱାଧୀନତା ଆନ୍ଦୋଳନ ସମୟରେ ବହୁ ଗୋଷ୍ଠୀ ଓ ବହୁ ବିଚାର ରହିଥିଲେ। ସମସ୍ତଙ୍କର ନିଜସ୍ୱ କାର୍ଯ୍ୟଶୈଳୀ ଥିଲା। ଆଜି ତାକୁ ବିଚାର କଲାବେଳେ ସେ ସମୟର ବାସ୍ତବତାକୁ ଆମକୁ ବୁଝିବାକୁ ପଡ଼ିବ। କଂଗ୍ରେସ ଓ ନେହେରୁଙ୍କୁ ଅଣଦେଖା କରିବାକୁ ଯାଇ ଭାରତ ଛାଡ଼ ଆନ୍ଦୋଳନର ଇତିହାସ ଯଦି ଆମେ ଆଲୋଚନା କରିବା, ତା'ହେଲେ ତାହା ଏକ ଐତିହାସିକ ଅପରାଧ ହେବ। ଦୁର୍ଭାଗ୍ୟକ୍ରମେ ଏମିତି ଏକ ବୌଦ୍ଧିକ ଅପରାଧ ଏ ଦେଶର ପ୍ରଧାନମନ୍ତ୍ରୀ ଖୋଦ୍ କରିଛନ୍ତି।

୯ ତାରିଖ ସଂସଦରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଲେ। ତାଙ୍କର ବୈଚାରିକ ଗୁରୁକୂଳ ଆରଏସ୍ଏସ୍‌ର ବିରୋଧ ସତ୍ତ୍ୱେ ନରେନ୍ଦ୍ର ମୋଦି ଗାନ୍ଧିଙ୍କୁ ବେଶ୍ ଗୁରୁତ୍ୱ ଦେଇ ଆଲୋଚନା କଲେ। ଗାନ୍ଧିବାଦ ଓ ଗାନ୍ଧି ବିଚାର ଭାରତୀୟ ରାଜନୀତି ପାଇଁ କେତେ ପ୍ରାସଙ୍ଗିକ, ସେକଥା ମଧ୍ୟ ପ୍ରଧାନମନ୍ତ୍ରୀ କହିଲେ । କିନ୍ତୁ ଏତେ କଥା କହିବା ଭିତରେ ଯେଉଁମାନେ ଗାନ୍ଧି ହତ୍ୟାର ମୁଖ୍ୟ ବିନ୍ଧାଣୀ, ସେମାନଙ୍କୁ ପ୍ରଶଂସା କରିବାକୁ ପ୍ରଧାନମନ୍ତ୍ରୀ ଭୁଲିଲେ ନାହିଁ । ପ୍ରଧାନମନ୍ତ୍ରୀଙ୍କର ଭାଷଣରେ ଏ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ କଥା ଆସିଲା ନାହିଁ। ଅଥଚ ବମ୍ବେ ଅଧିବେଶନରେ ପଣ୍ଡିତ ନେହେରୁ ହିଁ ଭାରତ ଛାଡ଼ ପ୍ରସ୍ତାବ ଆଗତ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ଯଦି ପଣ୍ଡିତ ନେହେରୁଙ୍କ କଥା ନ କହନ୍ତି, ସେଥିରେ ପଣ୍ଡିତଜୀଙ୍କର କୌଣସି କ୍ଷତି ହେବାର ନାହିଁ। ସେ କ୍ଷତି ଏ ଜାତିର। ଏ ଦେଶର ସ୍ୱାଧୀନତା, ସାର୍ବଭୌମତ୍ୱ ଓ ଗଣତାନ୍ତ୍ରିକ ଜୀବନବୋଧ ପାଇଁ ପଣ୍ଡିତ ନେହେରୁଙ୍କ ଅବଦାନ ସର୍ବାଧିକ ଓ କୌଣସି ପ୍ରକାରର ଷଡଯନ୍ତ୍ର ତାଙ୍କର ଐତିହାସିକ ଭୂମିକାକୁ କ୍ଷୁଣ୍ଣ କରିପାରିବ ନାହିଁ।

ତେବେ ଭାରତଛାଡ଼ ଆନ୍ଦୋଳନର ମୌଳିକ ଆଦର୍ଶ କ'ଣ ଥିଲା ? ପ୍ରଧାନମନ୍ତ୍ରୀ ସେ ମୌଳିକ ଆଦର୍ଶକୁ ଅଣଦେଖା କରି କେବଳ ଆଳଙ୍କାରିକ ଆଲୋଚନାରେ ନିଜକୁ ସୀମିତ ରଖିଲେ କାହିଁକି ? ଭାରତଛାଡ଼ ପ୍ରସ୍ତାବ ଗୃହୀତ ହେବା ପୂର୍ବରୁ ମହାତ୍ମା ଗାନ୍ଧି ଏହି ଆନ୍ଦୋଳନର ବୈଚାରିକ ଭିତ୍ତି ରଖିବାକୁ ଯାଇ କହିଥିଲେ - 'ମୁଁ ବିଶ୍ୱାସ କରେ ପୃଥିବୀର ଇତିହାସରେ ଭରତୀୟ ସ୍ୱାଧୀନତା ଆନ୍ଦୋଳନଠୁ ବଳି ଅନ୍ୟ କୌଣସି ଗଣତାନ୍ତ୍ରିକ ସଂଘର୍ଷ ନାହିଁ। ମୁଁ ଜେଲ୍‌ରେ ଥିବାବେଳେ କାର୍ଲାଇଲ୍‌ଙ୍କର ଫ୍ରେଞ୍ଚ୍ ରିଭୋଲ୍ୟୁସନ୍ ବହି ପଢ଼ିଛି। ପଣ୍ଡିତ୍ ଜବାହରଲାଲ୍ ମୋତେ ରୁଷିଆର ବିପ୍ଳବ ସମ୍ପର୍କରେ କହିଛନ୍ତି। ତେବେ ମୁଁ ବିଶ୍ୱାସ କରେ ଯେ, ଏହି ସବୁ ବିପ୍ଳବ ମୂଳତଃ ହିଂସା ଆଧାରିତ। ସେମାନେ ଗଣତାନ୍ତ୍ରିକ ଆଦର୍ଶ ବୁଝିବାରେ ବିଫଳ ହୋଇଥିଲେ ବୋଲି ସେମାନେ ଏକଛତ୍ରବାଦର ଫାନ୍ଦରେ ପଡ଼ିଗଲେ। ମୁଁ ଏକ ଅହିଂସ ଗଣତାନ୍ତ୍ରିକ ବିଚାରବୋଧର ସ୍ୱପ୍ନ ଦେଖୁଛି। ଯେଉଁଥିରେ ସମସ୍ତଙ୍କ ପାଇଁ ସମାନ ମୁକ୍ତିର ବାର୍ତ୍ତା ରହିବ। ସମସ୍ତେ ନିଜର ମାଲିକ ଭାବରେ ରହିବେ।' ଭାରତଛାଡ଼ ଆନ୍ଦୋଳନକୁ କେବଳ ଏକ ବିଦ୍ୱେଷର ଆନ୍ଦୋଳନ ରୂପେ ନୁହେଁ, ଏହା ଭାରତୀୟ ଗଣତନ୍ତ୍ରର ଏକ୍ତୁଡ଼ିଶାଳ ପାଲଟୁ ବୋଲି ଗାନ୍ଧିଜୀ ଚାହୁଁଥିଲେ। ବାପୁଙ୍କର ଏହି ସ୍ୱପ୍ନକୁ ପରବର୍ତ୍ତୀ ସମୟରେ ପଣ୍ଡିତ ଜବାହରଲାଲ୍ ଓ ଆମ୍ବେଦକର୍ ସଫଳ କରିଥିଲେ। ଆମ୍ବେଦକର୍ ଯଦିଓ ଭାରତ ଛାଡ଼ ଆନ୍ଦୋଳନର ସପକ୍ଷରେ ନଥିଲେ ତଥାପି ଗଣତନ୍ତ୍ର ଓ ସାମାଜିକ ନ୍ୟାୟର ଯେଉଁ ସ୍ୱପ୍ନ ଗାନ୍ଧିଜୀଙ୍କର ଥିଲା, ତା'କୁ ଭାରତୀୟ ସମ୍ବିଧାନ ମାଧ୍ୟମରେ ଆମ୍ବେଦକର୍ ଆମ ପାଖରେ ପହଞ୍ଚାଇଛନ୍ତି। ଘୃଣା ଆଧାରିତ ଆନ୍ଦୋଳନ କେବେବି ସଫଳ ହେବ ନାହିଁ ଓ ବ୍ରିଟିଶ୍ ବିରୋଧୀ ମାନସିକତା ଆମକୁ ଫାଶୀବାଦୀ ନ କରୁ ବୋଲି ଗାନ୍ଧିଜୀ ସୂଚାଇ ଦେଇଥିଲେ। ସେଇ ବକ୍ତବ୍ୟରେ ଗାନ୍ଧିଜୀ ପୁଣି କହିଥିଲେ, 'ମୁଁ ଦେଖୁଛି ଯେ, ଆମ ଲୋକଙ୍କ ଭିତରେ ବ୍ରିଟିଶ୍‌ଙ୍କ ପ୍ରତି ଅତ୍ୟଧିକ ଘୃଣା ଭାବ ଜାଗ୍ରତ ହୋଇଛି। ଲୋକେ ସେମାନଙ୍କର ବ୍ୟବହାରକୁ ନେଇ ଅତିଷ୍ଠ। ବ୍ରିଟିଶ୍ ସାମ୍ରାଜ୍ୟବାଦ ଓ ବ୍ରିଟିଶ୍ ଲୋକଙ୍କ ଭିତରେ ରହିଥିବା ପାର୍ଥକ୍ୟକୁ ଲୋକେ ବୁଝିପାରୁନାହାନ୍ତି। ସେମାନଙ୍କ ପାଇଁ ଉଭୟ ସମାନ। ଏପ୍ରକାର ଘୃଣାଭାବ ଯୋଗୁଁ ଆମେ ଜାପାନର ନାଜି ମାନଙ୍କୁ ମଧ୍ୟ ସମର୍ଥନ କରିବାକୁ ପ୍ରସ୍ତୁତ। ଏହା ଅତ୍ୟନ୍ତ ବିପଜ୍ଜନକ।' ବ୍ରିଟିଶ୍ ସାମ୍ରାଜବାଦର ବିରୋଧ କଥା କହିଲାବେଳେ ସାମ୍ପ୍ରଦାୟିକତା ଓ ଫାଶୀବାଦର ବିରୋଧ ପ୍ରସଙ୍ଗକୁ ମଧ୍ୟ ଗାନ୍ଧି ଗୁରୁତ୍ୱ ଦେଇଥିଲେ। ଆଜି ଗାନ୍ଧିଙ୍କୁ ମନେ ପକାଇଲାବେଳେ ଗାନ୍ଧିଙ୍କର ସେଇ ଆଦର୍ଶକୁ ମଧ୍ୟ ଆମକୁ ମନେପକାଇବାକୁ ପଡ଼ିବ। ଗୋଟିଏ ପକ୍ଷରେ ଗାନ୍ଧିଙ୍କର ବନ୍ଦନା ଗାଇବା ସହ ଅପରପକ୍ଷରେ ଗାନ୍ଧି ହତ୍ୟାକାରୀଙ୍କୁ ନିଜର ଆଦର୍ଶ ବୋଲି ମାନୁଥିବା ଲୋକଙ୍କୁ କ୍ଷମତାସୀନ କରିବା କେବଳ ଛଳନା ମାତ୍ର। ଆଜିର ପ୍ରଧାନମନ୍ତ୍ରୀ ସେକଥା ନିହାତି ବୁଝିବା ଉଚିତ୍ ।

ଭାରତ ଛାଡ଼ ବକ୍ତବ୍ୟରେ ଗାନ୍ଧି ଧାର୍ମିକ ଅସହିଷ୍ଣୁତାର ଭବିଷ୍ୟତକୁ ନେଇ ବେଶ୍ ଚିନ୍ତିତ ଥିଲେ। ଆଜିର ସମୟରେ ଏହି ଅସହିଷ୍ଣୁତା ଚରମ ଅବସ୍ଥାରେ ପହଞ୍ଚିଛି। ଉପରାଷ୍ଟ୍ରପତି ଦାୟିତ୍ୱରେ ଥାଇ ହମିଦ୍ ଅନ୍‌ସାରୀ ଯେତେବେଳେ ଏ ଦେଶର ସଂଖ୍ୟାଲଘୁମାନଙ୍କର ଉଦ୍‌ବିଗ୍ନତାର ପ୍ରସଙ୍ଗ ଉଠାଉଛନ୍ତି, ତାଙ୍କୁ ଶାସକ ଦଳ ଅତି କଠୋର ଭାବରେ ଅପମାନିତ କରୁଛି। ଏଥିରୁ କି'ପ୍ରକାର ସହିଷ୍ଣୁତା ଆମର ଅଛି, ତାହା ସ୍ପଷ୍ଟ ହୋଇଯାଉଛି। ଗୋଟିଏ ଧାଡ଼ିରେ ଗାନ୍ଧି ଓ ସଭରକର୍‌ଙ୍କୁ ଠିଆ କରି ଆମେ ଇତିହାସର ନବ କଳେବର କରିବାକୁ ଚାହୁଁଛୁ। ଆର୍‌ଏସଏସ୍‌ର ବିଚାର କେବେବି ଗାନ୍ଧିଙ୍କ ବିଚାର ସହ ସହମତ ହେବ ନାହିଁ। ତେଣୁ ନରେନ୍ଦ୍ର ମୋଦି ଯେତେବେଳେ ନିଜ ଆର୍‌ଏସ୍‌ଏସ୍ ବିଚାରରୁ ମୁକ୍ତି ଗାନ୍ଧି ବିଚାରର ଶରଣାପନ୍ନ ହେଉଛନ୍ତି, ତାହା କେବଳ ସୁଆଙ୍ଗ ଭଳି ଦୃଶ୍ୟମାନ ହେଉଛି। ଯେମିତି କୁହାଯାଏ, 'ମୁହଁରେ ରାମ ନାମ, ଆଡୁଆଳରେ ଛୁରୀ।' ଏହା ଠିକ୍ ସେମିତି କଥା। ମୁହଁରେ ଗାନ୍ଧିଙ୍କ ବନ୍ଦନା ଅଥଚ ହୃଦୟ ଭିତରେ ଗଡ୍‌ସେ ପ୍ରତି ପ୍ରଚୁର ସମ୍ବେଦନା। ଏପ୍ରକାର ଛଳନା ଆମ ରାଜନୀତିକୁ ଅଧିକ କଳୁଷିତ କରିବ। ଗାନ୍ଧିଙ୍କୁ କ୍ଷମତା ରାଜନୀତିରେ ଏକ ଖେଳନା ବୋଲି ଏବେ ବିବେଚନା କରାଯାଉଛି। ଭାରତଛାଡ଼ ଆନ୍ଦୋଳନ ସମୟରେ ଖୋଦ୍ ଗାନ୍ଧି ଏପ୍ରକାର ସମ୍ଭାବନା ବ୍ୟକ୍ତ କରିଥିଲେ। ସେ ଜାଣିଥିଲେ ଯେ, ଭବିଷ୍ୟତରେ ତାଙ୍କ ନାଁକୁ କ୍ଷମତାର ମଙ୍ଗୁଆଳମାନେ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବେ। ସେଥିପାଇଁ ଗାନ୍ଧି ଅତି ଦୃପ୍ତ କଣ୍ଠରେ କହିଥିଲେ ଯେ, 'ଭାରତଛାଡ଼ ଆନ୍ଦୋଳନ, କ୍ଷମତା ହାତେଇବାର ସଂଘର୍ଷ ନୁହେଁ । ଏହା ଗଣତନ୍ତ୍ର ଓ ଅହିଂସା ପାଇଁ ଏକ ମହାସଂଘର୍ଷ।' ସେହି ଗଣତାନ୍ତ୍ରିକ ମହାସଂଘର୍ଷର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜି ଏ ଦଳ ବନାମ ସେ ଦଳର କାଦୁଅ ଫୋପଡ଼ା ଫୋପଡ଼ି ଅତ୍ୟନ୍ତ ଦୁଃଖଦାୟକ।

*ମୋ : ୯୪୩୭୧୫୪୪୪୫*

# ବ୍ରିକ୍‌ସରେ ଭାରତ




ସୌମେନ୍ଦ୍ର ଜେନା

ନିକଟରେ ଚୀନର ସିୟାମେନ୍‌ଠାରେ ବ୍ରିକ୍‌ସର ପଞ୍ଚରାଷ୍ଟ୍ରୀୟ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକାର ଶାସନ ମୁଖ୍ୟମାନେ ଯୋଗ ଦେଇଥିଲେ । ବ୍ରାଜିଲ ରାଷ୍ଟ୍ରପତି ମିସେଲ ଟେମର, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗ ଏବଂ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଜାକବ ଜୁମା ପ୍ରମୁଖ ଏହି ବୈଠକରେ ମିଳିତ ହୋଇ ବିଶ୍ୱନୀତି ସଂକ୍ରାନ୍ତରେ ମତବ୍ୟକ୍ତ କରିବା ସହ ଆଗାମୀ ଦିନରେ ବିଶ୍ୱର ବିକାଶପାଇଁ ପାରସ୍ପରିକ ସହଯୋଗ, ସାହାଯ୍ୟ ଓ ସକ୍ରୀୟତା ଆବଶ୍ୟକ ବୋଲି ସହମତି ପ୍ରକାଶ କରିଥିଲେ । ମୋଦିଙ୍କ ୧୦ ସୂତ୍ରୀ କାର୍ଯ୍ୟକ୍ରମର ପ୍ରସ୍ତାବକୁ ରୁଷର ରାଷ୍ଟ୍ରପତି ପୁତିନ ବେଶ ପ୍ରଶଂସା କରିଥିଲେ । ଆତଙ୍କବାଦ ପ୍ରସଙ୍ଗ ସଂକ୍ରାନ୍ତରେ କାଳେ ଭାରତ ପାକ୍ ସନ୍ତ୍ରାସୀଙ୍କ କଥା ଉଠାଇପାରେ ସେ ଆଶଙ୍କା ରଖି ଚୀନ ପକ୍ଷରୁ ଏନେଇ ଆଲୋଚନା ହେବ ନାହିଁ ବୋଲି କୁହାଯାଇଥିଲେ ହେଁ ମିଳିତ ଆଲୋଚନା ପ୍ରସଙ୍ଗରେ ପାକ୍‌ର ସନ୍ତ୍ରାସବାଦୀ ସଂଗଠନ ସମେତ ଅନ୍ୟ ସନ୍ତ୍ରାସବାଦୀଙ୍କ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଲା । ଚୀନର ଉପକୂଳ ସହର ସିୟାମେନ୍‌ରେ ଅନୁଷ୍ଠିତ ଶିଖରବାର୍ତ୍ତାରେ ଭାରତର ଅଂଶଗ୍ରହଣ କରିବା ନେଇ ପ୍ରଥମରୁ ସନ୍ଦେହ ରହିଥିଲା । କାରଣ ପୂର୍ବରୁ ୭୨ଦିନ ଧରି ସୀମାନ୍ତରେ ଚୀନ-ଭାରତ ମଧ୍ୟରେ ଡୋକଲାମକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା । ଦୁଇଦେଶର ସେନା ମୁହାଁମୁହିଁ ଅବସ୍ଥାରେ ରହିଥିଲେ । ପରସ୍ପର ବିରୋଧୀ ଅର୍ଥନୀତିର ସ୍ଥିତିକୁ ନେଇ ଇଉରୋପ ଓ ଆମେରିକାରେ ଅନେକ ସନ୍ଦେହ ଆଧାରିତ ଚର୍ଚ୍ଚା-ଆଲୋଚନା ଜାରି ରହିଥିଲା । ତାର କାରଣ ହେଲା ଭାରତ ଓ ଚୀନରେ ଦୁଇପ୍ରକାର ଶାସନ ବ୍ୟବସ୍ଥା ପ୍ରଚଳିତ ଅଛି । ଦକ୍ଷିଣ ଆଫ୍ରିକା ସହ ଚୀନ ଓ ଭାରତର ଅର୍ଥନୀତି ତୁଳନୀୟ ନୁହେଁ । ରୁଷିଆପରି ଗତ ଶତାବ୍ଦୀର ମହାଶକ୍ତି ସହ ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା କିପରି ସହଜରେ ରହିପାରିବେ ଏନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଥିଲା । ଭାରତ ଓ ବ୍ରାଜିଲର ଆମେରିକା ସହ ଭଲ ସଂପର୍କ ରହିଥିଲା ବେଳେ ରୁଷିଆ ଓ ଚୀନର ସଂପର୍କ ସେ ତୁଳନାରେ ଦୁର୍ବଳ ରହିଛି । ଏସବୁ ପରସ୍ପର ବିରୋଧୀ ବାତାବରଣ ମଧ୍ୟରେ ୪ଟି ମହାଦେଶର ୫ଟି ଶକ୍ତି କିପରି ଏକାଠି ଆଲୋଚନା କରିବେ ସେ ନେଇ ଅନେକଙ୍କର ସନ୍ଦେହ ରହିବା ମଧ୍ୟ ସ୍ୱାଭାବିକ । କିନ୍ତୁ ଏସବୁ କେବଳ ଯେ ଭୁଲ ପ୍ରମାଣିତ ହେଲା ତା ନୁହେଁ, ଭାରତର ପ୍ରଧାନମନ୍ତ୍ରୀଙ୍କ ବହୁଗାମୀ ବିଚାର, ବିଶ୍ୱ ଭ୍ରାତୃତ୍ୱ ପାଇଁ ସଂକଳ୍ପ, ବିଶ୍ୱରେ ଶାନ୍ତି, ସଂହତି ରକ୍ଷା ସହ ଆର୍ଥିକ ବିକାଶ, ଜନଜୀବନର ଉନ୍ନତି ପାଇଁ ଦୂରଦୃଷ୍ଟି ସଂପନ୍ନ ଆଭିମୁଖ୍ୟ ସମସ୍ତଙ୍କୁ ପ୍ରଭାବିତ କଲା । ଶିଖର ବୈଠକ ପୂର୍ବରୁ ଚୀନ ସରକାର ଡୋକଲାମରୁ ସେନା ହଟାଇନେବାକୁ ରାଜି ହୋଇ ଜିଦ୍‌ଖୋର ମନୋବୃତ୍ତିରୁ ଓହରି ଯାଇଥିଲେ । ଫଳରେ ଭାରତର ସେନା ଡୋକଲାମରୁ ନିଜର ପୂର୍ବସ୍ଥାନକୁ ଫେରିଥିଲେ । ମୋଦିଙ୍କ ଚୀନ ଗସ୍ତ ସ୍ୱାଭାବିକ ହୋଇଥିଲା । ବିନାଚାପ ଓ ଉତ୍ତେଜନାରେ ବୈଠକ ଚାଲିଥିଲା । ମୋଦିଙ୍କ ସ୍ଲୋଗାନ "ସବ୍‌କା ସାଥ ସବ୍‌କା ବିକାଶ" ବ୍ରିକ୍‌ସରେ ମଧ୍ୟ ଶୁଣାଯାଇଥିଲା । ବ୍ରିକ୍‌ସର ଆବଶ୍ୟକତା ଆଗାମୀ ଦିନରେ ଅନ୍ୟମାନେ ଯେପରି ଅନୁଭବ କରିପାରିବେ ସେ ନେଇ ଉପସ୍ଥିତ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । କାରଣ ଶୀତଳ ଯୁଦ୍ଧ ପରବର୍ତ୍ତୀ ବହୁକୈନ୍ଦ୍ରିୟ ପୃଥିବୀ ପ୍ରତିଦ୍ୱନ୍ଦ୍ୱିତାମୂଳକ ବିଶ୍ୱରାଜନୀତି, ଦ୍ୱିପାକ୍ଷିକ ସ୍ୱାର୍ଥଜଡିତ ସହଯୋଗ ଆଦି ବୃଦ୍ଧିପାଇପାରେ ଲାଗିଛି । ଆମେରିକାରେ ଟ୍ରମ୍ପ ସରକାର ଶାସନକୁ ଆସିବା ପରେ ବିଶ୍ୱରେ ଏବଂ ଆମେରିକା ମଧ୍ୟରେ ଅନେକ ସନ୍ଦେହ ଭରିରହିଛି । ବେଳକୁ ବେଳ ବଦଳୁଥିବା ଟ୍ରମ୍ପଙ୍କ ଆଭିମୁଖ୍ୟ ଯୋଗୁ ଆମେରିକାର ସହଯୋଗୀ ଦେଶଗୁଡିକ ମଧ୍ୟ ଦ୍ୱନ୍ଦ୍ୱରେ ପଡିଛନ୍ତି । ବହୁ ରାଷ୍ଟ୍ରରୁ ସେନାହ୍ରାସ ସହ ସୁରକ୍ଷା ଖର୍ଚ୍ଚ ଆମେରିକା ବହନ ନକରିବା, ବିଦେଶୀ ଲୋକଙ୍କ ଆମେରିକାରେ ପ୍ରବେଶ ନେଇ ଭିସାନୀତିରେ ଅଧିକ କଟକଣା,ନିଯୁକ୍ତି ଓ ଶିକ୍ଷରେ ପ୍ରଥମେ ଆମେରିକୀୟଙ୍କ ନିଯୁକ୍ତ ସବୁର ଆମେରିକାକରଣ କରିବାକୁ ଟ୍ରମ୍ପ ପ୍ରଶାସନ ଲକ୍ଷ୍ୟ ରଖିଛି । ଏହାକୁ ନେଇ ପ୍ରଗତିଶୀଳ ଦେଶଗୁଡିକରେ ଆମେରିକା ପ୍ରତି ଅସନ୍ତୋଷ ବୃଦ୍ଧି ପାଇଛି । ସଂରକ୍ଷଣବାଦୀ ନୀତି ଯୋଗୁ ଅନେକ ପ୍ରତିଭାଶାଳୀ ବ୍ୟକ୍ତି ଆମେରିକାରେ ନିଯୁକ୍ତି ପାଇପାରିବେ ନାହିଁ । ଏହା କରିବା ଫଳରେ ଟ୍ରମ୍ପ "ଆମେରିକା କେବଳ ଆମେରିକୀୟଙ୍କ ପାଇଁ" କହି ସଂକୁଚିତ କରିବାକୁ ଚାହାଁନ୍ତି । ଏଣେ ପଶ୍ଚିମ ଏସିଆରେ ଅନାବଶ୍ୟକ ଯୁଦ୍ଧର ଘନଘଟା ଯୋଗୁ ଅନେକ ଲୋକଙ୍କ ଜୀବନହାନୀ ଘଟିଛି । ପୂର୍ବରୁ ଆଫଗାନିସ୍ଥାନରୁ ଆମେରିକା ସୈନ୍ୟ ୨୦୧୪ରେ ହଟିଯିବେ ବୋଲି ଓବାମା ପ୍ରଶାସନ ନିଷ୍ପତ୍ତି ନେଇ ସାରିଥିଲେ ମଧ୍ୟ ଟ୍ରମ୍ପ ଏବେ ତାକୁ ବଦଳାଇ ଅଧିକ ସୈନ୍ୟ ମୁତୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସବୁଠୁ ଅଧିକ ଚିନ୍ତା ବଢାଇଛି ଉତ୍ତର କୋରିଆ । ବାରମ୍ବାର ବାଲିଷ୍ଟିକ କ୍ଷେପଣାସ୍ତ୍ରର ପରୀକ୍ଷଣ, ପରମାଣୁ ଆକ୍ରମଣର ଧମକ ଯୋଗୁ ଟ୍ରମ୍ପ ଏବେ ହରଡଘଣାରେ ପଡିଛନ୍ତି । ରୁଷିଆ ଓ ଚୀନ ଉତ୍ତର କୋରିଆ ଉପରେ ଚାପ ପ୍ରୟୋଗ କରି ସଫଳ ହେବେ ବୋଲି ସେ ଯେଉଁ ଆଶା ରଖୁଥିଲେ ତାହା ସଫଳ ହେବା ଜଣାଯାଉନାହିଁ । ଦକ୍ଷିଣ କୋରିଆ, ଆମେରିକା, ଜାପାନ, ଉତ୍ତର କୋରିଆର ଯୁଦ୍ଧ ଖୋର ଶାସକ କିମ୍‌ଙ୍କୁ ନେଇ ଚିନ୍ତାରେ ପଡିଛନ୍ତି । ଆଗାମୀ ଦିନରେ ଏସବୁ ଦେଶପାଇଁ ଉତ୍ତର କୋରିଆ ସମସ୍ୟା ସୃଷ୍ଟି କରିବ । ହିଟଲରଙ୍କ ପରେ ଗତ ୭୦ବର୍ଷରେ ଏବେ ଉତ୍ତର କୋରିଆ ଶାସକ ବିଶ୍ୱବ୍ୟବସ୍ଥାକୁ ବେଖାତିର କରିବା ଦେଖାଯାଉଛି । କିନ୍ତୁ ବ୍ରିକ୍‌ସ ଆଲୋଚନାରେ ରୁଷିଆ ରାଷ୍ଟ୍ରପତି ପୁତିନ ଉତ୍ତର କୋରିଆକୁ ସମର୍ଥନ କରିବା ପୂର୍ବକ ଆମେରିକାଆଡୁ ସମ୍ଭାବ୍ୟ ବିପଦକୁ ଉଲ୍ଲେଖ କରି ଟ୍ରମ୍ପ ପ୍ରଶାସନକୁ ସମାଲୋଚନା କରିଥିଲେ । ଆମେରିକାର ଏସିଆ ନୀତି ଏବେ ଖୁବ୍ ଚାପଗ୍ରସ୍ତ ଥିବା ଜଣାଯାଉଛି । ଦକ୍ଷିଣ ଚୀନ ସାଗର ମାମଲାରେ ଚୀନକୁ କାବୁକରି ରଖିବା ନୀତି ନେଇ ଆଗେଇବା ବେଳେ ଉତ୍ତର କୋରିଆ ଅନ୍ୟ ଏକ ବଡ ସମସ୍ୟା ହୋଇ ଦେଖାଦେଇଛି । ତେଣୁ କୋରିଆ ଉପଦ୍ୱୀପ ଅଞ୍ଚଳରେ ନିଜର ନିୟନ୍ତ୍ରଣ ରଖିବା ଏବେ ଆମେରିକାର ଲକ୍ଷ୍ୟ । ପଶ୍ଚିମ ଏସିଆରେ ସିରିଆ, ଇରାକ୍, ୟେମେନ, ଇରାନ ପରେ ଏବେ ପୂର୍ବ ଏସିଆ ଅଧିକ ଉଦ୍‌ବେଳିତ ହୋଇଉଠିଛି । ଉତ୍ତର କୋରିଆ ମାମଲାରେ ଭାରତକୁ ସଂପୃକ୍ତ କରିବାପାଇଁ ଆମେରିକାର ଆଗ୍ରହ ଥିଲେ ମଧ୍ୟ ଭାରତ ସିଧାସଳଖ ଏଥିପାଇଁ ରାଜି ନହୋଇ ପାରେ । ପାକ୍-ଉତ୍ତର କୋରିଆ ପରମାଣୁ ସହଯୋଗ ନେଇ ଭାରତ ଚିନ୍ତା ପ୍ରକଟ କରିଥିଲେ ମଧ୍ୟ ସାମୁଦ୍ରିକ ଜଳପଥରେ ସୁବିଧାଜନକ ପରିବହନ ଓ ବିଶ୍ୱନୀତି ଉପରେ ଭାରତ ଜୋର ଦେଇ ନିଜର ବାଣିଜ୍ୟିକ ସ୍ଥିରତା ବଜାୟ ରଖିବାକୁ ଆଗ୍ରହ ପ୍ରକାଶ କରିବ । ବିଶ୍ୱ କୂଟନୀତିରେ ଟ୍ରମ୍ପ ଅସୁବିଧାରେ ପଡି ଇଉରୋପୀୟ ୟୁନିଅନକୁ ପ୍ରଥମେ ସମାଲୋଚନା କରି ନିଜର ସ୍ଥିତିକୁ ସେସବୁ ଦେଶରେ ଦୁର୍ବଳ କରିଛନ୍ତି । ଜର୍ମାନୀ, ଫ୍ରାନସ, ସ୍ପେନ, ଇଟାଲୀ, ସ୍ୱିଜରଲାଣ୍ଡ, ବେଲଜିଅମ ପରି ଦେଶ ଟ୍ରମ୍ପଙ୍କ ନୀତିକୁ ଗ୍ରହଣ କରିପାରିନାହାନ୍ତି । ଦୁର୍ବଳ ଆଫ୍ରିକା ମହାଦେଶରେ ଆମେରିକା ସପକ୍ଷରେ କେହି କହୁନାହାନ୍ତି । ଲାଟିନ ଆମେରିକାର ଦେଶଗୁଡିକର ଆଭିମୁଖ୍ୟ ଆମେରିକା ସପକ୍ଷରେ ଏବେ ଯାଉନାହିଁ । ମୂଳରୁ ମେକ୍‌ସିକୋ ନୀତି ନେଇ ଟ୍ରମ୍ପ ସେସବୁ ଦେଶରେ ସମାଲୋଚନାର କେନ୍ଦ୍ର ଥିଲେ । ଏବେ ବ୍ରିକ୍‌ସ ବୈଠକରେ ବିଶ୍ୱ ଅର୍ଥବ୍ୟବସ୍ଥାକୁ ସୁଧାରିବା, ଜଗତିକରଣକୁ ଆଗକୁ ନେବା, ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରୟାସ କରିବାଲାଗି ବିଷୟ ଉଠିଥିଲା । ଆମେରିକାର ସଂରକ୍ଷଣବାଦୀ ନୀତି ବିକାଶଳୀଳ ଦେଶଗୁଡିକର ଅର୍ଥବ୍ୟବସ୍ଥା ପାଇଁ କ୍ଷତିକାରକ ହେବ ବୋଲି ମତପ୍ରକାଶ ପାଇଥିଲା । ଜଳବାୟୁ ପରିବର୍ତ୍ତନର ପ୍ୟାରିସଚୁକ୍ତିରୁ ଓହରିଯାଇ ଆମେରିକା ନିଜକୁ ଅଲଗା କରିନେଇଥିବା ବେଳେ ବ୍ରିକ୍‌ସ ଦେଶ ସମୂହ ପ୍ୟାରିସ ଚୁକ୍ତିପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଆଗାମୀ ଦିନରେ ବିଶ୍ୱ ବାଣିଜ୍ୟରେ ଉନ୍ନତି, ଆର୍ଥିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଉପସ୍ଥିତ ନେତାମାନେ ଏକମତ ହୋଇଥିଲେ । ବିଶ୍ୱ ଅର୍ଥନୀତିର ମାନ୍ଦାବସ୍ଥାବେଳେ ଚୀନ ଓ ଭାରତପରି ଦୁଇଟି ଦ୍ରୁତ ପ୍ରଗତିଶୀଳ ଅର୍ଥନୀତିର ଦେଶ ସକାରାତ୍ମକ ଦୃଷ୍ଟିକୋଣ ନେଇ କାର୍ଯ୍ୟକଲେ ବ୍ରିକ୍‌ସ ଆଗାମୀ ଦିନରେ ବିକଳ୍ପ ନେତୃତ୍ୱ ସୃଷ୍ଟିକରିପାରିବ ବୋଲି ସମ୍ଭାବନା ଦେଖାଦେଇଛି ।

ବ୍ରିକସ ବୈଠକରେ ଯୋଗଦେଇ ଭାରତର ପ୍ରଧାନମନ୍ତ୍ରୀ ଏକ ଦୂରଦୃଷ୍ଟିସଂପନ୍ନ ତଥା ଭାରତୀୟ ବିଚାର ଆଧାରିତ ଦଶସୂତ୍ରୀ କାର୍ଯ୍ୟକ୍ରମ ବିଷୟରେ କହିଥିଲେ । ତାହା ହେଲା (୧) ଆତଙ୍କବାଦ ଓ ହିଂସାମୁକ୍ତ ସୁରକ୍ଷିତ ବିଶ୍ୱର ନିର୍ମାଣ , (୨) ହରିତ ବିଶ୍ୱର ନିର୍ମାଣ, (୩) ସକ୍ଷମ ବିଶ୍ୱର ନିର୍ମାଣ (୪) ସହଯୋଗୀ ବିଶ୍ୱର ନିର୍ମାଣ (୫) ଡିଜିଟାଲ ବିଶ୍ୱର ନିର୍ମାଣ (୬) ଦକ୍ଷତାଯୁକ୍ତ ବିଶ୍ୱର ନିର୍ମାଣ (୭) ସୁସ୍ଥ ବିଶ୍ୱର ନିର୍ମାଣ (୮) ନ୍ୟାୟ ଓ ସମାନତାଯୁକ୍ତ ବିଶ୍ୱର ନିର୍ମାଣ (୯) ସଂପର୍କ ଓ ପାରସ୍ପରିକ ନିବିଡତା ପୂର୍ଣ୍ଣ ବିଶ୍ୱର ନିର୍ମାଣ, (୧୦) ସୌହାର୍ଦ୍ଦ୍ୟଯୁକ୍ତ ବିଶ୍ୱର ନିର୍ମାଣ । ପୂର୍ବବର୍ଷ ଗୋଆରେ ଅନୁଷ୍ଠିତ ବୈଠକ ସଦୃଶ ସିୟାମେନ୍‌ରେ ମଧ୍ୟ ମିଳିତ ଘୋଷଣା ପତ୍ରରେ ପାକ୍ କୈନ୍ଦ୍ରିକ ସନ୍ତ୍ରାସବାଦୀ ସଂଗଠନ ଓ କାର୍ଯ୍ୟର ସମାଲୋଚନା କରାଯାଇଥିଲା । ଏପରିକି ଲସ୍କର ଏ ତୟବା, ଜୈସ ଏ ମହମ୍ମଦ, ହକକାନୀ ନେଟୱାର୍କ, ତହରିକେ ଏ ତାଲିବାନ, ଇସଲାମିକ ଷ୍ଟେଟ, ତାଲିବାନ, ଅଲକାୟଦା, ପୂର୍ବ ତୁର୍କୀସ୍ଥାନ ଇସଲାମିକ ଆନ୍ଦୋଳନ ପରି ସନ୍ତ୍ରାସୀ ଗୋଷ୍ଠୀମାନଙ୍କର ନାମ ମିଳିତ ଘୋଷଣାପତ୍ରରେ ଉଲ୍ଲେଖ ରହିଲା । ବିଶ୍ୱବ୍ୟାଙ୍କର ବିକଳ୍ପ ଆର୍ଥିକ ସଂସ୍ଥା ଦରକାର ଥିଲାବେଳେ ବ୍ରିକ୍‌ସ ବ୍ୟାଙ୍କ ଏବେ ସଦସ୍ୟଭୁକ୍ତ ଦେଶମାନଙ୍କୁ ଋଣ ପ୍ରଦାନ ଆରମ୍ଭ କରିଛି । ଏଥିରୁ ରୁଷିଆ, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ ଅଧିକ ଉପକୃତ ହୋଇପାରିବେ । କାରଣ ଏହି ତିନି ଦେଶର ଆର୍ଥିକ ବିକାଶ ଦୁର୍ବଳ ସ୍ଥିତିରେ ଚାଲୁଛି । କେବଳ ଭାରତ ଓ ଚୀନ ୬ପ୍ରତିଶତ ହାରରୁ ଅଧିକ ବିକାଶ କରୁଛନ୍ତି । ତୈଳ କ୍ରୟ ପାଇଁ ଡଲାର କିମ୍ବା ସୁନା ବଦଳରେ ବ୍ରିକସ ମୁଦ୍ରା ବ୍ୟବହାର କରାଯିବା ପ୍ରସ୍ତାବ ଅତି ଗୁରୁତ୍ୱପୂର୍ଣ୍ଣ । ବ୍ରିକସ ସହଯୋଗୀ ଏଜେନ୍‌ସୀ ଗଠନ ଉପରେ ମୋଦି ଗୁରୁତ୍ୱ ଦେଇଥିଲେ । ସୂଚନା ପ୍ରସାରଣ, ଗଣମାଧ୍ୟମ କ୍ଷେତ୍ରରେ ବ୍ରିକସ ଦେଶ ସମୂହ ଆବଶ୍ୟକ ତଥ୍ୟ ଓ ସମ୍ବାଦ ପ୍ରସାରଣ କରିପାରିଲେ ବିକାଶଶୀଳ ଦେଶଗୁଡିକର ଖବର ବିଶ୍ୱବାସୀ ଜାଣିବାକୁ ସୁଯୋଗ ଲାଭ କରନ୍ତେ । ପାଶ୍ଚାତ୍ୟ ଦେଶଗୁଡିକର ନିୟନ୍ତ୍ରଣରୁ ଗଣମାଧ୍ୟମ ମୁକ୍ତିଲାଭ କରିପାରନ୍ତା ବୋଲି ମତପ୍ରକାଶ ପାଇଥିଲା । ଚଳିତବର୍ଷର ବୈଠକରେ ମିଶର,ମେକ୍‌ସିକୋ, ଥାଇଲାଣ୍ଡ, ତାଜିକିସ୍ଥାନ ଓ ଗିନିକୁ ସହଯୋଗୀ ଦେଶ ଭାବେ ଆମନ୍ତ୍ରିତ କରାଯାଇଥିଲା । ଏମାନଙ୍କୁ ବ୍ରିକ୍‌ସ ପ୍ଲସ ଦେଶ କୁହାଯାଉଛି । ଯଦି ବ୍ରିକସର ଆଗାମୀ ଦିନରେ ବିସ୍ତାର କରାଯାଏ ତେବେ ଏହା ଅନେକ ବିକଶିତ ଓ ବିକାଶଶୀଳ ଦେଶଗୁଡିକୁ ନିଜ ସହ ନେବାକୁ ସକ୍ଷମ ହେବା ସହ ବିଶ୍ୱରେ ନୂତନ ସଂଗଠନର ଶୃଙ୍ଖଳା ସୃଷ୍ଟି କରିବ,ଯାହାଦ୍ୱାରା ପୃଥିବୀକୁ ବିକଳ୍ପ ନେତୃତ୍ୱ ପ୍ରଦାନ କରିବ । କାରଣ ଆଜି ଛୋଟ ଛୋଟ ଦେଶ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କ ନିକଟରେ ବନ୍ଧାପଡି ପାଶ୍ଚାତ୍ୟ ଜଗତର ଧାର୍ଯ୍ୟ ନିୟମରେ ଋଣପାଇଁ ବାନ୍ଧି ହେଉଛନ୍ତି । ଚୀନ ଓ ଭାରତ ବ୍ରିକ୍‌ସ ବ୍ୟାଙ୍କକୁ ଅଧିକରୁ ଅଧିକ ଅର୍ଥଦାନ କରି ସମୃଦ୍ଧ କରିପାରିଲେ ବିକାଶଶୀଳ ଏସିଆ, ଆଫ୍ରିକା ଓ ଲାଟିନ ଆମେରିକାର ଦେଶଗୁଡିକ ଏଥିରୁ ଉପକୃତ ହୋଇପାରିବେ । ଆଧୁନିକ ବୈଷୟିକ ଜ୍ଞାନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଢାଞ୍ଚାଗତ ବିକାଶ, ମହାକାଶ ଗବେଷଣା, ସ୍ୱାସ୍ଥ୍ୟରକ୍ଷା, ସୁରକ୍ଷା ଆଦି ବିବିଧ କ୍ଷେତ୍ରରେ ବ୍ରିକ୍‌ସ ଦେଶଗୁଡିକ ନିଜନିଜ ସ୍ତରରେ ପୃଥିବୀରେ ଶ୍ରେଷ୍ଠତା ଲାଭ କରିଛନ୍ତି । ଏମାନଙ୍କ ସହ ଯୋଡି ହୋଇ ଛୋଟ ଦେଶଗୁଡିକ ନିଜର ବିକାଶକୁ ଦ୍ରୁତ କରିପାରିଲେ ସମୃଦ୍ଧ ବିଶ୍ୱର ସଂକଳ୍ପ ସାର୍ଥକ ହେବ, ଏଥିରେ ସନ୍ଦେହ ନାହିଁ ।

*ଭାରତୀୟ ସମ୍ବାଦ ସେବା(ଭାସ୍)*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର,ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯



# ଥମୁହାଁ ଦେଉଳ

ଉପନ୍ୟାସ ଭାଗ-୨

ଡ. ମୌସୁମୀ ପରିଡ଼ା

**ବ୍ୟ**ସ୍ତବହୁଳ ଲୋକମାନେ ତନ୍ଦ୍ରାକୁ ଚିଡିଆଖାନାର ଜୀବ ପରି ଲାଗୁଥିଲେ। ମନେହେଉଥିଲା ସମସ୍ତେ ଯେମିତି ଗୁଡେ ଦେଶୀ ମଦ ପିଇ ଉନ୍ମତ ପାଲଟିଛନ୍ତି। କିଛି ଉଦ୍ଦଣ୍ଡ କାଣ୍ଡ କରି ଚାଲିଯାଉଛନ୍ତି। ଏକା ସେ ଦୁହିଁଙ୍କୁ ଛାଡି..ସମସ୍ତେ ଅଜବ! ହସିଲା ସେ ମୁରୁକି ମୁରୁକି।

ରେଣୁକା ତାକୁ ଆସ୍ତେ ଚିମୁଟି ଦେଇ କହିଲା-ଅଯଥାଟାରେ କାଇଁ ହସୁଛୁ? ଦେଖ୍ ସମସ୍ତେ କିପରି ନିଜ ଫୁରୁସତ୍ ସମୟକୁ କେତେ ସୁନ୍ଦର ଭାବେ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆମ ପରି ନିର୍ବୋଧ ଝିଅ ଦୁଇଟି ଏଠି କୋଉ ଗୋଟେ ଭବିତବ୍ୟକୁ ଅପେକ୍ଷା କରିଛନ୍ତି,ଯାହା ପାଣିର ପଦ୍ମ ପରି ଘୁଂଚି ଘୁଂଚି ଚାଲିଛି ହାତ ପାହାନ୍ତାରୁ ଦୂରକୁ। ଅପେକ୍ଷାଟା ଖୁବ୍ ଅସହ୍ୟ ସତରେ! ଆଜିକା ଯୁଗରେ ଆମେ ସାମାନ୍ୟ ଟାଉନ୍ ବସକୁ ଅପେକ୍ଷା କରି ସମୟ ସାରୁଛେ। କାରଣ ଆମେ ଆମ ପରିବାରର ସୁନା କଣ୍ଢେଇ..ଆମ ସୋ କଲ୍ଡ ଗୁରୁଜନମାନଙ୍କୁ ଅବଜ୍ଞା କରିପାରିବାନି! ସେମାନେ ଉଠ୍ କହିଲେ ଉଠିବା ବସ୍ କହିଲେ ବସିବା।

ହଁ ମନହେଲେ ଲୁଚିଛପି ମୁଭି ଦେଖିବାକୁ ଯିବା। ସେତେବେଳେ ଭୁଲିଯିବା ଯେ ଆମେ ଆମ ବାପାମାଆଙ୍କ ବାଧ୍ୟ ସନ୍ତାନ,ନୁହେଁ? ହେଲେ ରେଣୁକା,ମୋତେ ଏ ଲୁଚାଛପା କଥାକୁ ଭାରି ଭୟ। ମୁଁ ଆଉ ଯିବିନି। ଚାଲ୍ ଆଉ କେବେ ପ୍ରୋଗ୍ରାମ୍ କରିବା। ତନ୍ଦ୍ରା ଏତିକି କହି ମୁହଁ ବୁଲେଇ ସାରିଥିଲା ଘର ଆଡକୁ।

ତାର ଏଭଳି ବ୍ୟସ୍ତତା ଦେଖି ରେଣୁକା ତା ହାତକୁ ଚିପି ଦେଇ କହିଲା-ନୂଆ କରି ଫିଲ୍ମ ଦେଖିଲା ଭଳି କଣ ହେଉଛୁ? ତୋ ମୁହଁରୁ ଲାଗୁଛି ଯେପରି ଜଘନ୍ୟ ପାପ କରିଆସିଛୁ ନହେଲେ କରିବାକୁ ଯାଉଛୁ। ବୁଝିଲୁ ତନ୍ଦ୍ରା,ତୋ ସହିତ ଭଲ କାମ କଲେ ବି ଡର ଲାଗେ। ତୁ ଏମିତି ଛାନିଆଁ ମୁହଁ କାଇଁ ବନେଇଛୁ କହ ତ? ପିଲା କଣ କଣ କାରନାମା କରିପକାଉଛନ୍ତି! ଆଉ ତୁ..ସାମାନ୍ୟ ମୁଭି ପାଇଁ ଝାଳ ନାଳ ହୋଇ ଆଣ୍ଠୁଏ? କାଇଁ ବ୍ୟସ୍ତ ହେଉଛୁ ଏତେ? ପିକ୍‌ଚର୍ ଟାଇମ୍ ଆମ ହାତରୁ ଖସିଯିବନି। ବି ସିଓର୍ ଅଫ୍ ଇଟ୍। ଗୋଟେ ବ୍ୟସ୍ତବହୁଳ ଯାଗାରେ ଆମକୁ ଯେକୌଣସି ଗାଡିଟେ କଣ ମିଳିଯିବନି! ରେଣୁକା ସାନ୍ତ୍ୱନା ଦେଇ କହିଲା।

ଆଚ୍ଛା ଏ ଝାଳ ନାଳ..ଏମିତିଆ ଗୋଟେ କଣ କହିଲୁ? ନିରୀହ ଭାବେ ପଚାରିଲା ତନ୍ଦ୍ରା।

ଆରେ..ଏସବୁ ଗୋଟେ ଗୋଟେ ସ୍ପେସାଲ୍ ଶବ୍ଦ ଯାହାର ଅର୍ଥ ଅଲଗା। ଢଗଢମାଳୀ ବୋଲି କହନ୍ତି। ଆଈ ମଝିରେ ମଝିରେ ଏଠିକୁ ଆସି ଏମିତି କିଛି କହେ ଯେ ଖୁବ୍ ଇଂଟରେଷ୍ଟିଂ ଲାଗେ। ପ୍ରାୟ ସବୁ ଟିପିରଖୁ ଖାତାରେ। ଯାହାର ଅର୍ଥ ଏମିତି ହୋଇପାରେ-ଏତେ ବ୍ୟସ୍ତ ହେଉଛୁ କାହିଁକି?

କେବେ ମନେପକାଇ ମୋତେ ବି ସେ ନୋଟ୍ ଦେବୁ ଟିକେ। ମାମା କି ପାପା ଏସବୁ ଜାଣିନଥିବେ! ଅବଶ୍ୟ ବୁଝିପାରିବେ ନିଶ୍ଚୟ। ଆଚ୍ଛା..ଛାଡ ସେକଥା। ଏବେ କଥା ତ ଅସଂଭାଳ। ପାପା କ୍ଲାସ୍ କଥା ପଚାରିବେ..ଯଦି? ସେ ଆୟାର୍ ସାର୍ ତ ନିଷ୍ଠେ କହିଦେବେ। ଆଶଙ୍କାଛନ୍ନ ହୋଇ କହିଲା ତନ୍ଦ୍ରା।

ସିମ୍ପଲ୍..। କହିଦେବୁ ମୁଣ୍ଡ ବିନ୍ଧିଲା। ଏମିତିରେ ତୋର ଭାଗ୍ୟ ଭଲ ମିଗ୍ରେନ୍ ପାଇଁ ସବୁବେଳେ ବଂଚିଯାଉଛୁ। ନହେଲେ ପ୍ରଫେସର୍ ସୁବ୍ରମନିୟମ୍‌ଙ୍କ ସେ ବୋରିଙ୍ଗ୍ କ୍ଲାସେସ୍ ଆଉ ଆୟାର୍ ମ୍ୟାମ୍‌ଙ୍କ ମୋଟା ଷ୍ଟାଇଲିସ୍ ଚଷମା ଫ୍ରେମ୍ ଭିତରୁ ବି ଗୁଳିବିଦ୍ଧ କରିପାରୁଥିବା ସଜ୍ଜିତ ବନ୍ଧୁକ ଦୁଇଟି..ଓଃ କେତେବେଳେ ଯେ ଗୁଡୁମ୍ ଗୁଡୁମ୍ ଶୁଭିବ ଆଉ ସେଇଠି ଟଳିପଡିବେ ବିଚରା ନିରୀହ ଛାତ୍ର ଛାତ୍ରୀ କେଇଟି! ଦେ' ଅଲ୍ ଆର୍ ଇମ୍ପସିବ୍ଲ୍..। ଆରେ ସେମାନେ ବି ତ ଷ୍ଟୁଡେଂଟ୍ ଥିବେ ନା ଦିନେ! ଏତେ ଷ୍ଟ୍ରିକ୍ଟ!

ଆଉ ହଁ ମ୍ୟାଡାମ୍ ଜୀ..ଆପଣଙ୍କ ପାପା ବି ବୋଧେ ଏ ରେଟିଙ୍ଗ୍‌ରେ ସବୁଠୁ ଅଧିକା। ଆଖି ଦି'ଟା ସବୁବେଳେ ଜଳୁଥିବ ଦପ୍ ଦପ୍ ହୋଇ। କେଜାଣି କେତେବେଳେ ଲିଭୁଥିବ କି ନାଁ! ଆଉ ଡାକ ନୁହଁ ତ ହେଂଟାଳ ଗୋଟେ ଲେଖାଏଁ..ତାଙ୍କୁ ଦେଖୁ ଦେଖୁ ଅଧା ପାଠ ତ ଉଡିଯାଆନ୍ତି ମୁଣ୍ଡରୁ। କଣଟା ମନେରହିବ ଯେ! ଛତୁ..! କିଛି ଭକୁଆ ତ ସେମିତି ଚାହିଁଥାନ୍ତି ତାଙ୍କ ମୁହଁକୁ। କି ଅମୃତ ପାନ କରନ୍ତି କେଜାଣି! ମୁଁ ସେ ଭକୁଆମାନଙ୍କ ରିଆକ୍ସନ୍ ଦେଖି ବହେ ହସେ ମନେମନେ। ସୋ ବୋରିଂ ମେଥଡ୍ସ ଅଫ୍ ଟିଚିଙ୍ଗ୍ ୟାର୍।


ପ୍ଲିଜ୍ ରେଣୁକା..ଯାହା କହ,କିନ୍ତୁ ମୋ ପାପାଙ୍କ କଥା କହନା। ଯାହାହେଲେ ବି..ସେ ମୋ ପାପା! ଇଟ୍ ହର୍ଟସ୍ ୟାର୍। ଏମିତିରେ ସେ ଆଜି ଆଉଟ୍ ଅଫ୍ ଷ୍ଟେସନ୍ ବୋଲି ତ ମୁଁ ଫିଲ୍ମ ପାଇଁ ହଁ କଲି। ନହେଲେ ହୋପ୍‌ଲେସ୍। ସେମିତି କଏଦୀଙ୍କ ପରି ବନ୍ଦୀ ଜୀବନ!

ତେବେ ମାଇଁ ଡିଅର୍..ତୁ କେମିତି ଘରୁ ମିଛ କହି ଲୁଚିକି ଆସିଲୁ? ଆଂଟି ତ ଆଲାଓ କରିଥିଲେ। ପୁଣି କାଇଁ ଏତେ ବାହାନା? ଅଯଥା ପ୍ରଶ୍ନୋତରରେ ଏତେ ଡେରି ହେଲା ଯେ ଟାଉନ୍ ବସ୍ ବି ହାତଛଡା ହୋଇଗଲା। ସାର୍ ଘରେ ନଥିଲେ ତ..ଏତେ ନାଟକବାଜି କରିବାର ନଥିଲା କି ଗୋଡ ଲମ୍ୱେଇବାର ନଥିଲା ତୋର। ସାଙ୍ଗେ ସାଙ୍ଗେ ଚାଲି ଆସିଥାନ୍ତୁ ତ ବସ୍ ପାଇଯାଇଥାନ୍ତେ। ତୋର ଡେରି ହେବାରୁ ଏବେ କିଛି ଫାଙ୍କା ନାହିଁ ଯେଉଁଥିରେ ଫିଲ୍ମହଲ୍ ଯାଏଁ ଯାଇହେବ। ରେଣୁକା ଦୋଷାରୋପ କଲା।

(କ୍ରମଶଃ...)

## --------ବିଶେଷ କବିତା--------

# କବିତାର ପ୍ରେମ



ଭିକାରୀ ଧଳ

**ପା**ଣିର କ'ଣ ଜାତି ଥାଏ, ନା ବୟସ!
ଖାଲ ଖମା ରାସ୍ତାଘାଟ ସବୁ ତ ତା'ର ଆପଣାର
କେତେବେଳେ କୂଳ ବୁଡାଏ ତ
କେତେବେଳେ ଶୁଖେଇଦିଏ ଶୋଷିଲାର ତଣ୍ଟି
ଜୀବନ ବଞ୍ଚେଇ ଦିଏ ଯାଉ ଯାଉ କେତେ କାହାର।

ସେମିତି କବିତାର କ'ଣ ଜାତି ଅଛି
ନା ଅଛି ବୟସର ବାଛ ବିଚାର!
କଳାଗୋରା ଡେଙ୍ଗା ବାଙ୍ଗରା କିଏ ଆପଣା କିଏ ପର?
ବାଛ ଅବାଛ ସିନା ତୁମ ପାଖରେ
କାହାକୁ କେତେବେଳେ ଟେକିଟାକି
ଆକାଶରେ ଥୋଇଦିଅ ତ
କାହାକୁ ନିର୍ବିଘ୍ନରେ ଫିଙ୍ଗିଦିଅ ରାସ୍ତା କଡ଼କୁ
ନର୍ଦ୍ଦମା ଆଡ଼କୁ,
କ'ଣ ନା ବୟସ ଅଧିକ
ଜାତିର ନୁହେଁ, ଦେଖିବାକୁ ଭାରି ଅସୁନ୍ଦର।

ଏବେ ଏବେ ତ କବିତା ସାଥିରେ ଅଛି ଜୀବନ
ବିତୁଛି ସକାଳସଞ୍ଜ, ରାତିଅନ୍ଧାର, ମଧ୍ୟାହ୍ନ, ଅପରାହ୍ନ
ଅଛି କବିତା ଦେହରେ ଜଡ଼ି ଯିବାର
ଆଉ କବିତାକୁ ଦେହରେ ଜଡ଼ାଇ ରଖିବାର ମନ।
ଏବେ ସେଇ କବିତା କହୁଛି ଶୁଣ!
ଯାହାର ଜାତି ନାହିଁ କି
ପାଇ ହଜାଇବାର ଭିତ୍ତି ନାହିଁ
ଭରପୂର ପ୍ରେମରେ ଗଢ଼ା ତା' ଦେହ ମନ ଓ ଯୌବନ
ଯାହାକୁ ବି ପରଶି ଦେବାରେ ତା'ର ନାହିଁ କାର୍ପଣ୍ୟ
ଭୟ ନାହିଁ ବର୍ଣ୍ଣ ବୈଷମ୍ୟ ଭେଦଭାବର।

ବୟସ ଯେତେ ଆଗକୁ ଯାଉଛି
କବିତା ସେତିକି ଧାଉଁଛି ପଛରେ
ମୁହଁ ସଂଜବେଳେ ରାସ୍ତାରେ ମାଗିଛି ପ୍ରେମ
କେବେ ସାରାରାତି ଅନିଦ୍ରା ରହି
ଜଡ଼ି ଯାଉଛି ଦେହରେ, ମିଶିଯାଉଛି ମନରେ
ଗପି ଚାଲୁଛି କେତେ କାହା କଥା
କେବେ କାଳର କରାଳ ଗର୍ଭରେ ହଜିଥିବା
ମୁକ୍ତା ଖଣ୍ଡକୁ ଖୋଜିପାଇବାରେ।

କବିତା ପର ନୁହେଁ କି ନୁହେଁ ଆପଣାର
ଯିଏ ଚାହିଁଛି, ପାଇଛି
ଭାବକୁ ନିକଟ ବୋଲି
କବିଟିର ଶିରରେ ବନ୍ଧା ପଡିଛି ଜାହ୍ନବୀ ପରି
ଲିଙ୍ଗଭେଦରେ ଆପଣେଇ ନେଉଛି ଜୀବନ
ପୁରୁଷ ପାଇଁ ହୋଇଛି ନାୟିକା
ନାରୀ ପାଇଁ ସାଜିଛି ପୁରୁଷ।

ସେହି କବିତାର ଅମଳିନ ଅବସୋସ ହୀନ
ଜୀବନ କଥା ଏ କବିତା
ପାଇ ହଜାଇଥିବା ଏବଂ ହଜାଇ ପାଇଥିବା
ଗୁଢ଼ତତ୍ତ୍ୱ ଜ୍ଞାନର କଥା
କାଳ କାଳ ଜିଇବାର ଉପକ୍ରମ, ଅମୃତ ଧାରା
ବରଷି ଯାଏ ମହିୟସୀ ରୂପ ନେଇ ସେ
ସେବା କାର୍ପଣ୍ୟ ଦେବାର ତାରୁଣ୍ୟରେ
ସଦା ସତେଜ ରଖେ ତା'ର ପ୍ରିୟ କବିଙ୍କୁ
ଅମର ରଖିବାର ଉପକ୍ରମରେ
ଜାତି, ଜ୍ଞାତି, ବୟସରୁ ଉର୍ଦ୍ଧ୍ୱରେ, ପ୍ରେମ କରିବାରେ।

ନିଜିଗଡ଼ କୁରୁଖି, ହରିରାଜପୁର
ଜଟଣୀ, ପୁରୀ-୭୫୨୦୫୦
ମୋ:୯୪୩୭୨୮୩୯୦୭

# ଋତୁଟିଏ ବୁଢ଼ା ହେଇଗଲା ପରେ



ଅନ୍ତର୍ଯ୍ୟାମୀ ମିଶ୍ର

**ଋ**ତୁଟିଏ ବୁଢ଼ା ହେଇଗଲା ପରେ
ନିଜକୁ ଯାବୁଡି ଧରିପାରେନା ସ୍ୱପ୍ନ...
ବାହୁ ମେଲି ଆକାଶ
ସରାଗରେ କୁଣ୍ଢେଇ ପାରେନା ଜହ୍ନ ତାରାଙ୍କୁ...।

ତରୁଣୀଟିଏ କୁଅରୁ ଗରାରେ
ପାଣି ଆଣୁଥିବା ବେଳେ
ଯୌବନକୁ କିଏ ବାନ୍ଧି ପକାଏ ଚୁଳି ମୁଣ୍ଡରେ..।

ନିଜୁ ଢ଼େର୍ ଉଚ୍ଚା ଦିଶେ
ନିଜର ଛାଇ
କୁହୁଡିରେ ବାଟ କାଟି
ସକାଳ ପହଞ୍ଚି ପାରେନା ଗାଁଆ ଦାଣ୍ଡରେ....।

ବାବୁନା ଆଉ କଳମ ଡାଙ୍ଗରେ ପିଟିପିଟି
ଟାୟାର ଗଡାଏନା ...
ଶଙ୍କରା କି ଆଉ ଜିଆ ଯୋଖି
ନଈରେ ଖଡା ପକାଏନା...।

ଦିନ, ରାତି, ଅନ୍ଧାର, ଆଲୁଅକୁ
କିଏ ପୁଟୁଳି ବାନ୍ଧି
ଫିଙ୍ଗିଦିଏ କିଆବୁଦା ମୂଳରେ...
ଆଉ ଗୋଟେ ଋତୁ
ଜନ୍ମହେଇ କିଶୋର ହେବାଯାଏ....।

ବେଲସାଉଁକିଆ,ବାସୁଦେବପୁର
ଭଦ୍ରକ-୭୫୬୧୨୫

# କୁନାବାପାଙ୍କ କୁନିକଥା ୧୯



**କୁ**ନାବୋଉ ଭାରି ଖୁସିରେ ଘରକୁ ଆସୁଥିବା ବିଭିନ୍ନ ଖବର କାଗଜକୁ ତନ୍ନ ତନ୍ନ କରି ପଢୁଥାନ୍ତି। କୁନାବାପା ଆସି, ଚଉକିରେ ବସି ଚାହା ମାଗିବାରୁ କୁନାବୋଉଙ୍କର ଧ୍ୟାନଭଙ୍ଗ ହେଲା। କୁନାବୋଉ ଖବରକାଗଜ ଥୋଇ ଚା' ଆଣିବାକୁ ଚାଲିଗଲେ, ଆଉ କୁନାବାପା ଖବରକାଗଜ ଉପରେ ଆଖି ବୁଲାଇଲେ। ଏବେ ଚାଲିଛି ପାର୍ବଣର ଋତୁ। ଖବରକାଗଜରେ ଖବର ଅପେକ୍ଷା ବିଜ୍ଞାପନ ଆଉ ଶୁଭେଚ୍ଛା ବାର୍ତ୍ତା ବେଶୀ। ତେବେ ଖବରକାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରିଥିଲା ନୂଆ ସରକାରୀ ଯୋଜନାର ଘୋଷଣା। 'ସମ୍ପୂର୍ଣ୍ଣା' ଯୋଜନାରେ ଓଡ଼ିଶାର ଦୁର୍ଗମ ଅଞ୍ଚଳ, ଯେଉଁଠି ୧୦୮ କିମ୍ବା ୧୦୨ ଆମ୍ବୁଲାନ୍ସ ପହଞ୍ଚି ପାରୁନି, ସେଠାକାର ଗର୍ଭବତୀ ମହିଳାଙ୍କୁ ୧୦୦୦ ଟଙ୍କାର ସହାୟତା ରାଶି। ୭୮୫୩ ଗାଁ'ର ମହିଳାମାନେ ଓ ଆଶାକର୍ମୀ ଏହି ଯୋଜନାର ଲାଭ ପାଇବେ। ପ୍ରକୃତରେ ଏହା ଏକ ସୁ-ଖବର। ଓଡ଼ିଶାର ଦୁର୍ଗମ ଅଞ୍ଚଳର ଜନନୀମାନଙ୍କ ସେବାରେ ଏହି ସରକାରୀ ଯୋଜନା। ଖବରଟି ସମ୍ପୂର୍ଣ୍ଣ ପଢ଼ିସାରିବା ବେଳକୁ ଚା'କପ ସହ କୁନାବୋଉ ହାଜର ହୋଇ ଯାଇଥିଲେ। କୁନାବୋଉ ବଡ ସନ୍ତୋଷର ସହ କହିଲେ, 'ଦେଖିଲ ଆମ ସରକାର ଗରିବ ଖଟିଖିଆଙ୍କ ପାଇଁ କେତେ କାମ କରୁଛନ୍ତି। ଦୁର୍ଗମ ଅଞ୍ଚଳର ପ୍ରସୂତିଙ୍କ ପାଇଁ ଜନନୀ ସୁରକ୍ଷା ଟଙ୍କା ସହ ଆହୁରି ହଜାରେ ଦେବେ ଗସ୍ତ ଖର୍ଚ୍ଚ। ଆଶାକର୍ମୀଙ୍କ ପାଇଁ ମଧ୍ୟ ସହଯୋଗ ରାଶି ବଢ଼ିଛି, ଏଇ ସବୁ କାରଣରୁ ତ' ରାଜ୍ୟରେ ଶିଶୁ ମୃତ୍ୟୁହାର କମୁଛି।

କୁନାବାପା ସବୁ ଶୁଣିସାରି କହିଲେ, ନିଶ୍ଚୟ ସରକାରଙ୍କର ଏହା ଏକ ପ୍ରଶଂସନୀୟ ପଦକ୍ଷେପ। ଏଭଳି ପଦକ୍ଷେପ ନେଇ ତ' ଆମ ମୁଖ୍ୟମନ୍ତ୍ରୀ ଦେଶରେ ଏକ ନମ୍ବର ପ୍ରଶାସକର ପୁରସ୍କାର ପାଇଛନ୍ତି। ଏବେ ତ' ଏଇଟା ଓଡ଼ିଶାର ଜନସାଧାରଣଙ୍କୁ ପୂଜା ଭେଟି। ଏଇ ହଜାରେ ଟଙ୍କାଟା ଭାଗହେବ ପ୍ରସୂତିଙ୍କୁ ଡାକ୍ତରଖାନାକୁ ବୋହି ଆଣିଥିବା ଲୋକଙ୍କ ଭିତରେ। ତେଣୁ ଏହା ନୂତନ କର୍ମଚାରୀ ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିବ। କାହାଘରେ ଗର୍ଭବତୀଟିଏ ଥିଲେ, ତାଙ୍କ ଘର ସହ ଆଗୁଆ ଚୁକ୍ତି ହେଇଯିବ, ଯେ ଆମେ ତୁମକୁ ଡାକ୍ତରଖାନା ନେଇଯିବୁ। ଏବେ ଏଇ ଯୋଜନାରେ ନିଜ ଅଞ୍ଚଳକୁ ସାମିଲ କରିବାକୁ ବହୁ ଅଞ୍ଚଳର ଲୋକ ଦାବି ଉପସ୍ଥାପନ କରିବେ। ତେଣୁ ଦୁର୍ଗମ ଅଞ୍ଚଳର ସଂଖ୍ୟା ବଢ଼ିବ ଓଡ଼ିଶାରେ। କଥାଗୁଡା ଟିକେ ଅଖାଡୁଆ ଲାଗିଲା କୁନାବୋଉଙ୍କୁ। କହିଲେ ଯାହାବି ହେଉ ଏହା ଏକ ଜନମଙ୍ଗଳକାରୀ ପଦକ୍ଷେପ। କୁନାବାପା ହୁଁ କହି ପେପର ପଢ଼ିଲେ। ତା'ପରେ ଚଉକିରେ ବସି ଉପରକୁ ଚାହିଁ କିଛି ଭାବିଲେ, ଦୁର୍ଗମ ଅଞ୍ଚଳକୁ ସୁଗମ କରିବା, ସରକାରଙ୍କ କାମ। ଦେଶ ସ୍ୱାଧୀନ ହେବାର ଦୀର୍ଘ ୭୦ ବର୍ଷ ପରେ ମଧ୍ୟ ଦୁର୍ଗମ ଅଞ୍ଚଳ ଅଛି, ଏହା ଏକ ଲଜ୍ଜାକର ପରିସ୍ଥିତି। ପ୍ରସୂତିଟିଏ ସୁରକ୍ଷିତ ଭାବରେ ପହଞ୍ଚିବ ପାଇଁ ଆମ୍ବୁଲାନ୍ସ ଆବଶ୍ୟକ, ଟଙ୍କା ନୁହେଁ। ଟଙ୍କା କେବେବି ସବୁ ଜିନିଷର ସମାଧାନ ନୁହେଁ। କୁନାବୋଉ ପଚାରିଲେ କ'ଣ ଭାବୁଛ? କୁନାବାପା କହିଲେ, ଭାବୁଛି କେବେ ଆମ ରାଜ୍ୟରେ ମଧ୍ୟ ଦଶରଥ ମନ୍‌ଝି ପରି ଲୋକଟିଏ ଜନ୍ମନେବ। ଯିଏ ଗର୍ଭାବସ୍ଥାରେ ସ୍ତ୍ରୀକୁ ଡାକ୍ତରଖାନା ନେଇ ପାରିଲାନି ବୋଲି, ସ୍ତ୍ରୀର ମୃତ୍ୟୁପରେ ପାହାଡକାଟି ସହରକୁ ରାସ୍ତା ତିଆରି କରିଥିଲା। ଆଉ ଏବେ ଏଇ ଯୋଜନା ଫଳରେ, କାନ୍ଧ ଲଗେଇଲେ ପାଉଁଶ ରୋଜଗାର ହେବ। ସମାଧାନ ଦେଉଥିବା ରାସ୍ତାକୁ ଛାଡି ଯୋଜନା ନାଆରେ ପାଆର ହେବାକୁ ଇଏ ଆଉଗୋଟେ ଯୋଜନା ନୁହେଁ ତା'।

ସର୍ବେ ଭବନ୍ତୁ ସୁଖୀନଃ

- ଶାରଦା ପ୍ରସାଦ ମହାପାତ୍ର
ଦୂରଭାଷ : ୯୭୭୮୭୬୭୩୭୪

## ଗଳ୍ପ ଆମ ସମୟର

# ଛାଇର ଖେଳ

ଗାୟତ୍ରୀ ଦାଶ



**ମୂ**ଳ ପିଚୁରାସ୍ତାଟିରୁ ବାଁ ପଟକୁ ଭାଙ୍ଗିଯାଇଥିବା ଓସାରିଆ କଚ୍ଚା ରାସ୍ତାଟିରେ ଧୂଳି ଉଡାଇ ଉଡାଇ ମୁଁ ଯେତେବେଳେ ସଦ୍ୟ କିଣିଥିବା ଜାଗାଟିରେ ପହଞ୍ଚେ, ସ୍କୁଟରଟିର ଆଗପଛ ସିଟ୍ ସବୁଠି ଲେପି ହୋଇଯାଇଥିବ ବହଳେ ଧୂଳିର ଆସ୍ତରଣ। ତଥାପି କଷ୍ଟାର୍ଜିତ ଅବଶିଷ୍ଟ ପୁଞ୍ଜିତକ ଖଟାଇ ସେଇ ଜାଗାଟି ଉପରେ ଭବିଷ୍ୟତର ଆଶ୍ରୟସ୍ଥଳ ବନେଇବାର ସ୍ୱପ୍ନରେ ମୁଁ ଏତେ ମସ୍‌ଗୁଲ ଥାଏ ଯେ ଫେରନ୍ତି ଯାତ୍ରା ସମୟରେ ପକେଟରୁ ରୁମାଲ୍ କାଢ଼ି ସେ ଧୂଳିତକ ପୋଛିବାରେ ସାମାନ୍ୟତମ ଦ୍ୱିଧାବୋଧ ନଥାଏ ମୋର। ଜାଗାଟି ଯଦିଓ ଅତି ବଡ ନୁହେଁ, ମଧ୍ୟବିତ୍ତ ପରିବାରଟିଏ ଚଳିବା ଭଳି ଘରଟିଏ ହେବାପରେ ଆଗରେ, ପଛରେ ଓ ଦୁଇକଡରେ ମଧ ରହିବ କିଛି କିଛି ଜାଗା। ଭାବେ ଏତେବଡ ସହରଟିରେ ମୋ ଭଳି ଚାକିରୀଆଟିଏ ପକ୍ଷରେ ଚଳିଯିବା ଭଳି ସ୍ଥାୟୀ ବାସଗୃହଟିଏ ଛଡା ଅଧିକ ସଂପଦର ସ୍ୱପ୍ନ ଦେଖିବା ବୋକାମୀ ନିଶ୍ଚୟ। ଏତିକି ଯଥେଷ୍ଟ।

ଭୂମିପୂଜା ପାଇଁ ସପରିବାର ବାହାରିଥାଉ ଆମେ। ଦେଖିଲି, ଝିଅ ହାତରେ ଜରିରେ ଗୁଡା ହୋଇଥିବା ବଉଳ ଗଛର ଚାରାଟିଏ, ପୁଳାଏ ମାଟି ସହ, ମୋର ପ୍ରଶ୍ନିଳ ଚାହାଣିରେ ସେ ଉତ୍ତର ଦେଲା - ବାପା, ଗଛଠାରୁ କ'ଣ ଶୁଭ ଜିନିଷ ଆଉ କିଛି ଅଛି? ଏଇଟିକୁ ଆମ ଜାଗାରେ ଆଜି ଲଗେଇଦେବି। ଏବେ ତ' ଘର ତିଆରି ଆରମ୍ଭ ହେବ। ପାଣି ଟିକେ ଟିକେ ତା' ମୂଳରେ ଦେଇଦେଲେ ବଞ୍ଚିଯିବ। ମେଳାର ଖଚାଖଚ୍ ଭିଡ ଭିତରେ ଷଣ୍ଢଟିଏ ପଶିଆସିଲେ ଚତୁର୍ଦ୍ଦିଗରେ ଯେମିତି ହଇଚଇ ଖେଳିଯାଏ ଭୂମିପୂଜାର ବ୍ୟସ୍ତତା ଭିତରେ ଝିଅର ସେ ବଉଳ ଚାରା ଠିକ୍ ସେମିତି ଅସ୍ୱସ୍ତ କଲା ମତେ।

-ଆରେ, ମନ୍ଦାର, ଟଗରଗଛ ଠିକ୍ ଅଛି ବଉଳଗଛ ପାଇଁ ସେଠି ଜାଗା କାହିଁ? (-ଚିଡ୍‌ଚିଡ୍ ହୋଇ କହିଲ ମୁଁ) ଝିଅର ଶୁଖିଯାଇଥିବା ମୁହଁ ଦେଖି ପରିସ୍ଥିତିକୁ ସମ୍ଭାଳି ନେଇ ପତ୍ନୀ କହିଲେ- 'ଠିକ୍ ଅଛି, ଆମ ଜାଗା ଯେଉଁଠି ସରିଛି, ରାସ୍ତା ଆରମ୍ଭ ସେଇଠି ଲଗାଇଦେବା ଯେ ଘରକୁ ଛାଇ ହେବ। ରାସ୍ତାରେ ଯିବା ଆସିବା ଲୋକ କି ଗାଈଗୋରୁ ଖରା ବର୍ଷାରେ ଗଛତଳେ ଆଶ୍ରୟ ତ ନେଇପାରିବେ। ସମସ୍ତଙ୍କର ମଙ୍ଗଳ ହେବ।' ମୁଁ ଚୁପ୍ ରହିଲି।

ଭୂମିପୂଜା ହେଲା। ବଉଳ ଗଛଟି ମଧ ପୋତାଗଲା ଆମ ଜାଗାର ସାମ୍ନା ପଟେ, ବାଁ କଡକୁ। ଦୁଇମହଲା ଘରଟି ତିଆରି ସରିବା ବେଳକୁ ବଉଳ ଚାରାଟି ମଧ ହୋଇଯାଇଥିଲା ଛୋଟ ଗଛଟିଏ। ଶାଗୁଆପତ୍ର ଖୁନ୍ଦି ଖୁନ୍ଦି ଭର୍ତ୍ତି। ଲାଗେ, ନୂଆ ବୋହୂଟିଏ ଘନ ସବୁଜ ରଙ୍ଗର ଓଢ଼ଣା ଟାଣି ଠିଆହୋଇଛି କି! ଘର ପ୍ରତିଷ୍ଠା ଦିନ ଝିଅ ମୋର ଆତ୍ମସନ୍ତୋଷରେ ପୂର୍ଣ୍ଣବିଭୋର। ସତେ ଯେପରି ନୂତନ ପରିବେଶରେ ଗଛଟି ଥିଲା ତା' ପାଇଁ ଏକ ପରିଚିତ ମୁହଁ, ଅପେକ୍ଷାରତ, ଆମ ପରିବାରକୁ ସ୍ୱାଗତ କରିବା ପାଇଁ। କେହି କେହି ନିମନ୍ତ୍ରିତ ଅତିଥି ମଧ ଟିପ୍ପଣୀ ଦେଲେ- ଯାହାହେଉ, ଘର ଆଗରେ ସୁନ୍ଦର ବଉଳ ଗଛଟିଏ। ଉପର ବାଲ୍‌କୋନୀରୁ ହେଉ କି ଘରୁ ବାହାରିବା ବେଳେ ହେଉ, ଯେତେବେଳେ ଦେଖୁଥିବେ, ଖୁସି ଖୁସି ଅନୁଭବ ଛାଇଯିବ ମନସାରା। ଭୁଲ୍ କହିନଥିଲେ ସେମାନେ।

ଛୁଟି ଦିନର ଅଳସ ଅପରାହ୍ନରେ ମୁଁ ଯେତେବେଳେ ବାଲ୍‌କୋନୀରେ ବସି ରାସ୍ତାଆଡକୁ ଚାହେଁ, ନଜରକୁ ପ୍ରଥମ ଆସେ ସେଇ ବଉଳ ଗଛ। କେତେ ପ୍ରକାରର ପକ୍ଷୀ କାହିଁ କୁଆଡୁ ଆସି ବସନ୍ତି ସେଥିରେ। ହଳଦୀବସନ୍ତ, କଜଳପାତି, କୋଇଲି ଠାରୁ ଗୁଣ୍ଡୁରି ଚଢ଼େଇ, କୁଆ, କୁମ୍ଭାଟୁଆ ପର୍ଯ୍ୟନ୍ତ। ସେମାନଙ୍କ କିଚିରିମିଚିରି ଶବ୍ଦରେ ମୁଁ ଭାବବିହ୍ୱଳ ହୋଇଉଠେ। କେତେଟା ଗୁଣ୍ଡୁଚିମୂଷା ଗଛର ମୂଳରୁ ଡାଳ ଯାଏ ଧାଁ ଧପଡ କରୁଥାନ୍ତି। ଚିକ୍‌ଚିକ୍ ଶବ୍ଦରେ କାନ ଅତଡା ପଡେ। ନିଦାଘର କେଉଁ ମଧ୍ୟାହ୍ନରେ ଦେଖେ, ବୁଲା ଷଣ୍ଢଟିଏ ଗଛ ଛାଇରେ ଠିଆହୋଇ ପାକୁଳି କରୁଛି ତ କେତେବେଳେ କୁକୁରଟିଏ ଶୋଇ ଜିଭକାଢ଼ି ଧକେଇ ହେଉଛି। କେବେ କେମିତି ବୁଲା ବିକାଳିଟିଏ ବା ଚାଲିଚାଲି ଯାଉଥିବା ଲୋକମାନେ ବଉଳ ଗଛଟିର ଛାଇରେ ଘଡିଏ ଠିଆହୋଇ ଯାଆନ୍ତି ଥକ୍କା ମେଣ୍ଟାଇବାକୁ। ଏସବୁ ଦେଖୁଦେଖୁ ମୁଁ ଫେରିଯାଏ ଅତୀତକୁ। ଏ ଭିତରେ ଘର ସାମ୍ନାର ସେ ଧୂଳିଭରା କଚ୍ଚାରାସ୍ତା ପିଚୁ ହୋଇଗଲାଣି। କାଁ ଭାଁ ଗାଡିଟିଏ ସେତେବେଳେ ଏ ରାସ୍ତାରେ ଯାଉଥିବା ବେଳେ ଏବେ ଅସଂଖ୍ୟ ଯାନବାହନର ଭିଡ। ରାସ୍ତାର ଦୁଇକଡରେ ଥିବା ଖାଲି ଜାଗା ଗୁଡିକରେ ସୁଦୃଶ୍ୟ, ସୁଉଚ୍ଚ ଅଟ୍ଟାଳିକା ସବୁ ଧାଡିବାନ୍ଧି ଠିଆ ହୋଇଛନ୍ତି ଯେମିତି, ହେଲେ କଂକ୍ରିଟର ଭବ୍ୟ ସମାରୋହ ଭିତରେ ବଡ ଗଛଟିଏ କାହିଁ ଏ ଗଳିରେ! ଯାହାହେଉ, କେତେ ମଣିଷ, ପଶୁପକ୍ଷୀ ଏଇ ବଉଳ ଗଛଟିର ଆଶ୍ରାରେ ଉପକୃତ ତ ହେଉଛନ୍ତି। ମୁଁ ନିଜକୁ ନିଜେ ବାହାବା ଦିଏ, ନିୟମିତ ଭାବେ ପାଣିଦେଇ ଗଛଟିକୁ ବଢ଼ାଇଥିବାରୁ।

ଦିନେ ଦିନେ ଘରେ କାମ କରୁଥିବା ଠିକା ଚାକରାଣୀଟି ପତ୍ନୀଙ୍କୁ କହେ- ମା', ଷଣ୍ଢ, ଗାଈ, କୁକୁର ସବୁ ଆସି ବଉଳ ଗଛ ଛାଇରେ ଶୋଉଛନ୍ତି। କିନ୍ତୁ ଆପଣଙ୍କ ଗେଟ୍ ସାମ୍ନାକୁ ଯାହା ଅପରିଷ୍କାର କରୁଛନ୍ତି, ସେସବୁ ସଫା କରି ମୁଁ ନୟାନ୍ତ। ଆମେ ନୀରବ ରହୁ। ଝିଅ କହେ- ବାପା, ପରିବେଶର ସନ୍ତୁଳନ ରକ୍ଷା ପାଇଁ ନିଜ ବାଡିରେ ବା ଯେଉଁଠି ହେଉ ପ୍ରତ୍ୟେକ କିଛିକିଛି ଗଛ ସୃଷ୍ଟି କରିବା ଦରକାର। ସୁଲତା କ'ଣ ଏକଥା ଜାଣିନି? ପତ୍ନୀ କୁହନ୍ତି - ଏ ଗଳିରେ ସମସ୍ତେ ତ' ପାଚେରୀ ପର୍ଯ୍ୟନ୍ତ ଘର ତିଆରି କରି ଭଡା ଲଗେଇଲେ। ମନ୍ଦାର, ଟଗର ଛଡା ବଡ ଗଛଟିଏ ପାଇଁ ଜାଗା କାହାର ନାହିଁ। ଏମିତିରେ ଚାରାଟିଏ ଲଗେଇ, ପାଣି ଦେଇ ବଞ୍ଚେଇ, ଯତ୍ନ କରି ବଡ ଗଛଟିଏ ଉତ୍ତାରିବା ପାଇଁ ସମୟ କାହାର ଅଛି? ଶିକ୍ଷିତ, ବୁଦ୍ଧିଜୀବୀ ଲୋକ ଯଦି ପରିବେଶ ରକ୍ଷାରେ ସେମାନଙ୍କର ମଧ୍ୟ ଭାଗିଦାରି ଅଛି ବୋଲି ଚିନ୍ତା କରୁନାହାନ୍ତି, ସୁଲତା କେଉଁଠି ବୁଝିବ ଏସବୁ ଗହନ କଥା।

(କ୍ରମଶଃ...)



# ଦେହ ବେପାରର ଗନ୍ଧ
## ପୋଲିସ ସ୍କାନରରେ 'କାମଧେନୁ'



**ଜଗତସିଂହପୁର :** ଚିଟ୍‌ଫଣ୍ଡ ଦୁର୍ନୀତିରେ ସାରା ରାଜ୍ୟ ଉଠ୍‌ପଡ ହେଉଥିବା ବେଳେ ଅଫିସର ମାନେ ଏବେ ସିବିଆଇ ସ୍କାନରରେ ଅଛନ୍ତି। ଚିଟ୍‌ଫଣ୍ଡ ସଂସ୍ଥା ଉପରେ ରାଜ୍ୟ ସରକାର ଲଗାମ ଲଗାଇ ପାରି ନଥିବାରୁ ସାଧାରଣଲୋକ ଏବେ ଦାଣ୍ଡର ଭିକାରୀ। ସର୍ବସାନ୍ତ ହୋଇଯାଇଛନ୍ତି ଗରୀବ ଖଟିଖିଆ। ଏତେ ଘଟଣା ଘଟି ସାରିଲା ପରେ ମଧ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁନାହିଁ। ପ୍ରକାଶଥାଉକି ରଘୁନାଥପୁର ଥାନା ଅଞ୍ଚଳରେ ଅଛି କେତେ ଗୁଡିଏ ଘରୋଇ ବ୍ୟାଙ୍କ୍। ଏବେ ସରକାରଙ୍କ ବ୍ୟାପକ ନିର୍ଦ୍ଦେଶାବଳୀକୁ ମାନି ଏମାନଙ୍କ ମଧ୍ୟରୁ ଅଧିକାଂଶ ଠିକ୍ ସରକାରୀ ନୀତିନିୟମକୁ ମାନୁଥିଲା ବେଳେ ଏଠାରେ ଅନ୍ୟ ଏକ ଘରୋଇ ବ୍ୟାଙ୍କ୍ କାମଧେନୁ ଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ଏହି କାମଧେନୁ ନାମକ ଘରୋଇ ବ୍ୟାଙ୍କ୍ ଚାନ୍ଦପୁର ଗାଁର ଏକ ପରିତ୍ୟକ୍ତ କୋଠାରେ ନାମକୁ ମାତ୍ର କାମ କରୁଥିଲା ବେଳେ ଏହାର ଅସଲ କାରବାର ହୁଏ ସମ୍ମୁଖ ଭାଗରେ ଥିବା ଅନ୍ୟ ଏକ ସୁନ୍ଦର ଛାତ ଘରେ। ଏହି ସାଇନବୋର୍ଡ ଲେଖାଥିବା ପରିତ୍ୟକ୍ତ ଘରେ ନାମକୁ ମାତ୍ର କିଛି କାଗଜପତ୍ର କାମ ହୋଇଥାଏ। ଆହୁରି ମଧ ରଘୁନାଥପୁର ଅଞ୍ଚଳରେ ବାରମ୍ବାର ବିଭିନ୍ନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଥିବା ଅନୈତିକ କାରବାରର ପ୍ରମୁଖ ଅନୁଷ୍ଠାନ ଭାବେ ରହିଥିବା ଲୋକଙ୍କ ଆଲୋଚନା ଜୋର ଧରିଛି। ଏବେ ନିକଟରେ ଜଣେ ଯୁବତୀକୁ ରଘୁନାଥପୁର ଥାନା ପୋଲିସ କଲିକତାରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆହୁରି ମଧ ସମସ୍ତେ ଜାଣନ୍ତି ଯେ ଜନୈକ ସେକ୍ସ ର୍‍ୟାକେଟର ମୁଖ୍ୟକୁ ଜଗତସିଂହପୁରର ସ୍ୱତନ୍ତ୍ର ପୋଲିସ ଟିମ୍ ରଘୁନାଥପୁର ଅଞ୍ଚଳରୁ ଏହି ବ୍ୟାଙ୍କ ନିକଟବର୍ତ୍ତୀ ଏକ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ନାମକୁ ମାତ୍ର ଟଙ୍କା ନେଣଦେଣ କରିବା ସହିତ କେଜି କେଜି ସୁନା କିଣୁଥିବା ଏହି ବେସରକାରୀ ବ୍ୟାଙ୍କ୍ ମାଲିକଙ୍କ ସମ୍ପର୍କରେ ରଘୁନାଥପୁର ଥାନା ଆଇଆଇସି ରଂଜନ କୁମାର ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କୁହନ୍ତି ଯେ, ଆମ୍ଭେ ଅଧିକରୁ ଅଧିକ ଗୁପ୍ତ ଖବର ସଂଗ୍ରହ କରୁଛୁ। ତେବେ ଏ ସମ୍ପର୍କରେ ଲୋକଙ୍କ ଲିଖିତ ଅଭିଯୋଗ ପାଇଲେ ଏହି ନକଲି ଅନୁଷ୍ଠାନ ଉପରେ ଚଢାଉ କରିବା ସହିତ ଏଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବ। ଏହି ଘରୋଇ ବ୍ୟାଙ୍କ ଚାଲୁଥିବାର ପ୍ରଚ୍ଛଦପଟ୍ଟର ନାୟକ କିଏ ବୋଲି ପ୍ରଶ୍ନ ଉଠିଛି। ଏପରି ପରିତ୍ୟକ୍ତ ଜାଗାରେ ଏହି ଘରୋଇ ବ୍ୟାଙ୍କ କାର୍ଯ୍ୟ କରୁଛି ଯେ ହଠାତ୍ କାହାର ନଜର ମଧ ପଡିବ ନାହିଁ। ବ୍ୟାଙ୍କ୍ ସାମନାରେ ସାଧାରଣତଃ ବୋର୍ଡ ଲଗାଯିବା କଥା, ମାତ୍ର ଏଠାରେ ବୋର୍ଡଟିଏ ବି ନାହିଁ। ପ୍ରକୃତରେ ପ୍ରଶାସନର ନଜର ପଡୁନାହିଁ ନା ଜାଣି ଶୁଣି ପ୍ରଶାସନ ଏହାକୁ ସମର୍ଥନ କରୁଛି ତାହା କିଛି ବୁଝା ପଡୁନାହିଁ। ଏହି ବ୍ୟାଙ୍କ୍ କିଛି ଦଲାଲ ଏଜେଣ୍ଟମାନଙ୍କୁ ରଖି ଗରୀବ ଖଟିଖିଆ ମାନଙ୍କ ଠାରୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅର୍ଥ ସଂଗ୍ରହ କରିବା ସହିତ ସେମାନଙ୍କ ଠାରୁ ସୁନା ଗହଣା ବନ୍ଧକ ଆଣି ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ସୁନାଗହଣା ଫେରସ୍ତ ନ ଦେବା ଭଳି ଘଟଣାମାନ ଅନେକ ଥର ଘଟିସାରିଛି। ଗରୀବ ଲୋକମାନେ ପ୍ରଲୋଭନ ଶିକାର ହୋଇ ସର୍ବସ୍ୱାନ୍ତ ହେଉଥିବା ବେଳେ ଏହି ବ୍ୟାଙ୍କର ମାଲିକ ମାଲାମାଲ ହେଉଛନ୍ତି। ପ୍ରତି ଦିନ ସଂଧାରେ ଏହି ବ୍ୟାଙ୍କ ସମ୍ମୁଖରେ ସୁନ୍ଦର ଯୁବତୀ ବୁଲିବା ସହିତ ନାମୀଦାମୀ କାର ଲାଗିବାର ଦେଖିବାକୁ ମିଳୁଛି। ତୁରନ୍ତ ଜିଲ୍ଲାପାଳ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀ ଓ ଅର୍ଥନୈତିକ ଅପରାଧ ଶାଖା ଏହି ବ୍ୟାଙ୍କ୍ ଉପରେ ଚଢାଉ କରି ପାରିଲେ ପ୍ରକୃତ ରହସ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ପଞ୍ଜୀକରଣ ଲକ୍ଷ୍ୟ ଧାର୍ଯ୍ୟ

# ଟାର୍ଗେଟ୍ ୨୦ ଲକ୍ଷ ଚାଷୀ

**ଭୁବନେଶ୍ୱର :** ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଅତିକମ୍‌ରେ ୨୦ଲକ୍ଷ ଚାଷୀଙ୍କୁ ପଞ୍ଜୀକରଣ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ସଚେତନତା ସୃଷ୍ଟି ସହ ଜମିରେ ପ୍ରକୃତ ଚାଷ କରୁଥିବା କୃଷକଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ସମବାୟ ରେଜିଷ୍ଟ୍ରାର ସୋସାଇଟି, ରାଜ୍ୟ ସମବାୟ ବ୍ୟାଙ୍କ ଓ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ତାଗିଦ୍ କରାଯାଇଛି। ରାଜ୍ୟରେ ୨୫ଲକ୍ଷ ଚାଷୀଙ୍କୁ ଫସଲ ଋଣ ଦିଆଯାଉଥିବାରୁ ସେମାନଙ୍କୁ ମଧ୍ୟରୁ ୨୦ଲକ୍ଷ ଚାଷୀଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ତେବେ ସେପ୍ଟେମ୍ବର ଶେଷ ସୁଦ୍ଧା ପ୍ରାୟ ୭ଲକ୍ଷ ଚାଷୀ ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି। ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ୨୦୧୭-୧୮ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ କୃଷକ ପଞ୍ଜୀକରଣର ଦୁର୍ବଳ ପ୍ରଦର୍ଶନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକବେଳେ ଜଣାପଡ଼ିଥିଲା ଯେ ୨୦୧୬ ମସିହା ତୁଳନାରେ ୨୦୧୭-୧୮ ଖରିଫ ଋତୁରେ ୧୮ଟି ଜିଲ୍ଲାରେ ଚାଷୀ ପଞ୍ଜୀକରଣ ହାର ନିରାଶାଜନକ ରହିଛି। ୨୦୧୬-୧୭ ଖରିଫ୍ ଋତୁରେ ସେପ୍ଟେମ୍ବର ୧୫ତାରିଖ ସୁଦ୍ଧା ମୋଟ ୬ଲକ୍ଷ ୧୦ହଜାର ୪୭ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ୨୦୧୭ ଖରିଫ ଋତୁରେ ଏହି ଅବଧିରେ ମାତ୍ର ୫ଲକ୍ଷ ୩୨ହଜାର ୧୫୬ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ରାଜ୍ୟ ସମବାୟ ରେଜିଷ୍ଟ୍ରାର ସୋସାଇଟିଙ୍କ ତଥ୍ୟ ଅନୁସାରେ ୪୪ଲକ୍ଷ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ଆବଣ୍ଟନ ହୋଇଥିବାବେଳେ ଏଥିରୁ ୧୮ଲକ୍ଷ ଚାଷୀ ସମବାୟ ବ୍ୟାଙ୍କ ଓ ୭ଲକ୍ଷ ଚାଷୀଙ୍କୁ ବାଣିଜ୍ୟିକ ବ୍ୟାଙ୍କ ମାଧମରେ ଫସଲ ଋଣ ଯୋଗାଇ ଦିଆଯାଉଛି। ତେବେ ୨୦୧୬-୧୭ ଖରିଫ୍ ଋତୁରେ ସମବାୟ ବ୍ୟାଙ୍କରୁ ଋଣ ନେଇଥିବା ୧୮ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଚାଷୀ ଅର୍ଥାତ୍ ୯.୭୭ ଲକ୍ଷ ଚାଷୀ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ପଞ୍ଜିକୃତ ହୋଇଥିଲେ। ଏହି ତଥ୍ୟକୁ ଆକଳନ କରି ୨୦୧୭-୧୮ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅତିକମ୍‌ରେ ୨୦ଲକ୍ଷ ଚାଷୀଙ୍କୁ ପଞ୍ଜୀକରଣ ନିମନ୍ତେ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ତଥ୍ୟ ଅନୁସାରେ ୨୧୫୪ଟି ଟେନାଣ୍ଟ ଫାର୍ମର୍ସ ଗ୍ରୁପ୍‌ସ(ଟିଏଫ୍‌ଜି) ଓ ୬୪,୪୫୪ଟି ଜଏଣ୍ଟ ଲାଇବିଲିଟି ଗ୍ରୁପ୍‌ସ(ଜେଏଲ୍‌ଜି)ର ଅଧିକାଂଶ ସଦସ୍ୟ ହେଉଛନ୍ତି ଭାଗଚାଷୀ ଓ ଭୂମିହୀନ ଚାଷୀ। ସେମାନଙ୍କର ମୋଟ୍ ସଂଖ୍ୟା ପ୍ରାୟ ୩ଲକ୍ଷ ହେବ। ଏହି ଚାଷୀମାନଙ୍କୁ ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ୨୦ଲକ୍ଷ ଚାଷୀ ପଞ୍ଜୀକରଣ ଲକ୍ଷ୍ୟକୁ ହାସଲ ନିମନ୍ତେ ଗାଁ ଗାଁରେ ଚାଷୀ ଓ ଭାଗ ଚାଷୀଙ୍କ ମଧ୍ୟରେ ଆବଶ୍ୟକ ବ୍ୟାପକ ସଚେତନତା ଅଭିଯାନ ଚଳାଇବା ସହ ନୂଆ ପଞ୍ଜୀକରଣ ଓ ନବୀକରଣ ନିମନ୍ତେ ଫର୍ମ ବଣ୍ଟନ କରିବାକୁ କୁହାଯାଇଛି। ଫସଲ ଋଣ ନେଉଥିବା ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ପାଇଁ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ଯେଉଁ ଚାଷୀ ପଞ୍ଜୀକରଣ ପାଇଁ ଆସୁଛନ୍ତି ସେମାନଙ୍କୁ ଅଯଥା ହଇରାଣ ହରକତ ନକରିବା ପାଇଁ ପ୍ୟାକ୍ସଗୁଡ଼ିକୁ ତାଗିଦ୍ କରାଯାଇଛି। ଚାଷୀଙ୍କୁ ହଇରାଣ କରୁଥିବାର ଅଭିଯୋଗ ମିଳିଲେ ସମ୍ପୃକ୍ତ ପ୍ୟାକ୍ସ ସଚିବମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର ସତର୍କ କରାଇ ଦିଆଯାଇଛି। ଏସବୁ ବ୍ୟତୀତ ୨୦୦୯-୧୦ରୁ ୨୦୧୬-୧୭ ଖରିଫ ଋତୁ ମଧ୍ୟରେ ଧାନ ସଂଗ୍ରହର ବ୍ଲକ୍,ସର୍କଲ ଓ ଜିଲ୍ଲାସ୍ତରର ତଥ୍ୟ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ନିର୍ବାଚନ ଲଢ଼ିବେନି ହେମାନନ୍ଦ

**ଭୁବନେଶ୍ୱର :** ରାଜନୀତିରେ ଅବସର ବୟସକୁ ନେଇ ପୁଣି ଥରେ ଆରମ୍ଭ ହୋଇଯାଇଛି ବିତର୍କ। ନିକଟରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ୭୦ ବର୍ଷ ବୟସ ପରେ ନିର୍ବାଚନ ଲଢ଼ାଯିବା ଅନୁଚିତ୍। ଏ କଥା ମୁଁ ପୂର୍ବରୁ କହିଥିଲି। ଗତ ନିର୍ବାଚନରେ ଦଳ କହିଥିବାରୁ ନିର୍ବାଚନ ଲଢ଼ିଥିଲି। ଏବେ ଯଦି ଦଳ କୁହେ ତାହେଲେ ମୁଁ ଆଉ ନିର୍ବାଚନ ଲଢ଼ିବି ନାହିଁ ବୋଲି ହେମାନନ୍ଦ କହିଛନ୍ତି। ତେବେ କଂଗ୍ରେସ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ମୁଁ ସାମିଲ ହେଉଛି ଏବଂ ଏହା ଆଗକୁ ମଧ ଜାରି ରହିବ ବୋଲି ସେ କହିଛନ୍ତି। ଦୀର୍ଘଦିନ ଧରି ସକ୍ରିୟ ରାଜନୀତିରେ ରହିଥିବା କାରଣରୁ ଲୋକମାନଙ୍କ ଅନେକ ଆଶା ତାଙ୍କ ନିକଟରେ ରହିଛି। ତେବେ ବିଭିନ୍ନ ଉପାୟରେ ଲୋକମାନଙ୍କ ଆଶା ଏବଂ ଭରସା ପୂରଣ କରିବା ଦିଗରେ କାର୍ଯ୍ୟ କରିବି ବୋଲି ସେ କହିଛନ୍ତି। ତେବେ ରାଜନୀତିରେ ତାଙ୍କର ଉତ୍ତରାଧିକାରୀଙ୍କ ସମ୍ପର୍କରେ ସେ ସିଧାସଳଖ କିଛି କହିନଥିଲେ ମଧ ହେମାନନ୍ଦଙ୍କ ଝିଅ ପରବର୍ତ୍ତୀ ସମୟରେ ସୁନ୍ଦରଗଡ଼ ଆସନରୁ ନିର୍ବାଚନ ଲଢ଼ିବେ ବୋଲି ତାଙ୍କ ନିକଟତମ ମହଲରୁ କୁହାଯାଇଛି।

# କାର୍ଯ୍ୟକାରୀ ହେବ ଭିଭିପ୍ୟାଟ୍

**ଭୁବନେଶ୍ୱର :** ଆସନ୍ତା ବିଜେପୁର ଉପନିର୍ବାଚନ ସମୟରେ ଭିଭିପ୍ୟାଟ୍ ବା ଭୋଟର୍ ଭେରିଫାଏବୁଲ୍ ପେପର୍ ଅଡିଟ୍ ଟ୍ରେଲ୍ ଭୋଟିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଏଥର ସାଧାରଣ ନିର୍ବାଚନରେ ମଧ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀ ଡିଏନ୍ ଗୁପ୍ତା କହିଛନ୍ତି। ଇଭିଏମ୍ (ଇଲେକ୍ଟ୍ରୋନିକ୍ସ ଭୋଟିଙ୍ଗ୍ ମେସିନ) ସହିତ ଅନ୍ୟ ଏକ ମେସିନ୍ ଭିଭିପିଏଟି ଖଞ୍ଜାଯିବ। ମତଦାତା ଭୋଟ୍ ଦେବା ପରେ ଏହି ମେସିନ୍‌ରେ ସେ କେଉଁ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେଇଛନ୍ତି ତାହା ଡିସପ୍ଲେ ହେବ। ସାତ ସେକେଣ୍ଡ



ପରେ ସ୍ଲିପ୍‌ଟି ଆପେଆପେ ଏନେଇ ଉଦ୍ଦିଷ୍ଟ ବାକ୍ସରେ ପଡ଼ିବ। ତେବେ ଭୋଟର ଏହି ସ୍ଲିପ୍‌କୁ ଘରକୁ ନେଇ ପାରିବେ ନାହିଁ। ମତଦାନ ନେଇ ଯଦି କୌଣସି ଦ୍ୱନ୍ଦ୍ୱ ଉପୁଜେ ତାହେଲେ ପ୍ରିଜାଇଡିଂ ଅଫିସରଙ୍କ ଅନୁମତି ନେଇ ଏହା ଦେଖାଯାଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ଇଭିଏମ୍ ଜାଲିଆତି ନେଇ ଆସୁଥିବା ଅଭିଯୋଗକୁ ରୋକାଯାଇ ପାରିବ ବୋଲି ସେ କହିଛନ୍ତି। ସେହିପରି ହାଇକୋର୍ଟଙ୍କ ରାୟ ଆସିବା ପରେ ବିଜେପୁର ଆସନ ପାଇଁ ଉପନିର୍ବାଚନ ତାରିଖ ସ୍ଥିର କରାଯିବ। ଏନେଇ ସ୍ୱର୍ଗତ ବିଧାୟକ ସୁବଳ ସାହୁଙ୍କ ନାଁରେ ସଂପୃକ୍ତ ଆସନରୁ ପରାଜିତ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ହାଇକୋର୍ଟରେ କେସ୍ କରିଛନ୍ତି। ଉକ୍ତ ମାମଲାଟି ଏବେ ବି ବିଚାରାଧୀନ ହୋଇ ରହିଛି। ଏହା ସହିତ ଆଗୁଆ ନିର୍ବାଚନ ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଯେ କୌଣସି ସମୟରେ ନିର୍ବାଚନ ହେଲେ ବି କମିଶନ ଏଥିପାଇଁ ପ୍ରସ୍ତୁତ ରହିଛନ୍ତି ବୋଲି ସେ କହିଛନ୍ତି।

### ପାରାଦୀପ ଇଫ୍‌କୋ ପରିସରରେ ସୁବର୍ଣ୍ଣ ଜୟନ୍ତୀ ପାଳିତ

# ଭାରତର ପ୍ରଥମ କୃଷକ ପ୍ରଶିକ୍ଷଣ କେନ୍ଦ୍ର ଲୋକାର୍ପିତ

**ପାରାଦୀପ :** ପାରାଦୀପ ଇଫକୋ ସାର କାରଖାନା ପରିସରରେ ଭାରତର ପ୍ରଥମ ଅତ୍ୟାଧୁନିକ କୃଷକ ପ୍ରଶିକ୍ଷଣ କେନ୍ଦ୍ର ଲୋକାର୍ପିତ ହୋଇଛି । ଏହାକୁ ଇଫକୋର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଇଫ୍‌କୋ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟ ଶଙ୍କର ଅୱସ୍ତୀ କୃଷକଙ୍କ ନିମନ୍ତେ ଲୋକାର୍ପିତ କରିଥିଲେ । ଏହି ଅବସରରେ ଏକ ସୁବର୍ଣ୍ଣ ଜୟନ୍ତୀ ସଭାଗୃହର ଉଦ୍‌ଘାଟନ କରି ଇଫ୍‌କୋ ଅଧକ୍ଷ ବି.ଏସ୍.ନାକାଇ, ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟ ଅୱସ୍ତୀ ଓ ଯୁଗ୍ମ ପ୍ରବନ୍ଧକ ରାକେଶ କାପୁରଙ୍କ ସମେତ ପ୍ରାୟ ୨୨ଜଣ ନିର୍ଦ୍ଦେଶକ ମଣ୍ଡଳୀ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଆଜିର ଆଧୁନିକ ପ୍ରଣାଳୀରେ କୃଷକ ମାନଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ । ଏଥିସହ କମ୍ପୁଟର ଓ ମୋବାଇଲ୍ ମାଧମରେ







ଜଳବାୟୁ ଓ ପାଣିପାଗ ସମ୍ବନ୍ଧିୟ ବିଭିନ୍ନ ସୂଚନା ପ୍ରଦାନ କରାଯିବା ସହ କେଉଁ ସମୟରେ କି ପ୍ରକାର ଚାଷ କରିବେ ଓ ସେଥିରେ କେଉଁ ସାର କେତେ ପରିମାଣର ବ୍ୟବହୃତ କରିବେ ସେନେଇ ବିସ୍ତୃତ ତଥ୍ୟ ମାନ ପ୍ରଦାନ କରାଯିବ । ତେବେ ଏହାପ୍ରଥମେ ଜଗତସିଂହପୁର ଓ କେନ୍ଦ୍ରାପଡାର ଚାଷୀ ଭାଇ ମାନଙ୍କୁ ସାମିଲ କରାଯିବା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କୃଷକ ମାନଙ୍କୁ ସାମିଲ କରାଯିବ । ଏପରିକି ଦୂର ଦୂରାନ୍ତରୁ ଆସୁଥିବା କୃଷକ ଭାଇ ମାନଙ୍କ ପାଇଁ କେନ୍ଦ୍ରରେ ରହିବା ଖାଇବା ବ୍ୟବସ୍ଥା କରିବା ସହ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାର ମଧ ସୁବନ୍ଦୋବସ୍ତ କରାଯାଇଛି । ତେବେ ଏହା ଓଡିଶାରେ ପ୍ରଥମ କରି ପାରାଦୀପ ୟୁନିଟ୍‌ରେ ହୋଇଥିବାରୁ ଏନେଇ ସବିଶେଷ ତଥ୍ୟ ଓଡିଆରେ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ପର୍ଯ୍ୟାୟକ୍ରମେ ଆଗାମୀ ଦିନରେ ଭାରତର ବିଭିନ୍ନ ପ୍ରାନ୍ତରେ ଆଞ୍ଚଳିକ ଭାଷା ନେଇ ଆହୁର କେତେକ କୃଷକ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଇଫକୋ କମ୍ପାନୀର ପରଚାଳନା ନିର୍ଦ୍ଦେଶକ ଉଦୟ ଶଙ୍କର ଅୱସ୍ତୀ କହଛନ୍ତି । ତେବେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏମ୍‌ଡିଙ୍କ ସମେତ ଅନ୍ୟାନ୍ୟ ନିର୍ଦ୍ଦେଶକ ମାନେ ପ୍ରଦୂଷଣମୁକ୍ତ ବ୍ୟାଟେରୀ ଚାଳିତ ଗାଡି ବୁଲି ବେଶ୍ ଆନନ୍ଦ ଉଠାଇଥିଲେ । ଭାରତରେ ଏହା ପ୍ରଥମ ଓ ଆମ ରାଜ୍ୟରେ ଏହା ପ୍ରଥମ ପ୍ରଶିକ୍ଷଣ କେନ୍ଦ୍ର ହୋଇଥିବାରୁ ଚାଷୀଭାଇଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି । ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ୩ଦିନ ଧରି ଚାଲିବାକୁ ଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ ପାରାଦୀପ ୟୁନିଟର ହେଡ୍ ଆଶିଷ କୁମାର ପଣ୍ଡା, ବରିଷ୍ଠ ପ୍ରବନ୍ଧକ ଏସ୍.ଆର.ମୌରିଆ । ମାନବ ସମ୍ବଳ ଅଧିକାରୀ ଜ୍ଞାନଚାନ୍ଦ ଆଚାର୍ଯ୍ୟ ଓ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଶିବ କୁମାର ପଟ୍ଟନାୟକ, ଜ୍ଞାନେନ୍ଦ୍ର ସୁନ୍ଦରରାଏ, ଶିବରାମ ବେହେରା ପ୍ରମୁଖ ତାସହିତ ଏହି କାର୍ଯ୍ୟକ୍ରମରେ ଇଫକୋ ସମସ୍ତ କର୍ମଚାରୀ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସଂଘର ନେତୃବର୍ଗ ଓ କର୍ମଚାରୀ ମାନେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ଡାବୁଗାଁ ଚାରିଛକରେ କେବେ ଜଳିବ ହାଇମାଷ୍ଟ୍ ଲାଇଟ୍

**ଡାବୁଗାଁ :** ଡାବୁଗାଁ ବ୍ଲକଟି ଉମରକୋଟ ନବରଙ୍ଗପୁରର ମଧ ସ୍ଥଳରେ ରହିଥିବା ବେଳେ ଉକ୍ତ ଚାରିଛକରୁ ବହୁ ସ୍ଥାନକୁ ଯାତାୟତର ସୁବିଧା ରହିଛି। ଡାବୁଗାଁରୁ ମୈଦଲପୁର, କେଲିଆ, ନବରଙ୍ଗପୁର ପ୍ରସିଦ୍ଧ ଶୈବପୀଠ ବାବା ଝାଡେଶ୍ୱରର ମହାଦେବ ପୀଠ, ପାର୍ବତୀ ମନ୍ଦିର, ଚଣ୍ଡି ମନ୍ଦିର, ଝରିଗାଁ ଚନ୍ଦାହାଣ୍ଡି, ଉମରକୋଟ, ନବରଙ୍ଗପୁର, ଘୋଡାଖୁଣ୍ଟା, ସିଂସାରୀ, ବଡଓଲମା, କୋଡିଙ୍ଗା ସହ ବାହାର ରାଜ୍ୟ ଜଗଦଲପୁର, ଛତିଶଗଡକୁ ଯିବାର ପେଣ୍ଠସ୍ଥଳୀ ହୋଇରହିଛି। ଉକ୍ତ ବଜାର ଉପରେ କୋଷାଗୁମୁଡା, ପାପଡାହାଣ୍ଡି, ଡାବୁଗାଁ, ଉମରକୋଟ, ଝରିଗାଁ ବ୍ଲକର ବହୁ ଅଞ୍ଚଳ ନିର୍ଭର କରି ଚାଲି ଆସୁଥାନ୍ତି। ଚାରିଛକ ମା' ତାରିଣୀ ମନ୍ଦିର ନିକଟରେ ଜନସାଧାରଣଙ୍କ ରାତ୍ରୀକାଳୀନ ଯାତାୟତ ନିମନ୍ତେ ଗତ ୨୦୧୧ ମସିହା ଜାନୁଆରୀ ୧ ତାରିଖରେ ତତ୍କାଳୀନ ବିଧାୟକ ଭୂଜବଳ ମାଝୀ, ଗ୍ରାମ୍ୟ ଉନ୍ନୟନ ବିକାଶ ସଂସ୍ଥା ନବରଙ୍ଗପୁରର ପ୍ରକଳ୍ପ ନିର୍ଦ୍ଦେଶକ ନରେନ୍ଦ୍ର କୁମାର ପ୍ରଧାନଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇ ମାତ୍ର କିଛିମାସ ଜଳି ଜନସାଧାରଣଙ୍କ ହିତରେ କାର୍ଯ୍ୟ କରିଥିଲା। ଦୁଃଖ ଓ ପରିତାପର ବିଷୟ



ବର୍ତ୍ତମାନ ମଧ ସେ ସମୟର ବିଧାୟକ ଭୂଜବଳ ମାଝୀ ରହିଥିବା ବେଳେ ଏପର୍ଯ୍ୟନ୍ତ ହାଇମାଷ୍ଟ ଜଳୁନାହିଁ କାହିଁକି ଓ ଡାବୁଗାଁ ଚାରିଛକରେ ଉକ୍ତ ଲାଇଟ୍ ଜଳିବ କେବେ ବୋଲି ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଜଳିବାର ନଥିଲା ଜିଲ୍ଲା ପ୍ରଶାସନ ଉକ୍ତ ପ୍ରକଳ୍ପକୁ ହାତକୁ ନେଇ ଉଦ୍ଘାଟନ କରୁଥିଲେ କାହିଁକି? ଅଚଳ ଦ୍ୱାରା ଜନସାଧାରଣ ଉକ୍ତ ପ୍ରକଳ୍ପର ଲାଭ ପାଇବା ଠପ୍ ହୋଇପଡିବା ବେଳେ କାର୍ଯ୍ୟ କରାଇବା ଲୋକଙ୍କ ସହ ପ୍ରଶାସନ ଲାଭ ପାଇ ଚୁପ୍ ହୋଇ ରହିବା ଜନସାଧାରଣରେ ଆଲୋଚନା ହେଉଛି। ତେଣୁ ଏଥିପ୍ରତି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


## KENDRAPARA MUNICIPALITY, KENDRAPARA
## କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡ଼ା

**ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରାଞ୍ଚଳ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି ପବିତ୍ର ଗଜଲକ୍ଷ୍ମୀ ପୂଜା-୨୦୧୭ ଉପଲକ୍ଷେ।**

କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌର ସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡିକର ଉନ୍ନତି ନିମନ୍ତେ ଆପଣଙ୍କ ସହଯୋଗ କାମନା କରୁଅଛୁ।

୧. ପୌରପାଳିକାର ଗୃହ ଓ ଆଲୁଅ ଟିକସ ତଥା ବ୍ୟବସାୟିକ ଟିକସ ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ପଇଠ କରନ୍ତୁ।
୨. ରାସ୍ତା କଡରେ ଇଟା, ବାଲି, ଗୋଡି ଇତ୍ୟାଦି ଜମା କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ଓ ପରିବେଶ ଦୂଷିତ କରନ୍ତୁ ନାହିଁ।
୩. ଗାଈ-ଗୋରୁ ଓ ଗୃହପାଳିତ ଜୀବଜନ୍ତୁଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୪. ପୌରାଞ୍ଚଳ ମଧରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନିର୍ମାଣର ନକ୍ସା ମଞ୍ଜୁର କରାଇ ନିଅନ୍ତୁ।
୫. ପୌରସଂସ୍ଥା ଦ୍ୱାରା ନିର୍ମିତ ଦୋକାନ ଗୃହ ଗୁଡ଼ିକର ମାସିକ ଦେୟ ଠିକ୍ ସମୟରେ ପଇଠ କରନ୍ତୁ।
୬. ପୌର ପରିଷଦର ବିନା ଅନୁମତିରେ ଗୃହ, ଦୋକାନକୁ ପାଣି ସଂଯୋଗ ନିମନ୍ତେ ପରିଷଦ ଅଧିନସ୍ଥ ରାସ୍ତାକୁ ଖୋଳନ୍ତୁ ନାହିଁ।
୭. ପୌର ପରିଷଦର ପାଣି ଟାଙ୍କି, ସେସ୍‌ପୋଲ ନିର୍ଦ୍ଧାରିତ ପାଉଣା ପୈଠ କରି ଏହାର ଉପଯୋଗ କରନ୍ତୁ।
୮. ପୌର ପରିଷଦ ଦ୍ୱାରା ନିର୍ମିତ ଟାଉନ ହଲରେ ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବାର ସୁଯୋଗ ନିଅନ୍ତୁ।
୯. ଉଦୟନଗର ଠାରେ ନିର୍ମିତ ନୂତନ କଲ୍ୟାଣ ମଣ୍ଡପର ବ୍ୟବହାର କରିବାର ସୁଯୋଗ ନିଅନ୍ତୁ।
୧୦. ସାଇକେଲ, ରିକ୍ସା, ଟ୍ରଲି ରିକ୍ସା ଓ ଶଗଡ ଗାଡ଼ି ମାନଙ୍କର ପ୍ରତ୍ୟେକ ବର୍ଷ ଲାଇସେନ୍ସ କରାଇ ନିଅନ୍ତୁ।
୧୧. ସ୍ୱଚ୍ଛ ଭାରତ ମିଶନ ସହାୟତାରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅଧିବାସୀଙ୍କୁ ଗୃହ ଠାରୁ ଚିକିତ୍ସାଳୟ ପର୍ଯ୍ୟନ୍ତ ସଫାସୁତୁରା ରଖିବା ପାଇଁ ଡାକବାଜି ଯନ୍ତ୍ର ଓ ପ୍ରଚାର ପତ୍ରିକା ମାଧମରେ ସଚେତନ କରାଇ ଦିଆଯାଇଅଛି ଏବଂ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ଅଳିଆ, ଆବର୍ଜନା, ବର୍ଯ୍ୟବସ୍ତୁ ସଫେଇ କାର୍ଯ୍ୟ କରାଯାଉଅଛି।

**ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ**
**ନିର୍ବାହୀ ଅଧିକାରୀ**

**ଡ଼ଃ. କାହ୍ନୁଚରଣ ଧାର** (ଓ.ପ୍ର.ସେ.-୧)
**ଅଧ୍ୟକ୍ଷ**
**ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

# ଦେବୀ ଉପତ୍ୟକାର ପ୍ରାଚୀନ ସଂସ୍କୃତି



ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀ ଇତିହାସର ମୁକସାକ୍ଷୀ ଭଳି ପ୍ରତ୍ୟେକ ଓଡ଼ିଆଙ୍କ ଜୀବନକୁ ସମ୍ପର୍କର ଡୋରିରେ ବାନ୍ଧି ରଖିଛି। ରାଜ୍ୟର ପ୍ରଗତୀରେ ସାଥିଟିଏ ଭଳି ମହାନଦୀ ସର୍ବଦା ନିଜସ୍ୱ ଦାନରେ ଗର୍ବିତ। କାହିଁ କେଉଁ କାଳରୁ ଓଡ଼ିଶାର ସାମାଜିକ, ଅର୍ଥନୈତିକ ଏବଂ ଆଧ୍ୟାତ୍ମିକ ଚିନ୍ତାଚେତନାକୁ ଉଜ୍ଜ୍ୱଳ କରିବା ସହିତ ଜନଜୀବନକୁ ପ୍ରଭାବିତ କରିଆସିଛି। କଳାକିର୍ତ୍ତୀ ପାଇଁ ବିଶ୍ୱ ଦରବାରରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ରହିଛି। ଏଥିରେ ବିଭିନ୍ନ ପ୍ରାଚୀନ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ, ଐତିହ୍ୟପୂର୍ଣ୍ଣ କଳା ଓ ଭାସ୍କର୍ଯ୍ୟ ଆମ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ଯେଉଁଥିପାଇଁ ଓଡ଼ିଶାର ପ୍ରସିଦ୍ଧି ଏବେବି ସଗୌରବେ ମଥାଟେକି ନିଜ ମାଟିର ସୁନାମକୁ ପ୍ରଜ୍ୱଳିତ କରିଚାଲିଛି। ତାହାରି ଭିତରେ ହଜିଯାଇଥିବା ଆମର ପୂର୍ବ ଗୌରବ ଏବଂ ପ୍ରାକ୍ ଐତିହାସିକ ଯୁଗର କିଛି ତଥ୍ୟ ଗୋପନ ଭାବେ ରହିଯାଇଛି। ସଭ୍ୟତାର ବିକାଶ ପୂର୍ବରୁ ଓଡ଼ିଶାର ସ୍ଥିତି ଓ ଅବସ୍ଥିତିକୁ ନେଇ ଆମ ମନରେ ରହିଥିବା କିଛି ସଂଶୟ ଧୀରେ ଧୀରେ ଦୂର ହେବାକୁ ଯାଉଛି। ଏଥିରେ ପ୍ରାକ୍ ଐତିହାସିକ ଯୁଗର ଆମ ଚଳଣୀ, ସଂସ୍କୃତି ଓ ପରମ୍ପରା ଲୁଚି ରହିଛି। ଏହି ଗୋପନ ତଥ୍ୟର ଅନୁସନ୍ଧାନ ଆମକୁ ଆଗାମୀ ଦିନରେ ଏକ ନୂଆ ଦିଗ୍‌ଦର୍ଶନ ଦେବା ସହିତ ପୂର୍ବପିଢ଼ି ସମ୍ପର୍କରେ ଅନେକ ରୋଚକ କାହାଣୀ ଜଣାଇପାରିବ। ସେଥିରେ ମହାନଦୀ ତ୍ରିକୋଣ ଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ହେଉ ବା ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟ ମନ୍ଦିର ହେଉ ସବୁଠି ଓଡ଼ିଆ କଳାକୃତିର ଇତିହାସ ଠୁଳ ହୋଇରହିଛି। ଯାହା ଆମ ଅତୀତକୁ ମନେ ପକାଇ ଦେବାକୁ ସକ୍ଷମ। ବିଶେଷ କରି ମହାନଦୀର ତ୍ରିକୋଣଭୂମି ଅଞ୍ଚଳ ତଥା ଦୟା ଉପତ୍ୟକାରୁ ତାମ୍ରପ୍ରସ୍ତର ଯୁଗର ବସତି ସମ୍ପର୍କରେ ସନ୍ଧାନ ମିଳିଛି। ଏଥିମଧ୍ୟରୁ ଜଟଣୀ ନିକଟସ୍ଥ ହରିରାଜପୁର ବଅଙ୍ଗ ଏବଂ ପିପିଲି ନିକଟସ୍ଥ ସୁଆବରେଇ ଗ୍ରାମରେ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ଦ୍ୱାରା ତାମ୍ରପସ୍ତର ଯୁଗର ସଂସ୍କୃତି ଉପକୂଳ ଅଞ୍ଚଳରେ ପ୍ରତିଷ୍ଠା ଲାଭ



କରିଛି। ପ୍ରାଚୀ ଉପତ୍ୟକାରେ ଜଳାଲପୁର ଭାରତୀହୁଡ଼ା ସାଙ୍ଗକୁ ପ୍ରଥମ କରି ଦେବୀ ନଦୀର ଉପତ୍ୟକାରୁ ଅସ୍ତରଙ୍ଗ ନିକଟବର୍ତ୍ତୀ ନଈଗୁଆଁ ଗ୍ରାମ ନିକଟରୁ ତାମ୍ରପ୍ରସ୍ତର ଯୁଗର ସନ୍ଧାନ ମିଳିଛି। ସେହିପରି ଏହି ସ୍ଥାନରୁ ବୀର ପ୍ରସ୍ତର(ହିରୋଷ୍ଟୋନ୍)ର ମଧ୍ୟ ସନ୍ଧାନ ମିଳିଛି। ଅସ୍ତରଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାଚୀନକାଳରେ ଏକ ନୌବାଣିଜ୍ୟ ବନ୍ଦର ଥିବାର ବିଶ୍ୱାସ କରାଯାଏ। ନଈଗୁଆଁ ଗ୍ରାମର ତାମ୍ରପ୍ରସ୍ତର ଯୁଗର ସନ୍ଧାନ ପରେ ଏହି ଅଞ୍ଚଳରେ ଇତିହାସ ପ୍ରାଚୀନତା ଦୀର୍ଘ ତିନିହଜାର ବର୍ଷରୁ ଅଧିକ ହେବ ବୋଲି ଏବେ ବିଶ୍ୱାସ କରାଯାଉଛି। ଏଠାରେ ବିଭିନ୍ନ ରଙ୍ଗର ମାଟିପାତ୍ର ସାଙ୍ଗକୁ ପୋଡ଼ାହାଡ଼ମାନ ଉଦ୍ଧାର କରାଯାଇଛି। ନାଲି ରଙ୍ଗର ଚିକ୍କଣ ମାଟିପାତ୍ର, କଳାରଙ୍ଗର ଚିକ୍କଣ ମାଟିପାତ୍ର, ଚକ୍‌ଲେଟ୍ ରଙ୍ଗର ମାଟିପାତ୍ର, ନାଲିରଙ୍ଗର ଚିତ୍ରିତ ଖପରା, ଅତିପତଳା ରଙ୍ଗର ଖପରା, ନାଲି ଏବଂ କଳା ରଙ୍ଗର ଖପରା ବିଶେଷ କରି ବ୍ଲାକ୍ ଆଣ୍ଡ୍ ରେଡ୍‌ୱେର ଏବଂ ନବଡ୍ ୱେର ଖପରା ମିଳିଛି। ଏହି ନବଡ୍ ୱେର୍ ଖପରା ପାତ୍ରର ମଧ୍ୟ ଭାଗରେ ରିଙ୍ଗ୍ ସଦୃଶ ଚିହ୍ନଥାଇ ମଝିରେ ଏକ ଛୋଟ ବର୍ଦ୍ଧିତ ଗୋଲାକାର ଅଂଶ ରହିଥିବା ଜଣାପଡିଛି। ସମାନ ପ୍ରକାରର ଖପରା ଶିଶୁପାଳଗଡ଼ ନିମ୍ନସ୍ତରରୁ ମଧ୍ୟ ମିଳିଥିଲା। ଯାହାର ସମୟ ହେଉଛି ୩୫୦ ଖ୍ରୀଷ୍ଟପୂର୍ବ ଅର୍ଥାତ୍ ୨୩୫୦ବର୍ଷ ପୁରୁଣା ବୋଲି ଆକଳନ କରାଯାଇଛି। ଏଭଳି ଖପରା ଯାଜପୁରର ରାଧାନଗର, ନିରାକାରପୁରର ତାଳପଡ଼ା ପ୍ରଭୃତି ପ୍ରାଚୀନ ଐତିହାସିକ ଯୁଗ ତଥା ମୌର୍ଯ୍ୟ(ଅଶୋକ) ଇତିହାସ ସହିତ ଜଡ଼ିତ ଐତିହାସିକ ପୀଠଗୁଡ଼ିକରୁ ଉଦ୍ଧାର କରାଯାଇଥିଲା। ଏତଦ୍‌ବ୍ୟତୀତ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର ଏବଂ ନୌବାଣିଜ୍ୟ ସମ୍ପର୍କିତ ତଥ୍ୟରେ ଏହି ନବଡ୍ ୱେର୍ ଖପରାର ସମ୍ବନ୍ଧ ରହିଥିବା ଆଲୋଚନା ହେଉଛି। ଏ ସମସ୍ତ ଅନୁଧ୍ୟାନ କଲେ ଜଣାପଡେ ଯେ, ଦେବୀନଦୀ ଓ ପ୍ରାଚୀନଦୀ ମଧ୍ୟବର୍ତ୍ତୀ ଅଞ୍ଚଳଗୁଡ଼ିକର ଐତିହ୍ୟ ତାମ୍ରପ୍ରସ୍ତର ଯୁଗରୁ ସମୃଦ୍ଧି ଲାଭ କରିଥିଲା। ଯାହାର ପ୍ରମାଣ ପ୍ରାଚୀ ଉପତ୍ୟକାର ଜଳାରପୁର ଭାରତୀହୁଡ଼ା। ଯାହାକି ୨୦୧୩ରେ ଆବିଷ୍କୃତ ହୋଇଥିଲା। ନଈଗୁଆଁର ତାମ୍ରପ୍ରସ୍ତର ଯୁଗର ଆବିଷ୍କାର ଉକ୍ତ ଅଞ୍ଚଳରୁ ଐତିହାସିକ ବିଭବକୁ ବହୁଳ ଭାବେ ସମୃଦ୍ଧ କରିଛି। ନାଲି ରଙ୍ଗର ଚିତ୍ରିତ ଖପରା ମଧ୍ୟ କଟକ ଜିଲାର ଟାଙ୍ଗି ବ୍ଲକ ନଖରା ଅଞ୍ଚଳରୁ ମିଳୁଛି। ଦେବୀନଦୀର ଅସ୍ତରଙ୍ଗ ଏବଂ ମହାନଦୀର ଟାଙ୍ଗି ଅଞ୍ଚଳରୁ ସମାନ ଧରଣର ଖପରା ମିଳିବା ନିଶ୍ଚିତ ଭାବରେ ବିଭିନ୍ନ ନଦୀ ମାଧ୍ୟମରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରୁ ଆଭ୍ୟନ୍ତରୀଣ ଅଞ୍ଚଳ ସହିତ ନୌବାଣିଜ୍ୟ ରହିଥିବାର ସୂଚନା ପ୍ରଦାନ କରୁଛି। ଏହାସହିତ ଉପକୂଳ ଅଞ୍ଚଳରେ ଅବସ୍ଥିତ ସାମୁଦ୍ରିକ ବନ୍ଦରଗୁଡ଼ିକରୁ ମଧ୍ୟ ଏହି ଅଞ୍ଚଳର ସମ୍ପର୍କ ସୁଦୂର ଦରିଆପାରି ଦେଶମାନଙ୍କ ସହିତ ବ୍ୟବସାୟିକ ସମ୍ପର୍କ ଥିବାର ସୂଚନା ମିଳୁଛି। ସମ୍ପ୍ରତି ଐତିହାସିକମାନଙ୍କ ମତରେ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ଅଶୋକଙ୍କ କଳିଙ୍ଗ ଆକ୍ରମଣ କରିବାର ଅନ୍ୟ ଏକ କାରଣ ହୋଇପାରେ ବୋଲି ମଧ୍ୟ କୁହାଯାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଆସିଷ୍ଟାଣ୍ଟ୍ ପ୍ରଫେସର ଅନାମ ବେହେରାଙ୍କ ତତ୍ତ୍ୱାବଧାନରେ ଦେବୀନଦୀର ନିମ୍ନ ଅବବାହିକାରେ ଅନୁସନ୍ଧାନରୁ ତାମ୍ର ପ୍ରସ୍ତର ଯୁଗର ସାମଗ୍ରୀ ସଂଗୃହୀତ ହେବା ପରେ ଦେବୀନଦୀ ଉପତ୍ୟକାକୁ ନେଇ ସାଧାରଣରେ ଏବେ ଅସୁମାରୀ ଆଶା ସୃଷ୍ଟିହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୁଲୁଙ୍କ ପରିବାର ...

ସେହିଭଳି କିଛି ଦିନ ତଳେ ଭୁବନେଶ୍ୱରରେ ଲୁଲୁ ସେନା ତରଫରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଲଳିତେନ୍ଦୁ ଓ ଉପାସନା ମହାପାତ୍ର ଉପସ୍ଥିତ ରହିଥିଲେ। ସେହିଦିନଠାରୁ ଲୁଲୁଙ୍କ ପରିବାର ବିଜେପିରେ ମିଶିବେ ବୋଲି ଆକଳନ କରାଯାଉଥିଲା। ଏହି ମିଶ୍ରଣ ସମ୍ପର୍କରେ ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ପୃଥୀରାଜ ହରିଚନ୍ଦନ କହିଛନ୍ତି, ଆସନ୍ତା ୧୪ ତାରିଖରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ନେତା ବିଜେପିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଏଥିରେ ପ୍ରମୁଖ ନେତା ଭାବେ ଲୁଲଙ୍କ ସାନଭାଇ ଲଳିତେନ୍ଦୁ ମହାପାତ୍ର ଓ ତାଙ୍କ ସମର୍ଥକମାନେ ମଧ୍ୟ ବିଜେପିରେ ଯୋଗ ଦେବେ। ବ୍ରହ୍ମଗିରିରେ ବିଜେପି ଅପେକ୍ଷାକୃତ ଦୁର୍ବଳ ଥିଲା ବେଳେ ଲୁଲୁଙ୍କ ପରିବାରର ଯୋଗଦାନ ପରେ ବିଜେପି ଶକ୍ତିଶାଳୀ ହେବାର ସମ୍ଭାବନା ଦେଖାଦେଇଛି।

ଅନ୍ୟପକ୍ଷରେ ବିଜେପିର ମିଶ୍ରଣ ପର୍ବରେ ଆଉ ଦୁଇ ପୁରୁଖା ନେତା ଯୋଗଦେବେ ବୋଲି ଜଣାପଡିଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇ ଟାଣୁଆ ନେତା ବିଜେଡିର ପୂର୍ବତନ ବିଧାୟକ ଅଲେଖ ଜେନା ଏବଂ କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ମୁଖପାତ୍ର ଗଣେଶ୍ୱର ବେହେରା ମଧ୍ୟ ବିଜେପିରେ ଯୋଗଦେଇପାରନ୍ତି। ଅଲେଖ ପୂର୍ବରୁ ଦଳ ଛାଡ଼ିବାର ସଙ୍କେତ ଦେଇଥିଲା ବେଳେ ଗଣେଶ କଂଗ୍ରେସର ଗୋଷ୍ଠୀ ବିବାଦରେ ଅତିଷ୍ଠ ହୋଇ ଦଳ ଛାଡୁଛନ୍ତି ବୋଲି ଜଣାପଡିଛି। ଗଣେଶ୍ୱରଙ୍କ ପରି ଜଣେ ଅଭିଜ୍ଞ ଓ ଦକ୍ଷ ନେତା କଂଗ୍ରେସ ଛାଡ଼ିବା ପରେ କଂଗ୍ରେସର ସ୍ଥିତି ନିଶ୍ଚୟ ଖରାପ ଆଡକୁ ଯିବ ବୋଲି ଆଲୋଚନା କରାଯାଉଛି।

### ବିଜେଡି ...

ବିଜେଡିର ଜନସମ୍ପର୍କ ଯାତ୍ରାକୁ ବିଜେପି ପକ୍ଷରୁ ଟାର୍ଗେଟ କରାଯାଇଛି। ଏନେଇ ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି ଯେ, ଭୁବନେଶ୍ୱର ମହିଷାଖାଲ ବସ୍ତିରେ ଲୋକଙ୍କୁ ବଣ୍ଟା ଯାଇଥିବା ୮୦ଟି ଘର ମଧ୍ୟରୁ ୧୨ଜଣ ଅଯୋଗ୍ୟ ଲୋକଙ୍କୁ ଘର ବଣ୍ଟାଯାଇଛି। ସହରାଞ୍ଚଳରେ ବାସ କରୁଥିବା ଗରିବ ଲୋକଙ୍କୁ ୨୦୧୫ ସେପ୍ଟେମ୍ବର ମାସରେ ଘର ଯୋଗାଇଦେବା କଥା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ, କିନ୍ତୁ ଏପର୍ଯ୍ୟନ୍ତ ପ୍ରତିଶ୍ରୁତି ପୂରଣ ହୋଇନି। ସେହିଭଳି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କୁଆଡେ ଗଲା ବୋଲି ସମୀର ବିଜେଡିକୁ ପ୍ରଶ୍ନ କରିବା ସହ ଜଣ୍ଡିସରେ କେତେ ଜଣ ମରିଛନ୍ତି ତାହାର ହିସାବ ପାଇଁ ଆହ୍ୱାନ କରିଛନ୍ତି।

ସେହିଭଳି ବିରୋଧୀଙ୍କ ଅପପ୍ରଚାର ପ୍ରସଙ୍ଗରେ ନବୀନ ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧର୍ମେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ କାହାକୁ ଅପପ୍ରଚାର ବୋଲି କହୁଛନ୍ତି ? ରାଜ୍ୟରେ ବାରମ୍ବାର ପୋଲ ଭୁଶୁଡି ପଡୁଛି, ଖଟିଆରେ ବୁହାହୋଇ ଗର୍ଭବତୀ ମେଡିକାଲ ଆସୁଛନ୍ତି, ଖୋଲା ଆକାଶ ତଳେ ପ୍ରସୂତି ଛୁଆ ଜନ୍ମ କରୁଛି ଏସବୁ କ'ଣ ଅପପ୍ରଚାର ? ମୁଖ୍ୟମନ୍ତ୍ରୀ ଏହାର ଜବାବ ରଖନ୍ତୁ ବୋଲି ଶ୍ରୀ ପ୍ରଧାନ କହିବା ସହ ସିଏଜି ରିପୋର୍ଟରେ ଓଡ଼ିଶା ସରକାରଙ୍କ ଆର୍ଥିକ ପରିଚାଳନାକୁ ଭର୍ତ୍ସନା କରାଯାଇଥିବା ସମ୍ପର୍କରେ ବିଜେଡିକୁ ମନେପକାଇ ଦେଇଥିଲେ। କୃଷି ଓ କୃଷକଙ୍କ କଥା କହୁଥିବା ନବୀନ ସରକାର କାହିଁକି କୃଷି ଋଣ ଛାଡ କରୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ ଧର୍ମେନ୍ଦ୍ର। ସରକାରଙ୍କୁ ମିଥ୍ୟାର ସୌଦାଗର କହିବା ସହ ଶ୍ରୀ ପ୍ରଧାନ କହିଥିଲେ ଯେ, ଦୀର୍ଘ ସମୟ ଧରି ଶାସନ କ୍ଷମତାରେ ଥିବାରୁ ବିଜେଡି ଅହଂକାରୀ ହୋଇପଡିଲାଣି। ଆଗାମୀ ଦିନରେ ଲୋକେ ଏହାର ଦୃଢ଼ ଜବାବ ଦେବେ। ସେହିପରି ନବୀନ ସରକାରଙ୍କ ପିସି କାରବାର ସମ୍ପର୍କରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ଅବସରରେ କହିଛନ୍ତି ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ। ନବୀନ ସରକାର ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରିତ କରିଥିବା କଥା କହି ଜନତାଙ୍କୁ ସଚେତନ କରାଇଛନ୍ତି ଶ୍ରୀ ହରିଚନ୍ଦନ।

ଏଭଳି ସ୍ଥିତିରେ ଆଗକୁ ବିଜେପୁର ଉପନିର୍ବାଚନ। ବିଜେଡି-ବିଜେପିର କଡା ଆଭିମୁଖ୍ୟ ରାଜନୀତିକୁ ରୋଚକ କରିଥିଲା ବେଳେ ବିଜେପୁରରେ ପ୍ରଚାର ମଇଦାନରେ ମୁହାଁମୁହିଁ ହୋଇପାରନ୍ତି ନବୀନ-ଧର୍ମେନ୍ଦ୍ର। କଂଗ୍ରେସ ମଧ୍ୟ ପଛରେ ନପଡି ବିଜେପୁରରେ ଗୋଟି ଚାଳନା କରିପାରେ। କାରଣ ବିରୋଧୀଙ୍କ ଅପପ୍ରଚାର ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ କହିଛନ୍ତି ବିରୋଧୀ ଦଳ ନେତା ନରସିଂହ ମିଶ୍ର। ଶ୍ରୀ ମିଶ୍ର ନବୀନଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ନବୀନ ସରକାର ନିଜ ନିର୍ବାଚନୀ ଇସ୍ତାହାରରେ ଯାହା ଉଲ୍ଲେଖ କରିଥିଲେ ତାହା ଆଜିଯାଏ କାର୍ଯ୍ୟକାରୀ କରିନାହାନ୍ତି। ସରକାର ଦେଉଥିବା ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି। ଜମିକୁ ଜଳସେଚନ ସୁବିଧା ନାହିଁ କିମ୍ବା ବେକାରୀଙ୍କୁ ଚାକିରୀ ନାହିଁ, ଏକଥା ସାଧାରଣଙ୍କ ଦୃଷ୍ଟିକୁ ଆଣିବା କ'ଣ ଅପପ୍ରଚାର ବୋଲି ଶ୍ରୀ ମିଶ୍ର ମଧ୍ୟ ପାଲଟା ପ୍ରଶ୍ନ କରିଛନ୍ତି। ତେଣୁ ବିଜେପୁର ହିଁ ବିଜେଡି, ବିଜେପି ଓ କଂଗ୍ରେସର ପାରିବା ପଣିଆକୁ ପ୍ରମାଣ ଦେବ ବୋଲି ଚର୍ଚ୍ଚା ଜୋର ଧରିଛି। କାରଣ ବିଜେଡିରେ କଂଗ୍ରେସର ରୀତା ସାହୁ ଓ ବିଜେପିରେ ବିଜେଡିର ଅଶୋକ ପାଣିଗ୍ରାହୀଙ୍କ ମଧ୍ୟରେ କଡା ମୁକାବିଲା ହେବାର ଆଶଙ୍କା ରହିଛି। ବିଜେପୁର କଂଗ୍ରେସର ଦୁର୍ଗ ଥିଲା। ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ସେଠାରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ସବୁ ଦଳ ନଜରରେ ଏବେ ବିଜେପୁର ଥିବା ବେଳେ କଂଗ୍ରେସ କିନ୍ତୁ ନିରବ ରହିଥିବା ଦେଖାଯାଉଛି। ବିଜେପୁର ଉପନିର୍ବାଚନ ସମ୍ପର୍କରେ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ସେଭଳି କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ତେଣୁ ଏଭଳି ସ୍ଥିତିରେ କଂଗ୍ରେସର ଗଡ ବିଜେପୁରରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହା ମଧ୍ୟ ସ୍ଥିର କରିପାରିନାହିଁ। ତେବେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପୁର ଉପନିର୍ବାଚନ ଜିତିବା ସବୁ ଦଳ ପାଇଁ ନିଶ୍ଚିତ ଏକ ଚ୍ୟାଲେଞ୍ଜ ବୋଲି ଧରିନେବାକୁ ପଡିବ।

### ଅସନ୍ତୁଷ୍ଟଙ୍କୁ ...

ଏବେ ମଧ୍ୟ ଅଶୋକଙ୍କ ପ୍ରାର୍ଥିତ୍ୱକୁ ନେଇ ଦ୍ୱନ୍ଦ୍ୱରେ ଥିବା ବେଳେ ଏହାର ପ୍ରଭାବ ପ୍ରାର୍ଥୀ ଘୋଷଣା ପରେ ପ୍ରତିଫଳିତ ହେବାର ସମ୍ଭାବନା ରହିଛି। ତେବେ ବିଜେପିର ରାଜ୍ୟସ୍ତରୀୟ ନେତୃବୃନ୍ଦ ଏବଂ ଅଶୋକ ନିଜେ ଟିକଟ କାହାକୁ ଦିଆଯିବ ତାହା ଚୂଡ଼ାନ୍ତ ହୋଇନାହିଁ ବୋଲି କୁହାଯାଇଛି। ହେଲେ କେବଳ ଟିକଟ ଦେବା ପାଇଁ ଯେ ଅଶୋକଙ୍କୁ ଦଳକୁ ଅଣାଯାଇଛି, ଏକଥା ଅଛପା ନଥିଲେ ମଧ୍ୟ ବିଜେପିର ଦଳୀୟ ଟିକଟ ଘୋଷଣା ପରେ ଅସଲ କନ୍ଦଳ ପଦାକୁ ଆସିବ।

ସେହିପରି ଅସନ୍ତୋଷକୁ ପ୍ରଶମିତ କରିବାରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସକ୍ଷମ ହୋଇଛନ୍ତି। ଦଳର ଅସନ୍ତୁଷ୍ଟ ନେତା ପ୍ରଭାତ ଆଦିତ୍ୟ ମିଶ୍ର ଓ ତାଙ୍କର ସମର୍ଥକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ପରେ ସେମାନେ ଆଗାମୀ ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ନିମନ୍ତେ ଏକଜୁଟ ହୋଇ କାମ କରିବେ ବୋଲି ଘୋଷଣା କରିଛନ୍ତି। ବିଜେପୁରର ରାଜନୀତିକ ପରିସ୍ଥିତି ପ୍ରସଙ୍ଗରେ ଶ୍ରୀ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କ ସହ ମଧ୍ୟ ବିଚାରବିମର୍ଶ କରିଥିଲେ। ଅନ୍ୟପକ୍ଷରେ ବିଜେପୁର ନିର୍ବାଚନ ପରିଚାଳନା ଦାୟିତ୍ୱ ବରିଷ୍ଠ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ ପାଇଁ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ କହିବା ସହ ଅନୁକମ୍ପାମୂଳକ ଭୋଟ୍ ସମସ୍ତଙ୍କ ନିମନ୍ତେ ସବୁବେଳେ ପ୍ରଯୁଜ୍ୟ ନୁହେଁ ବୋଲି କହିଛନ୍ତି। ୨୦୦୯ ସାଧାରଣ ନିର୍ବାଚନରେ ବିଜେପୁରରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରଭାତ ଆଦିତ୍ୟ ମିଶ୍ର ୧୫ଟି ଗାଡ଼ିରେ ନିଜର ସମର୍ଥକମାନଙ୍କୁ ଧରି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜର ଅସନ୍ତୋଷ ଜଣାଇଥିଲେ। ବିଜେପୁର ନିର୍ବାଚନ ମଣ୍ଡଳୀର ଗାଇସିଲେଟ୍, ବରପାଲି, ବିଜେପୁର ବ୍ଲକର ଶତାଧିକ ଛାମୁଆ ବିଜେଡି କର୍ମୀ ଓ ନେତାଙ୍କ ସହ ଦଳୀୟ ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଲୋଚନା କରିଥିଲେ। ଆଗାମୀ ଉପ-ନିର୍ବାଚନରେ ବିଜେଡି ପ୍ରାର୍ଥୀନୀ ରୀତା ସାହୁଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ସମସ୍ତ କର୍ମୀଙ୍କୁ ସେ ଆହ୍ୱାନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶ୍ୱାସନା ପରେ ସେ ନିଜର ମତ ପରିବର୍ତ୍ତନ କରି ଦଳୀୟ ପ୍ରାର୍ଥୀଙ୍କ ବିଜୟ ଦିଗରେ କାମ କରିବେ ବୋଲି ଶ୍ରୀ ମିଶ୍ର ଘୋଷଣା କରିଛନ୍ତି। ସେ କହିଥିଲେ ଯେ ଏ ଲଢ଼େଇ ବିଜେଡିର ସ୍ୱାଭିମାନ ପାଇଁ । ସମସ୍ତ ଶକ୍ତି ଖଟାଇ ଦଳୀୟ ପ୍ରାର୍ଥୀ ରୀତା ସାହୁଙ୍କୁ ଜିତାଇବା ପାଇଁ ସେ ନିଜେ ଉଦ୍ୟମ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ତାଙ୍କ ମନରେ ରହିଥିବା ଅସନ୍ତୋଷ ଦୂର ହୋଇଛି। ଏକଜୁଟ ହୋଇ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ।

### କେମିଷ୍ଟ୍ରିରେ ...

ୟୁନିଭରସିଟି ଏବଂ ହେଣ୍ଡରସନ୍ ବ୍ରିଟେନ୍‌ର କେମ୍ବ୍ରିଜ୍ ୟୁନିଭରସିଟି ଅନ୍ତର୍ଗତ ଏମ୍‌ଆର୍‌ସି ମଲିକୁଲାର୍ ବାୟୋଲୋଜି ଲାବୋରେଟୋରିରେ କାର୍ଯ୍ୟରତ ଅଛନ୍ତି। ଏହି ୩ ବୈଜ୍ଞାନିକଙ୍କର ଆବିଷ୍କୃତ ତଥ୍ୟ ଜୈବ ରସାୟନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ସୁଇଡିସ୍ ଏକାଡେମୀ ପକ୍ଷରୁ କୁହାଯାଇଛି।

### ମରୁଡି ...

ପକ୍ଷରୁ ନୋଡାଲ୍ ଅଫିସର ନିଯୁକ୍ତ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଗତ ୧୬ ତାରିଖରେ ରାଜ୍ୟରେ ମରୁଡ଼ି ପରିସ୍ଥିତି ନେଇ ୭ ଦିନ ମଧ୍ୟରେ ପଞ୍ଚାୟତୱାରୀ ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ମନ୍ତ୍ରିସ୍ତରୀୟ ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ କୃଷିମନ୍ତ୍ରୀ ଡା. ଦାମୋଦର ରାଉତ, ଯୋଗାଣମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ଓ ଶକ୍ତି ଓ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ରାଜସ୍ୱମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ୧୪ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ କମ ବର୍ଷା ହୋଇଛି। ଏଥିରେ ପାଖାପାଖି ୪୦ ହଜାର ହେକ୍ଟର ଜମିରେ ମରୁଡ଼ି ହୋଇଥିବା ଅନୁମାନ କରାଯାଉଛି। ତେବେ ପଞ୍ଚାୟତୱାରୀ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ସେ କହିଥିଲେ। ମାତ୍ର ଇତି ମଧ୍ୟରେ ୧୭ ଦିନରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଅଧିକାଂଶ ଜିଲ୍ଲାପାଳ ରିପୋର୍ଟ ଦେଇନାହାନ୍ତି, ଫଳରେ ମୁଖ୍ୟମନ୍ତ୍ରୀ ନିଜେ ଆସନ୍ତା ୧୫ ତାରିଖ ସୁଦ୍ଧା ବିସ୍ତୃତ ରିପୋର୍ଟ ଦେବା ପାଇଁ ପୁଣି ଥରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କମ୍ ବୃଷ୍ଟିପାତ ହୋଇଥିବା ଅଞ୍ଚଳରେ ଏଗୁଡ଼ିକ କାର୍ଯ୍ୟକ୍ଷମ କରିବା ନେଇ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କେନାଲ ଜଳର ସୁପରିଚାଳନା ନେଇ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ତା'ଛଡ଼ା ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଯେପରି ଲୋକମାନେ ପର୍ଯ୍ୟାପ୍ତ କାମ ପାଇପାରିବେ ସେ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କଥା ସରକାର ଗତ ବିଧାନସଭା ଅଧିବେଶନ ସମୟରେ ସ୍ୱୀକାର କରିଥିଲେ।

### ପହଞ୍ଚିପାରୁନି ...

ସଦ୍ୟତମ ଘଟଣା ଅନୁଯାୟୀ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଏସ୍‌ପତ୍ରାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କୁସୁମପାଲି ଗାଁରେ ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ ପହଞ୍ଚି ପାରିଲାନାହିଁ। ତେଣୁ ଜଣେ ଗର୍ଭବତୀ ପରିବାର ଲୋକଙ୍କ ସହ ପାଣିନାଳ ଟପି ଜଙ୍ଗଲିଆ ରାସ୍ତାରେ ଚାଲିଚାଲି ଆସିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଗାଁର ଜୀବନବାସୀ ବେଙ୍ଗରାଙ୍କ ପତ୍ନୀ ବାହାଲେନ୍‌ଙ୍କ ପ୍ରସବ ବେଦନା ଆରମ୍ଭ ହେବାକରୁ ଆଶାକର୍ମୀଙ୍କୁ ଖବର ଦିଆଯାଇଥିଲା। ଏହି ସମୟ ମଧ୍ୟରେ ୧୦୮ ଆମ୍ବୁଲାନ୍ସକୁ ମଧ୍ୟ ଯୋଗାଯୋଗ କରାଯାଇଥିଲେ ବି ମାଓ ଅଧ୍ୟୁଷିତ ଏହି ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନପାରି ବାଟରେ ଅଟକି ରହିଥିଲା। ତେଣୁ ବାଧ୍ୟ ହୋଇ ଗର୍ଭବତୀ ଜଣକ ଚାଲିଚାଲି ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପରେ ସେଠାରୁ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଏଭଳି ସମସ୍ୟାର ସମାଧାନ ଦିଗରେ ବିଭାଗ ତତ୍ପର ନହେଲେ ପରିସ୍ଥିତି ଜଟିଳ ହୋଇପଡିବାର ଆଶଙ୍କା ରହିଛି।

### ଟଙ୍କିକିଆ ...

ଶ୍ରୀ ଜାଭଡ଼େକର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଓଡ଼ିଶା ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। କେନ୍ଦ୍ରୀୟ ଯୋଜାନଗୁଡ଼ିକୁ ରାଜ୍ୟ ସରକାର ହଡ଼ପ କରି ନିଜ ଚେହେରା ଓ ନାମ ଲଗାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜାଭଡ଼େକର୍ କହିଥିଲେ, ନବୀନର ସରକାର ଅପାରଗ, ଏଥିରେ କୌଣସି ସନ୍ଦେହ ନାହିଁ। ଓଡ଼ିଶା ବିପୁଳ ସମ୍ଭାବନାର ରାଜ୍ୟ ହୋଇଥିଲା ବେଳେ ବିକାଶ କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇନାହିଁ। ଏଥିପାଇଁ ରାଜ୍ୟର ଲୋକେ ଅସନ୍ତୁଷ୍ଟ ଅଛନ୍ତି ଓ ବିଜେଡି ଠାରୁ ଏହାର ଉତ୍ତର ଚାହୁଁଛନ୍ତି। କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ରାଜ୍ୟ ସରକାର ହଡ଼ପ କରୁଛନ୍ତି। ଏହାର ଗୋଟିଏ ଉଦାହରଣ ହେଉଛି ଟଙ୍କିକିଆ ଚାଉଳ। ଟଙ୍କିକିଆ ଚାଉଳ ରାଜ୍ୟ ସରକାର ଦେଉଛନ୍ତି ବୋଲି ବାହାବା ନେଉଛନ୍ତି। ମାତ୍ର ଏଥିରେ ୨୭ ଟଙ୍କା କେନ୍ଦ୍ର ସରକାର ଦେଉଛନ୍ତି ଏବଂ ରାଜ୍ୟ ସରକାର କେବଳ ୨ ଟଙ୍କା ଦେଉଛନ୍ତି। ଏହା ନବୀନ ଚାଉଳ ନୁହେଁ, ମୋଦି ଚାଉଳ ବୋଲି ଓଡ଼ିଶା ଲୋକେ ବୁଝିସାରିଲେଣି। ଅନ୍ୟପକ୍ଷରେ ଜାଭଡ଼େକରଙ୍କ ମନ୍ତବ୍ୟର ଜବାବ ରଖିଛି ବିଜେଡି ଓ କଂଗ୍ରେସ। ବିଜେଡି ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ପ୍ରତାପ ଦେବ କହିଛନ୍ତି, ପ୍ରଥମେ ଶ୍ରୀ ଜାଭଡେକର ଜାଣିବା ଦରକାର ଦୁଇ ଟଙ୍କିଆ ଚାଉଳ ପ୍ରଥମେ ରାଜ୍ୟ ସରକାର ୨୦୦୮ ମସିହାରୁ ଆରମ୍ଭ କଲେ। ଏହାକୁ ଅନୁସରଣ କରି କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରି ୨୦୧୩ ଅକ୍ଟୋବର ମାସରେ ଯେତେବେଳେ ବିଜେପି ବିରୋଧୀ ଦଳରେ ଥିଲା ଏବଂ ନରେନ୍ଦ୍ର ମୋଦି ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିଲେ। ଏଥିରେ ମୋଦି ଚାଉଳ କୋଉଠୁ ଆସିଲା ଭଗବାନଙ୍କୁ ଜଣା ? ଚାଉଳ ଯେଉଁ ସେମାନେ ବାରମ୍ବାର କହୁଛନ୍ତି କେନ୍ଦ୍ର ଦେଉଛି ଭାରତ ସରକାର କୌଣସି ଦୟା କରୁନାହିଁ। ପ୍ରଥମେ ଖାଦ୍ୟ ସୁରକ୍ଷା ବିଲ୍ ନଥିବା ପୂର୍ବରୁ ଏହା ସଂଘୀୟ ବ୍ୟବସ୍ଥା ଭିତରେ କେନ୍ଦ୍ର ଖାଦ୍ୟ ସୁରକ୍ଷା ଦେବାକୁ ବାଧ୍ୟ। ଦ୍ୱିତୀୟରେ ଖାଦ୍ୟ ନିରାପତ୍ତା ଆଇନ୍ ହେବା ପରେ ଆଇନ ବଳରେ ସେ ଦେଉଛନ୍ତି। ଏଠି ମୋଦି କୋଉଠୁ ଆସିଲେ ଓ ସେ ତାଙ୍କ ଘରୁ ଆଣି ଦେଉଛନ୍ତି ନା ବିଜେପି ତାଙ୍କ ଅଫିସ୍‌ରୁ ଦେଉଛନ୍ତି। ଏକଥା କହିବା ବିଭ୍ରାନ୍ତିକର ଏବଂ ଏଥିରେ କୌଣସି ତଥ୍ୟ ନାହିଁ। ଜନସାଧାରଣ ଭିତରେ ରାଜନୀତିକ ମତ ରଖିବା ଛଡା ଆଉ କିଛି ନାହିଁ। ବିରୋଧୀଦଳ ନେତା ନରସିଂହ ମିଶ୍ର ଉଭୟ ବିଜେଡି ଓ ବିଜେପିକୁ ସମାଲୋଚନା କରିବା ସହ ଏହି ଚାଉଳ ପ୍ରଦାନ କରିବା ନିଷ୍ପତ୍ତିର ଶ୍ରେୟ ପୂର୍ବତନ କଂଗ୍ରେସ ପ୍ରଧାନ ମନ୍ତ୍ରୀ ମନମୋହନ ସିଂଙ୍କୁ ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ସାରା ଦେଶରେ ଏବଂ ଓଡ଼ିଶାରେ ଶସ୍ତାରେ ଯେଉଁ ଚାଉଳ ଦିଆଯାଉଛି ଏହା ମୋଦି ଚାଉଳ ନା ନବୀନ ଚାଉଳ। ଏହି ଚାଉଳ କାହାର ପୈତୃକ ସମ୍ପତ୍ତି ନୁହେଁ। ଖାଦ୍ୟ ସୁରକ୍ଷା ଆଇନ ପ୍ରସ୍ତୁତ କରାଯାଇଥିଲା ପାର୍ଲାମେଣ୍ଟରେ, ଯେତେବେଳେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିଲେ। ସେତେବେଳେ କଂଗ୍ରେସ ଦଳ ନେତୃତ୍ୱରେ କେନ୍ଦ୍ରରେ ସରକାର ଥିଲା। ଏହି ଆଇନ୍ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ସରକାର କେଜିଏ ଚାଉଳ ୩ ଟଙ୍କା ରାଜ୍ୟ ସରକାରମାନଙ୍କୁ ଦେଉଛି। ତିନି ଟଙ୍କାରେ ଚାଉଳ ପାଇବା ପରେ ରାଜ୍ୟ ସରକାର ରାଜକୋଷରୁ ୨ ଟଙ୍କା ଦେଇ ଲୋକଙ୍କ ପାଖରେ ଟଙ୍କାକରେ ଏହା ପହଞ୍ଚାଉଛନ୍ତି। ଏଣୁ ଯଦି କିଏ ଦାବି କରିଥାଏ, ଯେ ଚାଉଳ ମୋର ପୈତୃକ ସମ୍ପତ୍ତି, ତାହାହେଲେ ସେଇଟା ଭୁଲ୍। ତେବେ ପୁଣିଥରେ ଟଙ୍କିକିଆ ଚାଉଳକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

### ଦୂଷିତ ପାଣି ...

ବିଶେଷ କରି ପଦ୍ମପୁର ଇନ୍ଦିରା ନଗର, ସୌରା ସାହି, ଗିରିଧାରୀ ସାହି, ଠାକୁରାଣୀ ସାହି, ବଡସାହି ଭଳି ଅଞ୍ଚଳରେ ଯଥେଷ୍ଟ ପରିମାଣର ପାଣି ପହଞ୍ଚି ପାରୁନଥିବାରୁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି । ଅନ୍ୟପଟେ ସ୍ଥାନୀୟ ରେଣୁକା ରାଇସ୍ ମିଲ୍ ନିକଟରେ ମୁଖ୍ୟ ପାଇପ୍ ଦୀର୍ଘ ୧ ବର୍ଷ ହେଲା ଫାଟି ମେଲାପଡିଛି। ଫଳରେ ଏହି ପାଣି ପାଇପ୍ ଦେଇ ମାଟି କାଦୁଅ ଓ ଡ୍ରେନର ଆବର୍ଜନା ପ୍ରବାହିତ ହେଉଛି । ଏହି ଦୂଷିତ ପାଣିକୁ ଲୋକେ ବାଧ୍ୟ ହୋଇ ବ୍ୟବହାର କରୁଛନ୍ତି । ତେବେ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ପାଣିକୁ ବିଶୁଦ୍ଧ କରାଯାଇ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଫାଟି ଯାଇଥିବା ମୁଖ୍ୟ ପାଇପ୍‌କୁ ବିଭାଗ ପକ୍ଷରୁ ମରାମତି କରାଯାଉନଥିବା ଲୋକେ ଅଭିଯୋଗ କରିଛନ୍ତି ।

ଏପରିକି ଏହି ଦୂଷିତ ପାଣି ପିଇ ଗତବର୍ଷ ଜୁମୁଗୁଡା ଗ୍ରାମର ବହୁ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ସେହିପରି ବିଭିନ୍ନ ସମୟରେ ଲୋକେ ଏହି ପାଣି ପିଇ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ପାଇପ୍‌ର ଦୂଷିତ ପାଣି ପିଇ ପଦ୍ମପୁର ଇନ୍ଦିରା ନଗରରେ ରହୁଥିବା ରାମ ସାହୁଙ୍କ ପରିବାରର ୨ ଜଣ ସଦସ୍ୟଙ୍କ ଗତ ୨୫ ଦିନ ମଧ୍ୟରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି । ଦୂଷିତ ପାଣି ପିଇବା ଦ୍ୱାରା ରାମଙ୍କ ବୋହୂ ସରସ୍ୱତୀ ସାହୁ (୪୫) ଓ ନାତି ସନ୍ତୋଷ ସାହୁ (୨୦) ଙ୍କୁ ଜ୍ୱର ଓ ଝାଡାବାନ୍ତି ହୋଇଥିଲା ପରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବା ରାମ ଅଭିଯୋଗ କରିଛନ୍ତି । ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ବାଧ୍ୟ ହୋଇ ଏହି ଦୂଷିତ ପାଣି ପିଉଛନ୍ତି । ପଦ୍ମପୁରବାସୀଙ୍କ ନିମନ୍ତେ ଆଉ ଏକ ନୂତନ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ସ୍ଥାନୀୟ ବାସିନ୍ଦା ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଦାବି କରି ଆସୁଛନ୍ତି । ଏପରିକି ଏହି ସମସ୍ୟା ସଂପର୍କରେ ଲୋକେ ସ୍ଥାନୀୟ ଜନ ପ୍ରତିନିଧି ତଥା ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ଏହାପରେ ବି ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ କେହି କର୍ଣ୍ଣପାତ ନକରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଲୋକେ କହିଛନ୍ତି । ଏନେଇ ସ୍ଥାନୀୟ ଆରଡବ୍ଲୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଗୀତାଞ୍ଜଳି ହୁଇକାଙ୍କୁ ପଚାରିବାରୁ ପଦ୍ମପୁର ପାନୀୟ ଜଳ ସମସ୍ୟା ସଂପର୍କରେ ବିଭାଗ ଅବଗତ ରହିଛି । ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି । ଅନ୍ୟପଟେ ଯଦି ଶୀଘ୍ର ପାନୀୟ ଜଳ ସମସ୍ୟାର ସାମାଧାନ ନହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ମହଲରୁ ଚେତାବନୀ ଦିଆଯାଇଛି ।






# ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍ : ଟପ୍-୫ରେ ରୋହିତ

**ଦୁବାଇ :** ଭଲ ଫର୍ମରେ ଥିବା ଭାରତୀୟ ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ର ଶୀର୍ଷ-୫କୁ ଫେରିଛନ୍ତି। ଅନ୍ୟପକ୍ଷରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ରୋହିତ ଚାରୋଟି ପାଦ ଉପରକୁ ଚଢ଼ି ଏବେ ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଶେଷ ହୋଇଥିବା ଦିନିକିଆ ସିରିଜ୍‌ରେ ରୋହିତ ସର୍ବାଧିକ ୨୯୬ ରନ୍ କରିଥିଲେ। ଏହା ମଧ୍ୟରେ ନାଗପୁରଠାରେ ଖେଳାଯାଇଥିବା ଅନ୍ତିମ ଦିନିକିଆରେ ତାଙ୍କର ୧୨୫ ରନ୍‌ର ଶତକୀୟ ଇନିଂସ୍ ସାମିଲ୍ ଅଛି। ଏହି ମ୍ୟାଚ୍‌କୁ ୭ ୱିକେଟ୍‌ରେ ଜିତିବା ସହ ଭାରତ ଟିମ୍ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାସଲ କରିଛି। ରୋହିତଙ୍କର ଏବେ କ୍ୟାରିୟରର ଶ୍ରେଷ୍ଠ ୭୯୦ ପଏଣ୍ଟ ହୋଇଛି। ତେବେ ଏହା ପୂର୍ବରୁ ୨୦୧୬, ଫେବୃଆରୀରେ ରୋହିତ କ୍ୟାରିୟରର ଶ୍ରେଷ୍ଠ ତୃତୀୟ ସ୍ଥାନ ହାସଲ କରିଥିଲେ। ରୋହିତଙ୍କ ଓପନିଂ ପାର୍ଟନର୍ ଆଜିଙ୍କ୍ୟ



ରାହାଣେ ଚାରୋଟି ସ୍ଥାନ ଉପରକୁ ଉଠି ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲୀୟ ଓପ୍ନର ଆରୋନ୍ ଫିଞ୍ଚ୍ ଓ ଡେଭିଡ୍ ୱାର୍ଣ୍ଣର ମଧ ର୍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଛନ୍ତି। ଫିଞ୍ଚ୍ ୯ଟି ସ୍ଥାନ ଉଠି ୧୭ଶ ଏବଂ ୱାର୍ଣ୍ଣର ୮୬୫ ପଏଣ୍ଟ ସହ ଦ୍ୱିତୀୟରେ ଅଛନ୍ତି। ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ କେଦାର ଯାଦବ କ୍ୟାରିୟରର ଶ୍ରେଷ୍ଠ ୩୬ତମ ଏବଂ ମାର୍କସ୍ ଷ୍ଟୋଇନିସ୍ ୫୪ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ମାନ୍ୟତାରେ ସାଉଥ୍ ଆଫ୍ରିକା ଲେଗ୍ ସ୍ପିନର୍ ଇମ୍ରାନ୍ ତାହିର ଶୀର୍ଷ ସ୍ଥାନ କବ୍‌ଜା କରିଛନ୍ତି। ଅଷ୍ଟ୍ରେଲୀୟ ସ୍ପିଡ୍‌ଷ୍ଟାର୍ ଜୋଶ୍ ହେଜଲଉଡ୍ ଆହତ କାରଣରୁ ଭାରତ ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି, ଯାହାର ଫାଇଦା ତାହିର୍‌ଙ୍କୁ ହୋଇଛି। ଭାରତୀୟ ବାମହାତୀ ସ୍ପିନର୍ ଅକ୍ଷର ପଟେଲ ତିନୋଟି ସ୍ଥାନ ଉଠି କ୍ୟାରିୟରର ଶ୍ରେଷ୍ଠ ସପ୍ତମ ସ୍ଥାନରେ ପହଞ୍ଚିଥିବା ବେଳେ ଯୁଜବେନ୍ଦ୍ର ଚହଲ୍ ୨୪ଟି ସ୍ଥାନ ଉଠି ୭୫ତମ ଏବଂ କୁଲଦୀପ ଯାଦବ ୯ଟି ସ୍ଥାନ ଉଠି ୮୦ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡର ତାଲିକାରେ ବାଂଲାଦେଶର ସାକିବ୍ ଅଲ୍ ହାସନ୍ ଶୀର୍ଷରେ ଥିବା ବେଳେ ଇଂଲଣ୍ଡର ବେନ୍ ଷ୍ଟୋକ୍ସ ଟପ୍-୫ରେ ପହଞ୍ଚିଛନ୍ତି।






## ୨୭ ବର୍ଷରେ ପାଦ ଥାପିଲା ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ ଲକ୍ଷ୍ମୀପୂଜା

# ମନ ଜିଣୁଛି ମୀନାବଜାର

**ଭୁବନେଶ୍ୱର :** ଉତ୍ତର ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳ ଭାବେ ପରିଚିତ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ଅନୁଷ୍ଠିତ ଲକ୍ଷ୍ମୀପୂଜା ଚଳିତଥର ୨୭ ବର୍ଷରେ ପାଦ ଥାପିଛି। କଲୋନୀର ମଧ୍ୟସ୍ଥଳରେ ଥିବା ଦୁର୍ଗାପୂଜା ପଡିଆରେ ଆୟୋଜିତ ଏହି ଉତ୍ସବ ସ୍ଥାନୀୟ ଅଧିବାସୀଙ୍କୁ ଆଧ୍ୟାତ୍ମିକତା ଓ



ମନୋରଞ୍ଜନର ଭରପୁର ଖୋରାକ ଯୋଗାଉଛି। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଲକ୍ଷ୍ମୀପୂଜାରେ ଶତାଧିକ ଦୋକାନବଜାର, ପିଲାଙ୍କ ମନୋରଞ୍ଜନ ପାଇଁ ଖେଳ, ଚଟପଟି ଖାଦ୍ୟ ସମ୍ଭାର ସାଙ୍ଗକୁ ମେଳା ପଡିଆରେ ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ଓ ୧୫ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସମ୍ପାଦକ ଆଇନ୍‌ଜୀବୀ ସଞ୍ଜୟ କୁମାର ସାହୁ କହିଛନ୍ତି।

ଶାନ୍ତି ଶୃଙ୍ଖଳାର ସହ ଚାଲୁଥିବା ଏହି ଲକ୍ଷ୍ମୀପୂଜାର





ସଫଳତା ପାଇଁ ଦୀର୍ଘ ବର୍ଷରୁ ସ୍ଥାନୀୟ ବ୍ୟବସାୟୀ ସଂଘ ନିଷ୍ଠାପର ଉଦ୍ୟମ କରିଆସୁଛି। ଅନୁଷ୍ଠାନର ଉପଦେଷ୍ଟା ସମାଜସେବୀ ଭଜନୀ ଜେନା, କର୍ପୋରେଟର ମୋନାଲିସା ସାହୁ ଏବଂ କମିଟିର ଅଧ୍ୟକ୍ଷା ବନଜାଲକ୍ଷ୍ମୀ ଜେନା, ଉପସଭାପତି ଗୋଲକଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ମିଶ୍ର, ଯୁଗ୍ମ ସମ୍ପାଦକ



ଅନିରୁଦ୍ଧ ଲେଙ୍କା, ବାଳକୃଷ୍ଣ ପଣ୍ଡା, ପ୍ରମୋଦକୁମାର ସାହୁ, ବରଦା ପ୍ରସନ୍ନ ଖଣ୍ଡୁଆଳ ପ୍ରମୁଖଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଏହି ପୂଜା ଉତ୍ସବ ମର୍ଯ୍ୟାଦାପୂର୍ଣ୍ଣ ହୋଇପାରିବା ସହ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଭାଇଚାରା ସୃଷ୍ଟି କରିଛି। ଚନ୍ଦ୍ରଶେଖରପୁର ଥାନା ପକ୍ଷରୁ ମେଳା ପରିସରରେ ଆଇନ୍‌ଶୃଙ୍ଖଳା ପାଇଁ ବିହିତ ପଦକ୍ଷେପ ନିଆଯାଇଛି।

## ବିରାଜିଲେ ଧନଦାତ୍ରୀ



ଚନ୍ଦ୍ରାଲୋକ ମାର୍କେଟ





ସେକ୍ଟର-୧ ଛକ, ନୀଳାଦ୍ରି ବିହାର

# ଆଞ୍ଚଳିକ ଖବର

## ପୂର୍ବତନ ବାଚସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ୧୧୩ତମ ଜୟନ୍ତୀ

# ପ୍ରାର୍ଥନାଙ୍କୁ 'ସତ୍ୟପ୍ରିୟ ମହାନ୍ତି ସମ୍ମାନ'

**ଭୁବନେଶ୍ୱର :** ସାମ୍ପ୍ରତିକ ସମୟରେ ଜାତି ତଥା ମାଟି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାପୁରୁଷମାନଙ୍କୁ ମନେ ରଖି ସେମାନଙ୍କ ମହତ ଉଦ୍ଦେଶ୍ୟକୁ ଆଜିର ଯୁବପିଢ଼ି କାର୍ଯ୍ୟକାରୀ କରିପାରିଲେ ସମାଜର ବିକାଶ ସାଧିତ ହୋଇପାରିବ। ପୂର୍ବତନ ବାଚସ୍ପତି ସ୍ୱର୍ଗତଃ ସତ୍ୟପ୍ରିୟ ମହାନ୍ତି ସେଭଳି ଜଣେ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ନୀତି ଓ ଆଦର୍ଶ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିଥିଲା। ତେଣୁ ତାଙ୍କ ଅବର୍ତ୍ତମାନରେ ଆଜିର ପିଲାମାନେ ସେହି ଆଦର୍ଶକୁ ଅନୁସରଣ କରି ଆଗକୁ ବଢ଼ିବା ଉଚିତ୍ ବୋଲି ସତ୍ୟପ୍ରିୟ ମହାନ୍ତିଙ୍କ ୧୧୩ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଏହା କହିଥିଲେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଗବେଷକ ପ୍ରଫୁଲ୍ଲ କୁମାର ତ୍ରିପାଠୀ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ବାଳକାଟି ସ୍ଥିତ ମା' ଦୁଲାଦେଈ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଏବଂ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଇଏମ୍ ସ୍କୁଲର ଛାତ୍ରୀ ପ୍ରାର୍ଥନା ଦାଶଙ୍କ ସମେତ ମୌସୁମୀ ମହାନ୍ତି, ପ୍ରିୟଙ୍କା ମହାନ୍ତି, ପ୍ରିୟଦର୍ଶିନୀ ମହାନ୍ତି,



ଉମାଶଙ୍କର ମହାପାତ୍ର, ସୁଶ୍ରୀ ସୌମ୍ୟା ମିଶ୍ର, ଲିଜା ସାହୁ, ଜ୍ୟୋତିରଞ୍ଜନ ସାହୁ, ସ୍ୱାତିସାଗରିକା ସାହୁ, ନୃସିଂହ ପୃଷ୍ଟି, ଅଲେଖ ସାହୁ, ମାମୁନି ଭୋଇ, ରାକେଶ ସାହୁ, ପୂଜାଲିନି ସାହୁ ପ୍ରମୁଖଙ୍କୁ 'ସତ୍ୟପ୍ରିୟ ମହାନ୍ତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ସତ୍ୟପ୍ରିୟ ମହାନ୍ତି ସ୍ମୃତି କମିଟି ପକ୍ଷରୁ ବେଣୁଧର ଭୋଇ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସରପଞ୍ଚ ଭାଗ୍ୟଧର ନନ୍ଦୀ, ଆଇନଜୀବୀ ଅଜିତ କୁମାର ଦାସ, କବି ଡ. ରଜନୀ ରଞ୍ଜନ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱର୍ଗତଃ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବନମାଳୀ ସାହୁ, ବିପିନ୍ ବିହାରୀ ପାତ୍ର, ସୁଧିର କୁମାର ଦାସ, ଆଇନ୍‌ଜୀବୀ ମନୋଜ ନାୟକ, କାହ୍ନୁଚରଣ ଦାସ, ନାରାୟଣ ସାହୁ, ସୋମନାଥ ବେହେରା, ସୁରେଶଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପରିଶେଷରେ ସଙ୍ଗୀତଜ୍ଞ ଉପେନ୍ଦ୍ର ପ୍ରଧାନ ଏବଂ ତାଙ୍କ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ବସନ୍ତ କୁମାର ଦାଶ।

# ଅନ୍ୱିତା ଅନ୍ୱେଷାଙ୍କୁ ଜାତୀୟ ନୃତ୍ୟଶ୍ରୀ ସମ୍ମାନ



**ଭୁବନେଶ୍ୱର :** ଭଲ ପାଠପଢ଼ା ସହ ଓଡ଼ିଶୀ ନୃତ୍ୟ ପ୍ରତି ଗଭୀର ଅନୁରକ୍ତି ଦେଖାଉଥିବା ୭ମ ଶ୍ରେଣୀ ଛାତ୍ରୀ ଅନ୍ୱିତା ଅନ୍ୱେଷା 'ଜାତୀୟ ନୃତ୍ୟଶ୍ରୀ ସମ୍ମାନ'ରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱରର ମଧୁସୂଦନ ନଗରରେ ରହୁଥିବା ଅନ୍ୱିତା ସମ୍ପ୍ରତି ସେଣ୍ଟ ଜାଭିୟର ସ୍କୁଲର ଛାତ୍ରୀ। ପିଲାଟି ଦିନରୁ ନୃତ୍ୟ ପ୍ରତି ଅହେତୁକ ମୋହ ହେତୁ ସେ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରତି ମନ ବଳାଇଥିଲେ। ନୃତ୍ୟଗୁରୁ ନୀଳାଦ୍ରି ମହାନ୍ତି, ବାପା ଆଇନ୍‌ଜୀବୀ ଅକ୍ଷୟ କୁମାର ଦାସ ଓ ମା' ଜୟଶ୍ରୀ ଦାସଙ୍କ ପ୍ରେରଣା ଅନ୍ୱିତାଙ୍କୁ ସଫଳତାର ରାସ୍ତା ଦେଖାଇଛି। କଟକରେ ଅନୁଷ୍ଠିତ ଅଲଇଣ୍ଡିଆ ଡ୍ରାମା, ଡ୍ୟାନ୍ସ ଥିଏଟର, ଅଲମ୍ପିଆଡ୍ ଅବସରରେ ଅନ୍ୱିତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ସେ ଜୟଦେବ ରାଷ୍ଟ୍ରୀୟ ସମାରୋହରେ ଉଲ୍ଲେଖନୀୟ ନୃତ୍ୟ ପ୍ରଦର୍ଶନ କରି 'ନୃତ୍ୟ କୌମୁଦୀ' ସମ୍ମାନ ଲାଭ କରିଥିଲେ। ଅଧ୍ୟୟନ ସହ ନୃତ୍ୟ ଶିକ୍ଷା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବା ଅନ୍ୱିତା ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି।



ଭୁବନେଶ୍ୱର : ସଂସ୍କୃତି ବିଭାଗ ସହଯୋଗରେ ଫିଲ୍ମ ଜର୍ଣ୍ଣାଲିଷ୍ଟ ଫୋରମ୍ ପକ୍ଷରୁ ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ 'ଗୀତିଛାୟା' ଲୋକାର୍ପଣ ଅବସରରେ ଦେଶର ବିଶିଷ୍ଟ ବଂଶୀବାଦକ ପଦ୍ମବିଭୂଷଣ ହରିପ୍ରସାଦ ଚୌରାସିଆଙ୍କ ସହ ସମାଜସେବୀ କଳ୍ପନା ଦ୍ୱିବେଦୀ

# ପୂଜା ମଣ୍ଡପରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ

**ଚନ୍ଦ୍ରଶେଖରପୁର :** କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଚଳିତ ବର୍ଷ ଦଶହରା ଅବସରରେ ଉତ୍ତର ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ମା' ଦୁର୍ଗାଙ୍କ ନିକଟରେ ଓଡ଼ିଶାର ଜନସାଧାରଣଙ୍କ ସୁଖ, ସମୃଦ୍ଧି ପାଇଁ ପ୍ରାର୍ଥନା କରିବା ସହିତ ଶ୍ରୀ ପଟ୍ଟନାୟକ ସ୍ଥାନୀୟ ପୂଜା କମିଟିର କର୍ମକର୍ତ୍ତାମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ପୂର୍ବତନ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଚନ୍ଦ୍ରଶେଖରପୁର



ଅଞ୍ଚଳର ବିଭିନ୍ନ ପୂଜା କମିଟି ତରଫରୁ ସ୍ୱାଗତ କରାଯାଇଥିଲା। ତାଙ୍କ ସହ ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟିର ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ନୀଳାଦ୍ରି ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟିର ଉପଦେଷ୍ଟା ଆଇନଜୀବୀ ମନମୋହନ ପଟ୍ଟନାୟକ, ସଭାପତି ଅକ୍ଷୟ ମିଶ୍ର ଏବଂ ଏନ୍‌ୱାଇସିଏର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ ରାଜଧାନୀର ପୂଜା ସଂସ୍କୃତି ସମ୍ପର୍କରେ କଥା ହୋଇଥିଲେ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**